# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୯/୨୦୨୫ (୧୬ ପୃଷ୍ଠା+ଛୁଟିଦିନ) Bhubaneswar, Sunday, October 19/2025 Page 16 ₹ 7.00

୫୧ଶ ଭାଗ ୩୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 323 ମୂଲ୍ୟ₹୭/-






A quality product from
PAN BAHAR
ଶୁଭ ଦୀପାବଳି
ସବୁଆଡ଼େ
बहार
ଅଛି!
NEW PACK
PAN BAHAR PRODUCTS (P) LTD.
बहार
खानदानी
इलायची
This contains sodium saccharin (INS 954), sucralose (INS 955) and Neotame (INS 961).
Not recommended for children. No sugar added in the product.
CONTAINS ARTIFICIAL SWEETENER AND FOR CALORIE CONSCIOUS
TOLL FREE NO.: 1800 257 2258
www.panbahar.in

ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୯/୨୦୨୫ | Bhubaneswar, Sunday, October 19/2025





# ବନ୍ୟପ୍ରାଣୀ, ପରିବେଶ ଚିନ୍ତାରେ ଜୁଆଙ୍ଗ

କେନ୍ଦୁଝର,୧୮।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)


ବନ୍ଧରେ ଏକ ଛୁଆହାତୀ ମା' ସହ ଜଳକ୍ରୀଡ଼ା କରୁଛି।

## ■ ପାହାଡ଼ରେ ବନ୍ଧ ନିର୍ମାଣ ସହ ଗଛ ଲଗାଉଛନ୍ତି
## ■ ହାତୀ-ମଣିଷ ସଂଘର୍ଷ ହ୍ରାସ କରିବାକୁ ପ୍ରୟାସ

କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ହାତୀ ଉପଦ୍ରବ ସବୁଦିନିଆ ଘଟଣାରେ ପରିଣତ ହୋଇଛି। ହାତୀପଲ ଜନବସତିରେ ପଶି ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ବନ ବିଭାଗ ପକ୍ଷରୁ କ୍ଷତିପୂରଣ ମିଳୁଥିଲେ ହେଁ ପ୍ରକୃତ କ୍ଷତିର ଭରଣା ହୋଇପାରୁ ନ ଥିବାରୁ ଅନେକ ସମୟରେ ହାତୀ-ମଣିଷ ସଂଘର୍ଷ ବୃଦ୍ଧି ପାଉଛି। ବନ୍ୟପ୍ରାଣୀ ଓ ମଣିଷ ମଧ୍ୟରେ ସଂଘର୍ଷ ଓ ବନ୍ୟପ୍ରାଣୀ ଯଥା ହାତୀଙ୍କ ଖାଦ୍ୟ ବ୍ୟବସ୍ଥା ପାଇଁ କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ କୋଡ଼ିପଶା ପଞ୍ଚାୟତ କଂସ ଗ୍ରାମର ଜୁଆଙ୍ଗ ଜନଜାତି ଅଣ୍ଟା ଭିଡ଼ିଛନ୍ତି। ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତାରେ ନିଜ ସୁରକ୍ଷା ସହ ପରିବେଶ, ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଚାରାରୋପଣ, ପାହାଡ଼ରେ ବନ୍ଧ ନିର୍ମାଣ ଆଦି କାର୍ଯ୍ୟ ଆରମ୍ଭ କରିଛନ୍ତି। କୋଡ଼ିପଶା ପଞ୍ଚାୟତର ତଳକଂସ ଗ୍ରାମବାସୀଙ୍କ ପ୍ରୟାସରେ ମଣିଷ ଓ ହାତୀ ସହାବସ୍ଥାନର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ତଳକଂସ ଗ୍ରାମ କଂସ ଗାଁର ଅଂଶ ହୋଇଥିଲେ ହେଁ ଏକ ପାହାଡ଼ ଗାଁକୁ ବିଚ୍ଛିନ୍ନ କରିଛି। ପାହାଡ଼ ଓ ଜଙ୍ଗଲ ଘେରା ତଳକଂସରେ ପ୍ରାୟ ୩୧ ଗରିବ ଜୁଆଙ୍ଗ ପରିବାର ରହୁଛନ୍ତି। ଗ୍ରାମବାସୀ କୌଣସି ସରକାରୀ ଯୋଜନାର ଲାଭ ପାଇନାହାନ୍ତି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ☞ପୃଷ୍ଠା-୨

# ଭାରତକୁ ନିର୍ଣ୍ଣାୟକ ଜବାବ ଦେବ ପାକ୍: ମୁନିର

ଆଫ୍‌ଗାନିସ୍ତାନ ସହ ପାକିସ୍ତାନର ସୀମା ସଂଘର୍ଷ ଜାରି ରହିଥିବାବେଳେ ଶନିବାର ପାକ୍ ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିର ପୁଣି ଭାରତ ବିରୋଧୀ ଆଭିମୁଖ୍ୟ ଦୋହରାଇଛନ୍ତି। ଖାଇବରପାଖ୍‌ତୁନଖ୍ୱାସ୍ଥିତ ଅବୋଟ୍ଟାବାଦର କରୁଲରେ ମିଲିଟାରୀ ଏକାଡେମୀକୁ ସମ୍ବୋଧିତ କରି ମୁନିର କହିଛନ୍ତି, ଭାରତୀୟ ସେନାର ଧମକରେ ପାକିସ୍ତାନ ଭୟଭୀତ ହେବନାହିଁ କି ଉପାୟଶୂନ୍ୟ ହୋଇ ବସିଯିବ ନାହିଁ। ଭାରତ ସାମାନ୍ୟ ଉତ୍ତେଜନା ସୃଷ୍ଟିକଲେ ପାକିସ୍ତାନ ନିର୍ଣ୍ଣାୟକ ଜବାବ ଦେବ। ଆଣବିକ ଶକ୍ତିସମ୍ପନ୍ନ ପରିବେଶରେ ଯୁଦ୍ଧର କୌଣସି ସ୍ଥାନ ନାହିଁ ବୋଲି ମୁନିର ଭାରତୀୟ ସେନାକୁ ପରାମର୍ଶ ଦେଇଛନ୍ତି। 'ଅପରେଶନ୍ ସିନ୍ଦୂର' ପରଠାରୁ ଉଭୟ ଦେଶର ସେନା ଅଧିକାରୀ ଓ ନେତାମାନେ ପରସ୍ପର ବିରୋଧୀ ମନ୍ତବ୍ୟ ଦେଇଆସୁଛନ୍ତି। ଭାରତର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଲକ୍ଷ୍ନୌସ୍ଥିତ ସରୋଜିନୀନଗରରେ ବ୍ରହ୍ମୋସ୍ ଏରୋସ୍ପେସ୍ ନିର୍ମାଣ ୟୁନିଟ୍‌ରେ ପ୍ରଥମ ବ୍ୟାଚ୍ ଉତ୍ପାଦନ ଆରମ୍ଭ ଅବସରରେ କହିଛନ୍ତି, ପାକିସ୍ତାନର ପ୍ରତି ଇଞ୍ଚ୍ ବ୍ରହ୍ମୋସ୍ ରେଞ୍ଜରେ ରହିଛି। ରାଜନାଥଙ୍କ ଏଭଳି ମନ୍ତବ୍ୟ ପରିପ୍ରେକ୍ଷୀରେ ମୁନିରଙ୍କ ଚେତାବନୀକୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି।


ଆସିମ ମୁନିର

ଇସ୍‌ଲାମାବାଦ,୧୮।୧୦(ପି.ଟି.)

ଭାରତ ସାମାନ୍ୟ ଉତ୍ତେଜନା ସୃଷ୍ଟି କଲେ ଏହାର ନିର୍ଣ୍ଣାୟକ ଜବାବ ଦିଆଯିବ ବୋଲି ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ସୟେଦ ଆସିମ ମୁନିର ଶନିବାର ନୂଆଦିଲ୍ଲୀକୁ କଡ଼ା ଚେତାବନୀ ଦେଇଛନ୍ତି। ଏକ ପରମାଣୁକୃତ ପରିବେଶରେ ଯୁଦ୍ଧର ସ୍ଥାନ ନାହିଁ ବୋଲି ମୁନିର ଅବେଟ୍ଟାବାଦସ୍ଥିତ ପାକିସ୍ତାନ ମିଲିଟାରି ଏକାଡେମୀ ପରିସରରେ ସେନା କ୍ୟାଡେଟ୍‌ମାନଙ୍କ ପାସିଂ ଆଉଟ୍ ଉତ୍ସବରେ ଯୋଗଦେଇ କହିଛନ୍ତି। ଆମେ କାହାର ବୟାନବାଜିରେ କଦାପି ଡରିବୁ ନାହିଁ କି ବିବଶ ହେବୁନାହିଁ। ଆମେ କୌଣସି ଚିନ୍ତା ନ କରି ସାମାନ୍ୟ ଉତ୍ତେଜନାର ନିର୍ଣ୍ଣାୟକ ଜବାବ ଦେବୁ ବୋଲି ପାକ୍ ସେନା ମୁଖ୍ୟ କହିଛନ୍ତି।

ନିକଟରେ ଭାରତ-ପାକିସ୍ତାନ ସାମରିକ ସଂଘର୍ଷରେ ତାଙ୍କ ଦେଶର ସଶସ୍ତ୍ର ବଳ ସମସ୍ତ ବିପଦକୁ ପଣ୍ଡ କରିବା ସହ ସଂଖ୍ୟା ☞ପୃଷ୍ଠା-୨

## ପାକିସ୍ତାନର ପ୍ରତି ଇଞ୍ଚ୍ ବ୍ରହ୍ମୋସ୍ ରେଞ୍ଜରେ: ରାଜନାଥ

ଲକ୍ଷ୍ନୌ,୧୮।୧୦(ପି.ଟି.)

ପାକିସ୍ତାନ ଅଞ୍ଚଳର ପ୍ରତ୍ୟେକ ଇଞ୍ଚ୍ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ ମିଶାଇଲ୍‌ର ଲକ୍ଷ୍ୟଭେଦ ସୀମା ମଧ୍ୟରେ ରହୁଛି। ଅପରେଶନ ସିନ୍ଦୂର ବେଳେ ଯାହା ଘଟିଥିଲା, ତାହା କେବଳ ଏକ ଟ୍ରେଲର ଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର କହିବା ସହ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି। ବିଜୟ ଭାରତ ପାଇଁ ଏକ ଅଭ୍ୟାସ ବୋଲି ଉକ୍ତ ଅପରେଶନ ପ୍ରମାଣିତ କରିଥିବା ☞ପୃଷ୍ଠା-୨

# ଦୀପାବଳି ପାଳନକୁ ନେଇ ଦ୍ୱନ୍ଦ୍ୱ

ପୁରୀ,୧୮।୧୦
(ଅଜିତ୍ କୁମାର ମହାନ୍ତି)

## ■ ୨୦ରେ ପାଳିବାକୁ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ନିଷ୍ପତ୍ତି
## ■ ୨୧ରେ ଦୀପାବଳି ପାଳନ କରନ୍ତୁ: ହରିଶଙ୍କର ମିଶ୍ର

କିଛି ବର୍ଷ ହେବ ପର୍ବ ପାଳନ ନେଇ ଦ୍ୱନ୍ଦ୍ୱ ଦେଖିବାକୁ ମିଳୁଛି। ଫଳରେ ଲୋକେ କେଉଁ ପଞ୍ଜିକା ଓ କ୍ୟାଲେଣ୍ଡର ଅନୁଯାୟୀ ପାଳନ କରିବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ରହୁଛନ୍ତି। ଏପରି ସମସ୍ୟାକୁ ଦୂର କରିବା ନିମନ୍ତେ ବାରମ୍ବାର ପଞ୍ଜିକା ସମୀକରଣ ବୈଠକ ବସି ପର୍ବପର୍ବାଣିର ତିଥି ବାରରେ ଯେପରି ସମାନତା ରହିବ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ମାତ୍ର ସେଥିରେ ସୁଧାର ଆସିପାରୁ ନାହିଁ। ଗତବର୍ଷ ଭଳି ଚଳିତ ବର୍ଷ ବିଭିନ୍ନ ପର୍ବ ପାଳନ ନେଇ ତିଥି ବାରରେ ଭିନ୍ନତା ଦେଖିବାକୁ ମିଳିଛି। ଚଳିତବର୍ଷ ଦୀପାବଳି, ପୟାଶ୍ରାଦ୍ଧ ପାଳନ ନେଇ ପାଞ୍ଜିରେ ଭିନ୍ନଭିନ୍ନ ମତ ଯୋଗୁ ଲୋକଙ୍କ ମଧ୍ୟରେ ଦୀପାବଳି ପାଳନକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ସରକାରୀ ଛୁଟି ମଧ୍ୟ ଏଥିପାଇଁ ପ୍ରଭାବିତ ହୋଇଛି। କିଛି ପାଞ୍ଜିରେ ଦୀପାବଳି ୨୦ ତାରିଖରେ ଓ ଆଉ କିଛି ପାଞ୍ଜିରେ ୨୧ ତାରିଖରେ ପାଳନ ନେଇ ଉଲ୍ଲେଖ ରହିଛି। ଏପରି ଦ୍ୱନ୍ଦ୍ୱ ଦେଖାଯିବା ଫଳରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ୨୦ ତାରିଖରେ ଦୀପାବଳି ଓ ପୟାଶ୍ରାଦ୍ଧ, ଶ୍ୟାମାକାଳୀ ପୂଜା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପାଞ୍ଜି ସମୀକ୍ଷକ ହରିଶଙ୍କର ମିଶ୍ର ମତ ଉପସ୍ଥାପନା ☞ପୃଷ୍ଠା-୨

## ୨୦, ୨୧ରେ ଦୀପାବଳି ଛୁଟି

ଭୁବନେଶ୍ୱର, ୧୮।୧୦
(ସୁନିତ୍ ମିଶ୍ର/ (ସୁଚିସ୍ମିତା ସାହୁ)

ଦୀପାବଳି ଛୁଟି କେଉଁଦିନ ହେବ ତାକୁ ନେଇ ରାଜ୍ୟବ୍ୟାପୀ ଏକ ଦ୍ୱନ୍ଦ୍ୱ ସୃଷ୍ଟିହୋଇଥିଲା। କେତେଜଣ ଏହାକୁ ୨୦ ତାରିଖରେ ପାଳନ ହେବ ବୋଲି କହିଥିବାବେଳେ ପୂର୍ବରୁ ୨୧ରେ ଦୀପାବଳି ବୋଲି ଛୁଟି ନେଇ ଉଲ୍ଲେଖ ରହିଥିଲା। ଏଭଳି ଦ୍ୱନ୍ଦ୍ୱ ଉପରେ ବିଚାରକରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଶନିବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀପାବଳି ☞ପୃଷ୍ଠା-୨




# ୩ ନମ୍ବର ହେଲେ ସରିଲା

## ■ ନାମାଙ୍କନ କଲେ ଜୟ, ଘାସିରାମ
## ■ ଆଜି ସ୍ନେହାଙ୍ଗିନୀଙ୍କ ପ୍ରାର୍ଥୀପତ୍ର ଦାଖଲ


ଜୟ ଢୋଲକିଆ


ଘାସିରାମ ମାଝୀ


ସ୍ନେହାଙ୍ଗିନୀ ଛୁରିଆ

ଭୁବନେଶ୍ୱର, ୧୮।୧୦
(ସୁନିତ୍ ମିଶ୍ର)

**ନୂଆପଡ଼ା ଉପନିର୍ବାଚନ**

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ପ୍ରମୁଖ ୩ ଦଳର ଅଧିକାଂଶ ନେତା ସେଠାରେ ପହଞ୍ଚି ସାରିଛନ୍ତି। ଶନିବାର ଭାଜପାରୁ ପ୍ରାର୍ଥୀ ହୋଇଥିବା ଜୟ ଢୋଲକିଆ ଏବଂ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ନାମାଙ୍କନ ଦାଖଲ ସରିଛି। ରବିବାର ବିଜେଡିରୁ ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ନାମାଙ୍କନ ଦାଖଲ କରିବେ। ସ୍ନେହାଙ୍ଗିନୀଙ୍କ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ବିଜେଡିର ପ୍ରମୁଖ ନେତାମାନେ ନୂଆପଡ଼ାରେ ପହଞ୍ଚିଛନ୍ତି। ବିଜେଡି ଲାଗି ଏହି ଉପନିର୍ବାଚନ ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ନିଜେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଟେଲିଫୋନ କରି ବହୁ ନେତାଙ୍କୁ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉପନିର୍ବାଚନକୁ ଭଲରେ ଲଢ଼ିବା ପାଇଁ ସେ କହିଛନ୍ତି। ବର୍ତ୍ତମାନ ଏହା ସମ୍ମାନର ପ୍ରଶ୍ନ ବୋଲି ଦଳୀୟ ନେତାଙ୍କୁ ନବୀନ କହିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ନୂଆପଡ଼ା ଉପନିର୍ବାଚନରେ ☞ପୃଷ୍ଠା-୨

No.T-

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା20.10.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0200/2526

**ଆଜିର ସମ୍ପାଦକୀୟ** ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ



# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ରବିବାର, ଅକ୍ଟୋବର ୧୯/୨୦୨୫ | Bhubaneswar, Sunday, October 19/2025 | ପୃଷ୍ଠା-୧







# ବନ୍ୟପ୍ରାଣୀ, ପରିବେଶ ଚିନ୍ତାରେ ଜୁଆଙ୍ଗ

**କେନ୍ଦୁଝର,୧୮।୧୦**
**(ନରେଶ ଚନ୍ଦ୍ର ପଟ୍ଟନାୟକ)**



ବନ୍ଧରେ ଏକ ଛୁଆହାତୀ ମା' ସହ ଜଳକ୍ରୀଡ଼ା କରୁଛି।

- **ପାହାଡ଼ରେ ବନ୍ଧ ନିର୍ମାଣ ସହ ଗଛ ଲଗାଉଛନ୍ତି**
- **ହାତୀ-ମଣିଷ ସଂଘର୍ଷ ହ୍ରାସ କରିବାକୁ ପ୍ରୟାସ**

କେନ୍ଦୁଝର ଜିଲାର ବିଭିନ୍ନ ବ୍ଲକ୍‌ରେ ହାତୀ ଉପଦ୍ରବ ସବୁଦିନିଆ ଘଟଣାରେ ପରିଣତ ହୋଇଛି। ହାତୀପଲ ଜନବସତିରେ ପଶି ଘର ଭାଙ୍ଗିବା ସହ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ବନ ବିଭାଗ ପକ୍ଷରୁ କ୍ଷତିପୂରଣ ମିଳୁଥିଲେ ହେଁ ପ୍ରକୃତ କ୍ଷତିର ଭରଣା ହୋଇପାରୁ ନ ଥିବାରୁ ଅନେକ ସମୟରେ ହାତୀ-ମଣିଷ ସଂଘର୍ଷ ବୃଦ୍ଧି ପାଉଛି। ବନ୍ୟପ୍ରାଣୀ ଓ ମଣିଷ ମଧ୍ୟରେ ସଂଘର୍ଷ ଓ ବନ୍ୟପ୍ରାଣୀ ଯଥା ହାତୀଙ୍କ ଖାଦ୍ୟ ବ୍ୟବସ୍ଥା ପାଇଁ କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ କୋଡ଼ିପଶା ପଞ୍ଚାୟତ କଂସ ଗ୍ରାମର ଜୁଆଙ୍ଗ ଜନଜାତି ଅଣ୍ଟା ଭିଡ଼ିଛନ୍ତି। ସ୍ୱେଚ୍ଛାସେବୀ ସଙ୍ଗଠନ ସହାୟତାରେ ନିଜ ସୁରକ୍ଷା ସହ ପରିବେଶ, ବନ୍ୟପ୍ରାଣୀଙ୍କ ସୁରକ୍ଷା ପାଇଁ ଚାରାରୋପଣ, ପାହାଡ଼ରେ ବନ୍ଧ ନିର୍ମାଣ ଆଦି କାର୍ଯ୍ୟ ଆରମ୍ଭ କରିଛନ୍ତି। କୋଡ଼ିପଶା ପଞ୍ଚାୟତର ତଳକଂସ ଗ୍ରାମବାସୀଙ୍କ ପ୍ରୟାସରେ ମଣିଷ ଓ ହାତୀ ସହାବସ୍ଥାନର ଏକ ଦୃଷ୍ଟାନ୍ତ ଦେଖିବାକୁ ମିଳିଛି। ତଳକଂସ ଗ୍ରାମ କଂସ ଗାଁର ଅଂଶ ହୋଇଥିଲେ ହେଁ ଏକ ପାହାଡ଼ ଗାଁକୁ ବିଚ୍ଛିନ୍ନ କରିଛି। ପାହାଡ଼ ଓ ଜଙ୍ଗଲ ଘେରା ତଳକଂସରେ ପ୍ରାୟ ୩୧ ଗରିବ ଜୁଆଙ୍ଗ ପରିବାର ରହୁଛନ୍ତି। ଗ୍ରାମବାସୀ କୌଣସି ସରକାରୀ ଯୋଜନାର ଲାଭ ପାଇନାହାନ୍ତି। ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ☞ପୃଷ୍ଠା-୨

# ଭାରତକୁ ନିର୍ଣ୍ଣାୟକ ଜବାବ ଦେବ ପାକ୍: ମୁନିର

ଆଫ୍‌ଗାନିସ୍ତାନ ସହ ପାକିସ୍ତାନର ସୀମା ସଂଘର୍ଷ ଜାରି ରହିଥିବାବେଳେ ଶନିବାର ପାକ୍ ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଆସିମ ମୁନିର ପୁଣି ଭାରତ ବିରୋଧୀ ଆଭିମୁଖ୍ୟ ଦୋହରାଇଛନ୍ତି। ଖାଇବରପାଖ୍‌ତୁନଖ୍ୱାସ୍ଥିତ ଅବୋଟ୍ଟାବାଦର କରୁଲରେ ମିଲିଟାରୀ ଏକାଡେମୀକୁ ସମ୍ବୋଧିତ କରି ମୁନିର କହିଛନ୍ତି, ଭାରତୀୟ ସେନାର ଧମକରେ ପାକିସ୍ତାନ ଭୟଭୀତ ହେବନାହିଁ କି ଉପାୟଶୂନ୍ୟ ହୋଇ ବସିଯିବ ନାହିଁ। ଭାରତ ସାମାନ୍ୟ ଉତ୍ତେଜନା ସୃଷ୍ଟିକଲେ ପାକିସ୍ତାନ ନିର୍ଣ୍ଣାୟକ ଜବାବ ଦେବ। ଆଣବିକ ଶକ୍ତିସମ୍ପନ୍ନ ପରିବେଶରେ ଯୁଦ୍ଧର କୌଣସି ସ୍ଥାନ ନାହିଁ ବୋଲି ମୁନିର ଭାରତୀୟ ସେନାକୁ ପରାମର୍ଶ ଦେଇଛନ୍ତି। 'ଅପରେଶନ୍ ସିନ୍ଦୂର' ପରଠାରୁ ଉଭୟ ଦେଶର ସେନା ଅଧିକାରୀ ଓ ନେତାମାନେ ପରସ୍ପର ବିରୋଧୀ ମନ୍ତବ୍ୟ ଦେଇଆସୁଛନ୍ତି। ଭାରତର ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଲକ୍ଷ୍ନୌସ୍ଥିତ ସରୋଜିନୀନଗରରେ ବ୍ରହ୍ମୋସ୍ ଏରୋସ୍ପେସ୍ ନିର୍ମାଣ ୟୁନିଟ୍‌ରେ ପ୍ରଥମ ବ୍ୟାଚ୍ ଉତ୍ପାଦନ ଆରମ୍ଭ ଅବସରରେ କହିଛନ୍ତି, ପାକିସ୍ତାନର ପ୍ରତି ଇଞ୍ଚ୍ ବ୍ରହ୍ମୋସ୍ ରେଞ୍ଜରେ ରହିଛି। ରାଜନାଥଙ୍କ ଏଭଳି ମନ୍ତବ୍ୟ ପରିପ୍ରେକ୍ଷୀରେ ମୁନିରଙ୍କ ଚେତାବନୀକୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି।



ଆସିମ ମୁନିର

**ଇସ୍‌ଲାମାବାଦ,୧୮।୧୦(ପି.ଟି.)**

ଭାରତ ସାମାନ୍ୟ ଉତ୍ତେଜନା ସୃଷ୍ଟି କଲେ ଏହାର ନିର୍ଣ୍ଣାୟକ ଜବାବ ଦିଆଯିବ ବୋଲି ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ସୟେଦ ଆସିମ ମୁନିର ଶନିବାର ନୂଆଦିଲ୍ଲୀକୁ କଡ଼ା ଚେତାବନୀ ଦେଇଛନ୍ତି। ଏକ ପରମାଣୁକୃତ ପରିବେଶରେ ଯୁଦ୍ଧର ସ୍ଥାନ ନାହିଁ ବୋଲି ମୁନିର ଅବୋଟ୍ଟାବାଦସ୍ଥିତ ପାକିସ୍ତାନ ମିଲିଟାରି ଏକାଡେମୀ ପରିସରରେ ସେନା କ୍ୟାଡେଟ୍‌ମାନଙ୍କ ପାସିଂ ଆଉଟ୍ ଉତ୍ସବରେ ଯୋଗଦେଇ କହିଛନ୍ତି। ଆମେ କାହାର ବୟାନବାଜିରେ କଦାପି ଡରିବୁ ନାହିଁ କି ବିବଶ ହେବୁନାହିଁ। ଆମେ କୌଣସି ଚିନ୍ତା ନ କରି ସାମାନ୍ୟ ଉତ୍ତେଜନାର ନିର୍ଣ୍ଣାୟକ ଜବାବ ଦେବୁ ବୋଲି ପାକ୍ ସେନା ମୁଖ୍ୟ କହିଛନ୍ତି।

ନିକଟରେ ଭାରତ-ପାକିସ୍ତାନ ସାମରିକ ସଂଘର୍ଷରେ ତାଙ୍କ ଦେଶର ସଶସ୍ତ୍ର ବଳ ସମସ୍ତ ବିପଦକୁ ପଣ୍ଡ କରିବା ସହ ସଂଖ୍ୟା ☞ପୃଷ୍ଠା-୨

## ପାକିସ୍ତାନର ପ୍ରତି ଇଞ୍ଚ୍ ବ୍ରହ୍ମୋସ୍ ରେଞ୍ଜରେ: ରାଜନାଥ

**ଲକ୍ଷ୍ନୌ,୧୮।୧୦(ପି.ଟି.)**

ପାକିସ୍ତାନ ଅଞ୍ଚଳର ପ୍ରତ୍ୟେକ ଇଞ୍ଚ୍ ବ୍ରହ୍ମୋସ୍ ସୁପରସୋନିକ୍ କ୍ରୁଜ୍ ମିଶାଇଲ୍‌ର ଲକ୍ଷ୍ୟଭେଦ ସୀମା ମଧ୍ୟରେ ରହୁଛି। ଅପରେଶନ ସିନ୍ଦୂର ବେଳେ ଯାହା ଘଟିଥିଲା, ତାହା କେବଳ ଏକ ଟ୍ରେଲର ଥିଲା ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶନିବାର କହିବା ସହ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛନ୍ତି। ବିଜୟ ଭାରତ ପାଇଁ ଏକ ଅଭ୍ୟାସ ବୋଲି ଉକ୍ତ ଅପରେଶନ ପ୍ରମାଣିତ କରିଥିବା ☞ପୃଷ୍ଠା-୨

# ଦୀପାବଳି ପାଳନକୁ ନେଇ ଦ୍ୱନ୍ଦ୍ୱ

**ପୁରୀ,୧୮।୧୦**
**(ଅଜିତ୍ କୁମାର ମହାନ୍ତି)**

- **୨୦ରେ ପାଳିବାକୁ ମୁକ୍ତି ମଣ୍ଡପ ପଣ୍ଡିତ ସଭାର ନିଷ୍ପତ୍ତି**
- **୨୧ରେ ଦୀପାବଳି ପାଳନ କରନ୍ତୁ: ହରିଶଙ୍କର ମିଶ୍ର**

କିଛି ବର୍ଷ ହେବ ପର୍ବ ପାଳନ ନେଇ ଦ୍ୱନ୍ଦ୍ୱ ଦେଖିବାକୁ ମିଳୁଛି। ଫଳରେ ଲୋକେ କେଉଁ ପଞ୍ଜିକା ଓ କ୍ୟାଲେଣ୍ଡର ଅନୁଯାୟୀ ପାଳନ କରିବେ ତାହାକୁ ନେଇ ଦ୍ୱନ୍ଦ୍ୱରେ ରହୁଛନ୍ତି। ଏପରି ସମସ୍ୟାକୁ ଦୂର କରିବା ନିମନ୍ତେ ବାରମ୍ବାର ପଞ୍ଜିକା ସମୀକରଣ ବୈଠକ ବସି ପର୍ବପର୍ବାଣିର ତିଥି ବାରରେ ଯେପରି ସମାନତା ରହିବ ତା' ଉପରେ ଗୁରୁତ୍ୱ ଦିଆଯାଉଛି। ମାତ୍ର ସେଥିରେ ସୁଧାର ଆସିପାରୁ ନାହିଁ। ଗତବର୍ଷ ଭଳି ଚଳିତ ବର୍ଷ ବିଭିନ୍ନ ପର୍ବ ପାଳନ ନେଇ ତିଥି ବାରରେ ଭିନ୍ନତା ଦେଖିବାକୁ ମିଳିଛି। ଚଳିତବର୍ଷ ଦୀପାବଳି, ପୟାଶ୍ରାଦ୍ଧ ପାଳନ ନେଇ ପାଞ୍ଜିରେ ଭିନ୍ନଭିନ୍ନ ମତ ଯୋଗୁ ଲୋକଙ୍କ ମଧ୍ୟରେ ଦୀପାବଳି ପାଳନକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ସରକାରୀ ଛୁଟି ମଧ୍ୟ ଏଥିପାଇଁ ପ୍ରଭାବିତ ହୋଇଛି। କିଛି ପାଞ୍ଜିରେ ଦୀପାବଳି ୨୦ ତାରିଖରେ ଓ ଆଉ କିଛି ପାଞ୍ଜିରେ ୨୧ ତାରିଖରେ ପାଳନ ନେଇ ଉଲ୍ଲେଖ ରହିଛି। ଏପରି ଦ୍ୱନ୍ଦ୍ୱ ଦେଖାଯିବା ଫଳରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ୨୦ ତାରିଖରେ ଦୀପାବଳି ଓ ପୟାଶ୍ରାଦ୍ଧ, ଶ୍ୟାମାକାଳୀ ପୂଜା କରାଯିବ ବୋଲି ନିଷ୍ପତ୍ତି ହୋଇଛି। ପାଞ୍ଜିସମୀକ୍ଷକ ହରିଶଙ୍କର ମିଶ୍ର ମତ ଉପସ୍ଥାପନା ☞ପୃଷ୍ଠା-୨

## ୨୦, ୨୧ରେ ଦୀପାବଳି ଛୁଟି

**ଭୁବନେଶ୍ୱର, ୧୮।୧୦**
**(ସୁନିତ୍ ମିଶ୍ର/ (ସୁଚିସ୍ମିତା ସାହୁ)**

ଦୀପାବଳି ଛୁଟି କେଉଁଦିନ ହେବ ତାକୁ ନେଇ ରାଜ୍ୟବ୍ୟାପୀ ଏକ ଦ୍ୱନ୍ଦ୍ୱ ସୃଷ୍ଟିହୋଇଥିଲା। କେତେଜଣ ଏହାକୁ ୨୦ ତାରିଖରେ ପାଳନ ହେବ ବୋଲି କହିଥିବାବେଳେ ପୂର୍ବରୁ ୨୧ରେ ଦୀପାବଳି ବୋଲି ଛୁଟି ନେଇ ଉଲ୍ଲେଖ ରହିଥିଲା। ଏଭଳି ଦ୍ୱନ୍ଦ୍ୱ ଉପରେ ବିଚାରକରି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଶନିବାର ଏକ ବିଜ୍ଞପ୍ତି ପ୍ରକାଶ ପାଇଛି। ଦୀପାବଳି ☞ପୃଷ୍ଠା-୨






# ୩ ନମ୍ବର ହେଲେ ସରିଲା

- ନାମାଙ୍କନ କଲେ ଜୟ, ଘାସିରାମ
- ଆଜି ସ୍ନେହାଙ୍ଗିନୀଙ୍କ ପ୍ରାର୍ଥୀପତ୍ର ଦାଖଲ



ଜୟ ଢୋଲକିଆ



ଘାସିରାମ ମାଝୀ



ସ୍ନେହାଙ୍ଗିନୀ ଛୁରିଆ

**ନୂଆପଡ଼ା ଉପନିର୍ବାଚନ**

**ଭୁବନେଶ୍ୱର, ୧୮।୧୦**
**(ସୁନିତ୍ ମିଶ୍ର)**

ନୂଆପଡ଼ା ଉପନିର୍ବାଚନ ପାଇଁ ରାଜ୍ୟର ପ୍ରମୁଖ ୩ ଦଳର ଅଧିକାଂଶ ନେତା ସେଠାରେ ପହଞ୍ଚି ସାରିଛନ୍ତି। ଶନିବାର ଭାଜପାରୁ ପ୍ରାର୍ଥୀ ହୋଇଥିବା ଜୟ ଢୋଲକିଆ ଏବଂ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ନାମାଙ୍କନ ଦାଖଲ ସରିଛି। ରବିବାର ବିଜେଡିରୁ ପ୍ରାର୍ଥୀ ହୋଇଥିବା ସ୍ନେହାଙ୍ଗିନୀ ଛୁରିଆ ତାଙ୍କ ନାମାଙ୍କନ ଦାଖଲ କରିବେ। ସ୍ନେହାଙ୍ଗିନୀଙ୍କ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ବିଜେଡିର ପ୍ରମୁଖ ନେତାମାନେ ନୂଆପଡ଼ାରେ ପହଞ୍ଚିଛନ୍ତି। ବିଜେଡି ଲାଗି ଏହି ଉପନିର୍ବାଚନ ଏତେ ଗୁରୁତ୍ୱପୂର୍ଣ୍ଣ ଯେ, ନିଜେ ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଟେଲିଫୋନ କରି ବହୁ ନେତାଙ୍କୁ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ସାମିଲହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଉପନିର୍ବାଚନକୁ ଭଲରେ ଲଢ଼ିବା ପାଇଁ ସେ କହିଛନ୍ତି। ବର୍ତ୍ତମାନ ଏହା ସମ୍ମାନର ପ୍ରଶ୍ନ ବୋଲି ଦଳୀୟ ନେତାଙ୍କୁ ନବୀନ କହିବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ନୂଆପଡ଼ା ଉପନିର୍ବାଚନରେ ☞ପୃଷ୍ଠା-୨


No.T-

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ସୋମବାର, ଇଂରାଜୀ ତା20.10.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0200/2526


**ଆଜିର ସମ୍ପାଦକୀୟ** ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ




**ଆଜିର ମନ୍ତବ୍ୟ** ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲାଙ୍କ ସହ ଆଲୋଚନା କରି ଜମ୍ମୁ-କଶ୍ମୀରକୁ ଉପଯୁକ୍ତ ସମୟରେ ରାଜ୍ୟ ମାନ୍ୟତା ଫେରାଇ ଦିଆଯିବ। – **ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସାରସ୍ୱତ ସମାଜ ପକ୍ଷରୁ ୧୫ତମ ସ୍ୱନକ୍ଷତ୍ର ଉତ୍ସବ ଓ ସମ୍ବର୍ଦ୍ଧନା ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଏକଦିବସୀୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବ, ସ୍ଥାନ: ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିଦିବସୀୟ ରାଜସ୍ୱ ସମ୍ମିଳନୀର ସମାପନ ସମାରୋହ, ସ୍ଥାନ:ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ (ରୋଟି), ଗୋଠପାଟଣା, ସମୟ: ଅପରାହ୍ନ ୧ଟା ୪୫।
- ରାଜ୍ୟସ୍ତରୀୟ ସପ୍ତାହବ୍ୟାପୀ ଶ୍ରୀମଦ ଭାଗବତ ମହୋତ୍ସବ -୨୦୨୫, ସ୍ଥାନ: ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସର, ପ୍ରେସ କଲୋନୀ, ସମୟ: ଅପରାହ୍ନ ୪ଟା।
- ଡ. ଜଗବନ୍ଧୁ ଆଚାର୍ଯ୍ୟଙ୍କ ସମୂହପୁସ୍ତକ ଉନ୍ମୋଚନ, ସ୍ଥାନ: ରେଡକ୍ରସ ଭବନ, ସମୟ: ସନ୍ଧ୍ୟା ୬ଟା।
- ଅଭୟ ଅନିର୍ବାଣ ପକ୍ଷରୁ 'ବିଚିତ୍ରବର୍ଣ୍ଣା'ର ଲୋକାର୍ପଣ ଉତ୍ସବ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ସନ୍ଧ୍ୟା ୬ଟା।
- ଝରଣା ଓ ଚିରସମର୍ଥା ସାହିତ୍ୟ ପତ୍ରିକା ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ ପକ୍ଷରୁ ମାସିକ ସାହିତ୍ୟ ଆଲୋଚନାଚକ୍ର, ସ୍ଥାନ: ଓଡ଼ିଶା ଲେଖକ ସମବାୟ ସମିତି ସଭାଗୃହ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ସପ୍ତାହ ପାଳନ, ସ୍ଥାନ: ନୀଳକଣ୍ଠେଶ୍ୱର ମନ୍ଦିର, ପାଣିଟାଙ୍କି ପାଖ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ଓଡ଼ିଶା ପୋଲିସର କ୍ରାଇମବ୍ରାଞ୍ଚ ଶାଖା ଆନୁକୂଲ୍ୟରେ ୭୦ତମ ପୋଲିସ ବୃତ୍ତିଗତ ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ରିଜର୍ଭ ପୋଲିସ ପଡ଼ିଆ, ବକ୍ସି ବଜାର, ସମୟ: ସକାଳ ୮ଟା।
- ସଂଗ୍ରାମୀ ସାରଙ୍ଗଧର ଦାସଙ୍କ ୧୩୮ତମ ଜୟନ୍ତୀ, ସ୍ଥାନ: ସାରଙ୍ଗଧର ଶିଶୁ ଉଦ୍ୟାନ, ଝୋଲାସାହି, ସମୟ: ସକାଳ ୮ଟା ୩୦।
- ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜୟନ୍ତୀ ସମାରୋହ, ସ୍ଥାନ: ଦି ୟୁନିଭର୍ସ, ମୈତ୍ରୀ ସରଣୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ପ୍ରଶାସନ ପକ୍ଷରୁ କଟକ ନାଟ୍ୟୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ: ସେଭେନ୍ ପିଲର୍ସ ଅଫ୍ ୱିସ୍‌ଡମ ପ୍ରେକ୍ଷାଳୟ, ରେଭେନ୍‌ଶା ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନାଟ୍ୟକାର ରାମଚନ୍ଦ୍ର ମିଶ୍ରଙ୍କ ୧୦୬ତମ ଜୟନ୍ତୀ ମହୋତ୍ସବ, ସ୍ଥାନ: ଶତାବ୍ଦୀ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଆୟୁର୍ବେଦ ପ୍ରବର୍ତ୍ତକ ଭଗବାନ ଧନ୍ୱନ୍ତରୀଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୧ଟା।
- କଟକ ଜିଲା ଚେସ୍ ସଂଘ ପକ୍ଷରୁ ଆନ୍ତଃ ସ୍କୁଲ ଚେସ୍ ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ବାରବାଟି ଷ୍ଟାଡିୟମ ହର୍ଷ ଗେଟ ପରିସର, ଅପରାହ୍ନ ୩ଟା।
- ମହାନଦୀ ବିହାର ମହିଳା ସମିତି ସଭ୍ୟାଙ୍କ ଦ୍ୱାରା ଅଭିନୀତ ହେବ ନାଟକ ବୋହୂ କଟକିଆଣି, ସ୍ଥାନ: ହେରିଟେଜ୍ ଜନତା ରଙ୍ଗମଞ୍ଚ, ବାଙ୍କାବଜାର, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ରାମଚରିତ ମାନସ ପାରାୟଣ, ସ୍ଥାନ: ଶରଧାବାଲି ଅଭୟ ମହାବୀର ସମକକ୍ଷ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀଅରବିନ୍ଦ ଧାମ ପୂର୍ଣ୍ଣାଙ୍ଗ ଏକାଡେମୀର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଶ୍ରୀ ଅରବିନ୍ଦ ଧାମ ସ୍ୱର୍ଗଦ୍ୱାର, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ସମୟ: ସନ୍ଧ୍ୟା ୫ଟା ୩୦ ଦ୍ୱିତୀୟ ସୋପାନ।
- ଶ୍ରୀକ୍ଷେତ୍ର ଟାଲେଣ୍ଟ ଫେଷ୍ଟ ସିଜନ-୨, ସ୍ଥାନ ସଦାଶିବ ପରିସର ପୁରୀ, ସମୟ: ସକାଳ ୮ଟା ଠାରୁ ରାତି ୮ଟା।
- ରୋଟାରୀ କ୍ଲବ ପକ୍ଷରୁ ଦୀପାବଳି ଉତ୍ସବ ପାଳନ, ସ୍ଥାନ: ଉତ୍କଳ ବଳାଶ୍ରମ, ପୁରୀ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ନୀଳକଣ୍ଠ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୁରୁଜଙ୍ଗ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଆସ୍ଥା ଫୁଡ୍‌ସ ମିଲେଟ ଭଣ୍ଡାର ଉଦ୍‌ଘାଟନ, ସ୍ଥାନ: ଭାଲିଆବାଡ଼ି ଭେଣ୍ଡିଂଜୋନ ଦୋକାନ ନଂ.୨୩, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- 'ସମୟର ଚକ୍ର' ପତ୍ରିକାର ବାର୍ଷିକ ଉତ୍ସବ, ସ୍ଥାନ: ଗାନ୍ଧୀ ସ୍ମୃତିଭବନ, ବାଲିଆପାଳ, ସମୟ: ପୂର୍ବାହ୍ନ ୧୧ଟା।
- ହିନ୍ଦୁ ସମ୍ମିଳନୀ ପ୍ରସ୍ତୁତି ବୈଠକ, ସ୍ଥାନ: ମାର୍କୋଣା ସରସ୍ୱତୀ ଶିଶୁ ମନ୍ଦିର ପରିସର, ସିମୁଳିଆ, ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ଧନ୍ୱନ୍ତରୀ ଜୟନ୍ତୀ ସମାରୋହ ଓ ଆଲୋଚନା ଚକ୍ର, ସ୍ଥାନ: କୁଇନ ଅଫ ଦି ମିଶନ ଉଚ୍ଚ ବିଦ୍ୟାଳୟ ବ୍ରହ୍ମପୁର, ସମୟ: ଅପରାହ୍ନ ୫ ଟା।

## କନ୍ଧମାଳ

- ଅନ୍ତ୍ୟୋଦୟ ଗୃହ ଯୋଜନା ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ, ସ୍ଥାନ: ଦାରିଙ୍ଗବାଡ଼ି ବ୍ଲକ କାର୍ଯ୍ୟାଳୟ ଭିଡିଓ କନ୍‌ଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ ଟା ୩୦ ।

## ଅନୁଗୋଳ

- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାର ନୂତନ ପଞ୍ଚାୟତର ଭିତ୍ତିପ୍ରସ୍ତର ଓ ଅନ୍ତ୍ୟୋଦୟ ଗୃହ ଯୋଜନା ହିତାଧିକାରୀଙ୍କୁ ପ୍ରଥମ କିସ୍ତି ପ୍ରଦାନର ସିଧାପ୍ରସାରଣ, ସ୍ଥାନ: ଛେଣ୍ଡିପଦା ବ୍ଲକର ପ୍ରତ୍ୟେକ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ଶକ୍ତି ଅରୁଣ ଟ୍ରଷ୍ଟ ପକ୍ଷରୁ ଚାରା ରୋପଣ ଓ ଚକ୍ଷୁ ଚିକିତ୍ସା ଶିବିର, ସ୍ଥାନ: କାଠକୋଟ, କୁଜଙ୍ଗ, ସମୟ: ପୂର୍ବାହ୍ନ ୧୦ଟା।
- ଓରମାସ ପକ୍ଷରୁ ଦୀପାବଳି ଉପଲକ୍ଷେ ଟେରାକୋଟା ଦୀପ ଷ୍ଟଲ ଉଦ୍‌ଘାଟନ କାର୍ଯ୍ୟକ୍ରମ,ସ୍ଥାନ: ବାଲିଯାତ୍ରା ପଡ଼ିଆ, ନୁଆବଜାର, ପାରାଦୀପ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- କେନ୍ଦ୍ରାପଡା ସାଇକେଲ କ୍ଲବ ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:ପୁରୁଣା ବସ୍‌ଷ୍ଟାଣ୍ଡ, ସମୟ:ସକାଳ ୬ଟା ।
- କେନ୍ଦ୍ରାପଡା ଜିଲା ଆସୋସିଏଶନ ପକ୍ଷରୁ ଚେସ୍ ଚାମ୍ପିୟନସିପ୍, ସ୍ଥାନ:ହୋଟେଲ ସ୍ୱୟଂସିଦ୍ଧା, ଗରାପୁର, କେନ୍ଦ୍ରାପଡା, ସମୟ:ସକାଳ ୮ଟା ।

## ଯାଜପୁର

- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପକ୍ଷରୁ ଯୁବ ସମ୍ମିଳନୀ, ସ୍ଥାନ: ନରସିଂହଚୌଧୁରୀ ସ୍ୱୟଂଶାସିତ କଲେଜ ପରିସର, ସମୟ: ସକାଳ ୯ଟା।
- କନକ ଦୁର୍ଗା ବିଦ୍ୟା ପୀଠ ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ, ସ୍ଥାନ: ବରୀ ବ୍ଲକ୍ ଅଧୀନ ବିଲିବିଲ କନକ ଦୁର୍ଗା ବିଦ୍ୟା ପୀଠ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲା କୋରେଇ ଶାଖା ପକ୍ଷରୁ ଦ୍ୱିତୀୟ ବାର୍ଷିକ ଉତ୍ସବ, ସ୍ଥାନ : କୋରେଇ ବ୍ଲକର ରଗଡ଼ି ମା' କାମୁଡେଇ ପୀଠ କଲ୍ୟାଣ ମଣ୍ଡପ, ସମୟ : ପୂର୍ବାହ୍ନ ୧୧ଟା।

## ନୟାଗଡ଼

- ଜ୍ୟୋତି କଳସ ରଥଯାତ୍ରା ଓ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ, ସ୍ଥାନ: ଖଣ୍ଡପଡା ବ୍ଲକ ଅଞ୍ଚଳ, ସମୟ: ପୂର୍ବାହ୍ନ ୧୦ଟା ।
- ତ୍ରିଦିବସୀୟ ଆନ୍ତଃ ଜିଲାସ୍ତରୀୟ ଜାତୀୟ ସେବା ପ୍ରଶିକ୍ଷଣ ଶିବିରର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ପଠାଣୀ ସମାନ୍ତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା୩୦ ।

## ରାୟଗଡ଼ା

- ବିଜ୍ଞାନ ମେଳା, ସ୍ଥାନ: ଅରବିନ୍ଦ ପାଠଚକ୍ର, ଜେକେପୁର, ସମୟ: ପୂର୍ବାହ୍ନ ୧୦ଟା ।

## ନବରଙ୍ଗପୁର

- ୬୯ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ବ୍ୟାଡମିଣ୍ଟନ ଓ ସିପାକ୍ ଟାକ୍ରୋ ପ୍ରତିଯୋଗିତା ଉଦ୍‌ଯାପନ କାର୍ଯ୍ୟକ୍ରମ, ସ୍ଥାନ : ଉମରକୋଟ, ସମୟ: ସକାଳ ୯ଟା।

## କୋରାପୁଟ

- ଜୋନାଲସ୍ତରୀୟ କଳା ଉତ୍ସବ, ସ୍ଥାନ: ସରକାରୀ ଉଚ୍ଚ ବିଦ୍ୟାଳୟ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ସାଇ ଶିକ୍ଷା ପରିଷଦ ଆୟୋଜିତ ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର -୨୦୨୫ର ଚୟନ କାର୍ଯ୍ୟକ୍ରମ, ସ୍ଥାନ : ଜଗନ୍ନାଥ କଲୋନୀ ସ୍ଥିତ ନିଜସ୍ୱ କାର୍ଯ୍ୟାଳୟ, ସମୟ : ସକାଳ ୮ଟା ।
- ପ୍ରଶିକ୍ଷଣ ଶିବିର କାର୍ଯ୍ୟକ୍ରମର ସାର୍ଟିଫିକେଟ ପ୍ରଦାନ ଉତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ : ପବ୍ଲିକ ଲାଇବ୍ରେରୀ ପ୍ରେକ୍ଷାଳୟ, ସମୟ : ସକାଳ : ୯ଟା ।
- ଶ୍ରୀଜଗନ୍ନାଥ କଥା ମୃତ କାର୍ଯ୍ୟକ୍ରମ, ସ୍ଥାନ : କମିସନର କଲୋନୀ ସ୍ଥିତ ଶ୍ରୀଶ୍ରୀ ଜ୍ଞାନ କ୍ଷେତ୍ର, ସମୟ : ଅପରାହ୍ନ ୫ଟା ।
- ସମ୍ବଲପୁର ସାଂସ୍କୃତିକ ପରିଷଦ ପକ୍ଷରୁ ସମ୍ବଲପୁର ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ : ବୀର୍ସା ମୁଣ୍ଡା କଲ୍ୟାଣ ମଣ୍ଡପ, ସମୟ : ଅପରାହ୍ନ ୫ଟା ।
- କୁମାର ହାସନଙ୍କ ୬୫ତମ ଜନ୍ମ ନିଦରେ ସାହିତ୍ୟ ଆସର, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୬ଟା ।

## ବରଗଡ଼

- କୋଶଲ ମହାବନ୍ଦ ଉପରେ ବୈଠକ,ସ୍ଥାନ: ଅଗ୍ରଗାମୀ ଯୁବକ ସଂଘ, ବରଗଡ଼,ସମୟ: ପୂର୍ବାହ୍ନ ୧୦ଟା।
- ଧନଲକ୍ଷ୍ମୀ ପୂଜା ଅବସରରେ କଳସ ଶୋଭାଯାତ୍ରା,ସ୍ଥାନ: ଗୋବିନ୍ଦପାଲି, ବରଗଡ଼,ସମୟ: ମଧ୍ୟାହ୍ନ ୧୨ଟା।

## ବୌଦ୍ଧ

- ଶ୍ୟାମାକାଳୀ ପୂଜା, ସ୍ଥାନ:କଳରାକୋଠା, କଣ୍ଟାମାଳ, ସମୟ:ସନ୍ଧ୍ୟା ୭ଟା।

## ଦେବଗଡ଼

- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିନାଥ ମେଳା, ସ୍ଥାନ: ଦେବଗଡ଼ ସହର ବାବୁସାହି, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ଡୁଙ୍ଗୁରିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶିଶୁ ବାଟିକା ମାତୃ କର୍ମଶାଳା, ସ୍ଥାନ : ଶିଶୁ ବିଦ୍ୟା ମନ୍ଦିର ସଭା କେନ୍ଦ୍ର , ସମୟ: ସକାଳ ୯ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଭୁଲ୍ ବୁଝାମଣା କାରଣରୁ ପାରିବାରିକ ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ବହୁତ ଦିନରୁ ଲାଗି ରହିଥିବା ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ। ପାଖ ପଡ଼ୋଶୀଙ୍କ ସହ ମନୋମାଳିନ୍ୟ ଯୋଗୁ ଅପରାହ୍ନ ସମୟରେ ମନ ଉଦାସ ରହିବ। ସହକର୍ମୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି, କିନ୍ତୁ ଆପଣଙ୍କ ଅସୁସ୍ଥତାବଶତଃ କାମ ସ୍ଥଗିତ ରହିଯିବ।

**ବୃଷ** ଦୀର୍ଘ ଦିନରୁ ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ। ବନ୍ଧୁମାନଙ୍କ ପରିହାସଯୁକ୍ତ ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିପାରନ୍ତି। ଅସାବଧାନତା ହେତୁ କେତେକ ବ୍ୟତିକ୍ରମ ସୃଷ୍ଟିର ସମ୍ଭାବନା ଅଛି। ବନ୍ଧୁମାନଙ୍କ ସମାଲୋଚନାର ଶରବ୍ୟ ହୋଇ ମାନସିକ ଅଶାନ୍ତିରେ ସମୟ କାଟିବେ।

**ମିଥୁନ** ଦୈହିକ ଦୁର୍ବଳତା ଯୋଗୁ କର୍ମକ୍ଷେତ୍ରରେ ମନୋବଳ କମିଯାଇପାରେ। ଖଳ ଲୋକମାନେ ଈର୍ଷାପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେବାରେ ସମର୍ଥ ହେବେ। ଗୃହ, ଜମିଜମା, ମାଲିମକଦ୍ଦମା, ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ସୁଫଳ ପାଇବେ। ଅଭାବ ଥିଲେ ମଧ୍ୟ ବନ୍ଧୁମାନଙ୍କ ସାହାଯ୍ୟ ଏବଂ ସହଯୋଗରୁ କାମ ଅଟକିବ ନାହିଁ।

**କର୍କଟ** କର୍ମକ୍ଷେତ୍ରରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ ହେବ। ଅଫିସ୍‌ରେ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। କୌଣସି ଧାର୍ମିକ ଅନୁଷ୍ଠାନ ସହିତ ଜଡ଼ିତ ରହି ବ୍ୟସ୍ତତା ଅନୁଭବ କରିପାରନ୍ତି।

**ସିଂହ** ମାନସିକ ସ୍ଥିତି ବହୁତ ଭଲ ରହିବ ଏବଂ ହିତୈଷୀଙ୍କ ସାନ୍ତ୍ୱନା ବାଣୀ ମନରେ ଆଶ୍ୱସ୍ତି ଭରିପାରେ। ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। ଧାର କରଜ, ଭଡ଼ାସୂତ୍ରରୁ କିମ୍ବା ବକେୟା ଟଙ୍କା ଆଜି ପାଇପାରିବେ। ବନ୍ଧୁଙ୍କ ସାହାଯ୍ୟ ସହଯୋଗ ଫଳରେ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ ସମର୍ଥ ହେବେ।

**କନ୍ୟା** ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି। ଅଫିସରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇ ପଡ଼ିବେ। ନିଜ ଲୋକମାନେ ନିଜ ନିଜର ସ୍ୱାର୍ଥସାଧନ ଆଶାରେ ଆପଣଙ୍କ ଗୁଣଗାନ କରିପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସୂଚନା ରହିଛି।

**ତୁଳା** ଚେଷ୍ଟା କରୁଥିବା କାମରେ ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଫେରନ୍ତା ବାଟରେ ଜଣେ ଯୁବକ ବ୍ୟକ୍ତିଠାରୁ ଯଥେଷ୍ଟ ସହାୟତା ପାଇବେ। କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ କ୍ରମଶଃ ଦୂରେଇ ଯାଇପାରନ୍ତି।

**ବିଛା** ଆବଶ୍ୟକତାକୁ ଅନୁଭବ କରି ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। କର୍ମକ୍ଷେତ୍ରରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିବେ। ଖର୍ଚ୍ଚ ପରିମାଣ ଦୁଇଗୁଣା ହୋଇପାରେ, ଏଣୁ ସାମୟିକ ବିଷାଦଗ୍ରସ୍ତ ହୋଇପାରନ୍ତି। ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ଆନୁଷ୍ଠାନିକ କାମ, ସଭାସମିତି, କଳା, ସାହିତ୍ୟ କ୍ଷେତ୍ରରେ ପ୍ରଶଂସିତ ହେବେ। ପରିବାରରେ ଭୁଲ୍ ବୁଝାମଣାର କୁଫଳ ଭୋଗିବାକୁ ପଡ଼ିପାରେ।

**ମକର** କର୍ମକ୍ଷେତ୍ରରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ଦେଖି ଓ ତାଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ବିଳମ୍ବରେ ହେଲେ ମଧ୍ୟ କାମଗୁଡ଼ିକ ଠିକ୍ ଭାବରେ ସମ୍ପନ୍ନ ହେବାର ଆଶା ରହିଛି।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ, ଯାହାକି କାମକୁ ତ୍ୱରାନ୍ୱିତ ହେବାରେ ସାହାଯ୍ୟ କରିବ। ସଭାସମିତିରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହୋଇପାରନ୍ତି। ବ୍ୟବସାୟରେ ଲାଭ ମିଳିବ, କିନ୍ତୁ ବଦ୍‌ଖର୍ଚ୍ଚ ରୋକିବା ପାଇଁ ଚେଷ୍ଟିତ ହେବେ। କୌଣସି ଜିନିଷ ଅନ୍ୟ ସ୍ଥାନରେ ରଖି ଖୋଜିବା ସମୟରେ ପାଇପାରିବେ ନାହିଁ।

**ମୀନ** ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ପରିବାର ମଧ୍ୟରେ ନିଜର ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ, ଯାହାକି ସମସ୍ୟାକୁ ବୃଦ୍ଧି କରିବ। ରାଜନୀତିରେ ଦୃଢ଼ ପୃଷ୍ଠପୋଷକତା ଯୋଗୁ ଆଗେଇଯିବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ।

ଆଜି ଅକ୍ଟୋବର ୧୯ ତାରିଖ, ବିଶ୍ୱ ଶୌଚାଳୟ ଦିବସ, ଧନ୍ୱନ୍ତରୀ ଜୟନ୍ତୀ, କାର୍ତ୍ତିକ କୃଷ୍ଣପକ୍ଷର ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ରବିବାର। ରାଶିନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/କନ୍ୟା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଦିବା ଘ.୦୬।୩୨ ଗତେ ଘ.୦୮।୫୦ ମଧ୍ୟେ, ଘ.୧୨।୫୭ମି. ଗତେ ଘ.୦୨।୫୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୫୦ ଗତେ ଘ.୦୫।୧୬ ମଧ୍ୟେ ରାହୁକାଳ।

# ପ୍ରଥମ ପୃଷ୍ଠାରୁ...

## ଭାରତକୁ ନିର୍ଣ୍ଣାୟକ ଜବାବ...

ଦୃଷ୍ଟିରୁ ଅଧିକ ଶକ୍ତିଶାଳୀ ଶତ୍ରୁ ବିରୋଧରେ ବିଜୟ ହାସଲ କରିଥିଲା, ଯାହା ଆମ ସେନାର ଉଲ୍ଲେଖନୀୟ ପେସାଦାରିତା ଏବଂ ପ୍ରଭାବକୁ ପ୍ରଦର୍ଶିତ କରିଥିଲା ବୋଲି ମୁନିର କହିଛନ୍ତି। ମେ' ୭ରେ ଭାରତୀୟ ସେନା ଅପରେଶନ ସିନ୍ଦୂର ଆରମ୍ଭ କରିବାର ୪ ଦିନ ପରେ ଅସ୍ତ୍ରବିରତି ପାଇଁ ମେ' ୧୦ରେ ଉଭୟପକ୍ଷ ବୁଝାମଣାରେ ପହଞ୍ଚିଥିଲେ। ଦୁଇ ଦେଶର ଡାଇରେକ୍ଟର ଜେନେରାଲ ଅଫ୍ ମିଲିଟାରି ଅପରେଶନ୍ସ (ଡିଜିଏମ୍‌ଓ) ସ୍ତରରେ ପ୍ରତ୍ୟକ୍ଷ ଆଲୋଚନା ହୋଇଥିଲା। ପାକିସ୍ତାନରେ ଅସ୍ଥିରତା ସୃଷ୍ଟି ପାଇଁ ଭାରତ ଆତଙ୍କବାଦକୁ ଅସ୍ତ୍ର କରିଥିବା ମୁନିର ଅଭିଯୋଗ କରିଛନ୍ତି। ତେବେ ଅଳ୍ପ କେତେଜଣ ଆତଙ୍କବାଦୀ ପାକିସ୍ତାନର କିଛି କ୍ଷତି କରିପାରିବେ ନାହିଁ। ଆଫଗାନିସ୍ତାନ ମାଟିରୁ ସମସ୍ତ ପ୍ରକ୍ସିକୁ ଧୂଳିରେ ମିଶାଇ ଦିଆଯିବ ବୋଲି ତେହରିକ୍-ଇ-ତାଲିବାନ୍ ପାକିସ୍ତାନକୁ ଲକ୍ଷ୍ୟ କରି ମୁନିର ଚେତାବନୀ ଦେଇଛନ୍ତି। ଏଥିସହିତ ଅନ୍ତର୍ଜାତୀୟ ନିୟମାବଳୀ ଅନୁଯାୟୀ କଶ୍ମୀର ବିବାଦ ସମେତ ମୁଖ୍ୟ ପ୍ରସଙ୍ଗଗୁଡ଼ିକର ସମାଧାନ ପାଇଁ ସେ ଭାରତକୁ ଆହ୍ୱାନ ଦେଇଛନ୍ତି। ଜମ୍ମୁ-କଶ୍ମୀରର ଜନସାଧାରଣଙ୍କୁ ନୈତିକ ଓ କୂଟନୈତିକ ସହାୟତା ଯୋଗାଇଦେବା ଲାଗି ପାକିସ୍ତାନ ପ୍ରତିଶ୍ରୁତିବଦ୍ଧ ବୋଲି ପାକ୍ ସେନା ମୁଖ୍ୟ ଦୋହରାଇଛନ୍ତି। ସେ ପାକିସ୍ତାନକୁ ଏକ ଶାନ୍ତିପ୍ରିୟ ରାଷ୍ଟ୍ର ଭାବେ ବର୍ଣ୍ଣନା କରିବା ସହ ଆମେରିକା ଓ ଚାଇନା ଭଳି ବୃହତ୍ ଶକ୍ତିଙ୍କ ସହ ଦୃଢ଼ ସମ୍ପର୍କ ରହିଥିବା କହିଛନ୍ତି।

## ପାକିସ୍ତାନର ପ୍ରତି ଇଞ୍ଚ୍ ...

ରାଜନାଥ କହିଛନ୍ତି। ସରୋଜିନୀ ନଗରଠାରେ ବ୍ରହ୍ମୋସ୍ ଏରୋସ୍ପେସ୍ ୟୁନିଟ୍‌ର ପ୍ରଥମ ବ୍ୟାଚ୍ ବ୍ରହ୍ମୋସ୍ ମିଶାଇଲ ଉତ୍ପାଦନକୁ ରାଜନାଥ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଶୁଭାରମ୍ଭ କରିଛନ୍ତି। ବ୍ରହ୍ମୋସ୍ ହେଉଛି ଭାରତର ବର୍ଦ୍ଧିତ ସାମର୍ଥ୍ୟର ପ୍ରତୀକ। ଏହା କେବଳ ଏକ ମିଶାଇଲ୍ ନୁହେଁ, ବରଂ ଭାରତର ରଣନୀତିକ ଆତ୍ମବିଶ୍ୱାସର ପ୍ରମାଣ। ସ୍ଥଳସେନାଠାରୁ ଆରମ୍ଭ କରି ନୌସେନା ଏବଂ ବାୟୁସେନା, ଏହା ଆମ ପ୍ରତିରକ୍ଷା ବଳର ମୁଖ୍ୟ ସ୍ତମ୍ଭ ପାଲଟିଥିବା ରାଜନାଥ କହିଛନ୍ତି। ଭାରତର ପ୍ରତିରକ୍ଷା ସାମର୍ଥ୍ୟ ଏବେ ଏକ ଶକ୍ତିଶାଳୀ ପ୍ରତିରୋଧୀ ଭାବେ କାର୍ଯ୍ୟ କରୁଛି। ଏହା ପାକିସ୍ତାନକୁ ହୃଦ୍‌ବୋଧ କରାଇଦେଇଛି ଯେ, ଯଦି ଭାରତ ପାକିସ୍ତାନ ସୃଷ୍ଟି କରିପାରିଥିଲା, ତେବେ ସମୟ ଆସିଲେ କ'ଣ କରିପାରିବ, ମୋର ଅଧିକ କହିବା ଆବଶ୍ୟକ ନାହିଁ। ଆପଣମାନେ ବୁଝିପାରୁଥିବେ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ଅପରେଶନ ସିନ୍ଦୂରର ପ୍ରଶଂସା କରି ରାଜନାଥ କହିଛନ୍ତି, ଏହା ଭାରତୀୟଙ୍କ ମଧ୍ୟରେ ନୂଆ ଆତ୍ମବିଶ୍ୱାସ ସୃଷ୍ଟି କରିବା ସହ ବିଶ୍ୱରେ ବ୍ରହ୍ମୋସ୍‌ର ପ୍ରଭାବଶୀଳତାକୁ ପ୍ରମାଣିତ କରିଛି। ସାରା ବିଶ୍ୱ ଏବେ ଭାରତର ସାମର୍ଥ୍ୟକୁ ସ୍ୱୀକୃତି ଦେଇଛି। ଭାରତ ଏହାର ସ୍ୱପ୍ନକୁ ବାସ୍ତବରେ ପରିଣତ କରିପାରେ ବୋଲି ବ୍ରହ୍ମୋସ୍ ଆମ ବିଶ୍ୱାସକୁ ସୁଦୃଢ଼ କରିଛି। ଗତ ଏପ୍ରିଲ ୧୨ରେ ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ମୃତ୍ୟୁ ଘଟିବା ପରେ ମେ' ୭ରେ ଭାରତୀୟ ସେନା ଅପରେଶନ ସିନ୍ଦୂର ନାମରେ ପାକିସ୍ତାନ ଓ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଥିବା ଆତଙ୍କବାଦୀ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲା। ପାକିସ୍ତାନର ଏୟାରବେସ୍‌ଗୁଡ଼ିକୁ ଧ୍ୱଂସ କରିବା ପାଇଁ ଭାରତ ସ୍ୱଦେଶୀ ଜ୍ଞାନକୌଶଳରେ ବିକଶିତ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରକୁ ବ୍ୟବହାର କରିଥିଲା। ଲକ୍ଷ୍ନୌ ୟୁନିଟରେ ଏହି କ୍ଷେପଣାସ୍ତ୍ରର ଉତ୍ପାଦନ ଯୋଗୁ ଏହି ପ୍ରକଳ୍ପ ଭାରତର ବର୍ଦ୍ଧିତ ଆତ୍ମବିଶ୍ୱାସ ଏବଂ ପ୍ରତିରକ୍ଷା ଉତ୍ପାଦନ ସାମର୍ଥ୍ୟର ପ୍ରତୀକ ସାଜିଥିବା ରାଜନାଥ କହିଛନ୍ତି।

## ବନ୍ୟପ୍ରାଣୀ, ପରିବେଶ ...

ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ) ଏମାନଙ୍କ ନିକଟରେ ଅପହଞ୍ଚ ହୋଇରହିଛି। ଦଶନ୍ଧି ଧରି ଗ୍ରାମବାସୀ ଅନ୍ଧାରୀମୂଳକରେ ଦୟନୀୟ ଜୀବନଯାପନ କରୁଥିବାବେଳେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟପ୍ରାଣୀ ସହ ସଂଘର୍ଷ ସବୁ ସମୟରେ ଲାଗି ରହୁଥିଲା। ବିଶେଷକରି ବର୍ଷାଦିନରେ ୩ ପାହାଡ଼ରୁ ବର୍ଷାପାଣି ଗାଁ ଭିତର ଦେଇ ପ୍ରବାହିତ ହେଉଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଥିଲା। ଏଥିରେ ଘର, ରାସ୍ତାଘାଟ, କଲଭର୍ଟ ଧୋଇଯାଉଥିଲା। ଏଥିସହ ପାହାଡ଼ଗୁଡ଼ିକରେ ଥିବା ଚିରସ୍ଥାୟୀ ଜଳଉତ୍ସ ଶୁଷ୍କ ହୋଇଗଲେ ମଣିଷ ଏବଂ ବନ୍ୟପ୍ରାଣୀଙ୍କୁ ସଂଘର୍ଷ କରିବାକୁ ପଡ଼େ। ପାଣି ପାଇଁ ହାତୀ, ଅନ୍ୟାନ୍ୟ ବନ୍ୟପ୍ରାଣୀ ଗାଁ ଭିତରକୁ ଚାଲିଆସୁଥିଲେ। ଅନେକ ସମୟରେ ଘର, ଫସଲ କ୍ଷତି ପହଞ୍ଚାଉଥିଲେ। ଏହାର ସମାଧାନ କରିବାକୁ ଏକ ସାମ୍ପ୍ରତିକ ପଦକ୍ଷେପ ମାଧ୍ୟମରେ ଗ୍ରାମବାସୀ ଏକାଠି ହୋଇ ପାହାଡ଼ର ଶୀର୍ଷରେ ମାଟିବନ୍ଧ ନିର୍ମାଣ କରିବାକୁ ଚିନ୍ତା କରିଥିଲେ। ବୈଷୟିକ ମାର୍ଗଦର୍ଶନ, ସମ୍ବଳ, ପରିବେଶଗତ ସୁରକ୍ଷା ପାଇଁ ସ୍ୱେଚ୍ଛାସେବୀ ସଂଗଠନ ଫାଉଣ୍ଡେଶନ ଫର୍ ଇକୋଲୋଜିକାଲ ସିକ୍ୟୁରିଟି(ଏଫ୍‌ଇଏସ୍) ସହ ଯୋଗାଯୋଗ କରିଥିଲେ। ଏଫ୍‌ଇଏସ୍‌ର ଡିଜାଇନ, ସମର୍ଥନ ଓ ଗ୍ରାମବାସୀଙ୍କ ଶ୍ରମଦାନରେ ପାହାଡ଼ ଶିଖରରେ ପାଣି ରଖିବା, ଜଳ ପ୍ରବାହକୁ ଧୀର କରିବା ଏବଂ ବନ୍ୟାଜଳର ବେଗକୁ ହ୍ରାସ ପାଇଁ ବନ୍ଧ ନିର୍ମାଣ କରାଯାଇଛି। ଏହାଦ୍ୱାରା ବର୍ଷା ସମୟରେ ପାହାଡ଼ରୁ ପ୍ରବାହିତ ପାଣିକୁ ରୋକାଯାଇପାରୁଛି। ନିରନ୍ତର ଇଚ୍ଛାଶକ୍ତି ବଳରେ ଗ୍ରାମବାସୀ କାର୍ଯ୍ୟକୁ ସଫଳତାର ସହ ଶେଷ କରିଛନ୍ତି। ଫଳରେ ଗତ ୫ବର୍ଷ ହେଲା ନିରନ୍ତର ବର୍ଷା ସତ୍ତ୍ୱେ ବନ୍ଧ ଯୋଗୁ ତଳକଂସ ଗ୍ରାମକୁ ବନ୍ୟାର ସମ୍ମୁଖୀନ ହେବାକୁ ପଡୁନାହିଁ। ଘର, ଫସଲ ଏବଂ ଭିତ୍ତିଭୂମିକୁ ସୁରକ୍ଷା ଦେଇଛି। ବନ୍ଧରେ ସଂଗୃହୀତ ପାଣି ହାତୀଙ୍କ ପାଇଁ ଏକ ନିର୍ଭରଯୋଗ୍ୟ ଉତ୍ସ ପାଲଟିଛି। ଫଳରେ ଗ୍ରାମରେ ହାତୀ ଉପଦ୍ରବ ହ୍ରାସ ଘଟିବା ସହ ବନ୍ୟା ବିପଦ କମିଥିବା ଗ୍ରାମ ବିକାଶ କମିଟିର ସଭାପତି ଦାମୋଦର ଜୁଆଙ୍ଗ କହିଛନ୍ତି। ଏଫ୍‌ଇଏସ୍‌ର ଜିଲା ଟିମ୍ ଲିଡ୍‌ର ସାସ୍ୱତିକ ତ୍ରିପାଠୀ କହିଛନ୍ତି, ମଣିଷ-ହାତୀ ସଂଘର୍ଷକୁ ବନ୍ଧ ନାଟକୀୟ ଭାବରେ ହ୍ରାସ କରିଛି। ଯାହା ମଣିଷ ଏବଂ ପଶୁ ଉଭୟଙ୍କୁ ସୁରକ୍ଷା ଦେଇଛି। ତୁରନ୍ତ ପରିବେଶଗତ ଏବଂ ସୁରକ୍ଷା ଲାଭ ବ୍ୟତୀତ ପ୍ରକଳ୍ପ ଗ୍ରାମବାସୀଙ୍କ ମଧ୍ୟରେ ସମ୍ପ୍ରଦାୟ ଏବଂ ସାମୂହିକ କାର୍ଯ୍ୟର ଭାବନାକୁ ସୁଦୃଢ଼ କରିଛି।

## ଦୀପାବଳି ପାଳନକୁ ...

କରି କହିଛନ୍ତି, ୨୦ ତାରିଖ ଅପରାହ୍ନ ୩ଟା ୪୫ ମିନିଟ୍ ପରେ ଅମାବାସ୍ୟା ପ୍ରବେଶ କରୁଛି। ୨୧ ତାରିଖ ସନ୍ଧ୍ୟା ୫ଟା ୫୪ ମିନିଟ୍ ପର୍ଯ୍ୟନ୍ତ ଅମାବାସ୍ୟା ରହୁଛି। ତେଣୁ ୨୧ ତାରିଖ ଦିନ ଦୀପାବଳି, ପୟା ଶ୍ରାଦ୍ଧ ପାଳନ କରିବା ବିଧେୟ ବୋଲି ମତପ୍ରକାଶ କରିଛନ୍ତି। ୨୦ କିମ୍ବା ୨୧ ତାରିଖରେ ଦୀପାବଳି ପାଳନ ହେବ ଏହି ଦ୍ୱନ୍ଦ୍ୱର ସ୍ରଷ୍ଟା ସ୍ୱୟଂ ମୁକ୍ତିମଣ୍ଡପ ପଣ୍ଡିତ ସଭା ଏଥିରେ ଦ୍ୱିରୁକ୍ତି ନାହିଁ। ଅମାବାସ୍ୟାର ୨ୟ ସନ୍ଧ୍ୟା ବା ସୂର୍ଯ୍ୟଙ୍କ ଅସ୍ତ ପରେ ଅନ୍ୟୂନ ଏକ ଦଣ୍ଡ ବା ୨୪ ମିନିଟ୍ ରହିଲେ ଦ୍ୱିତୀୟ ଦିନ ପାଳନ ପୟା ବା ଦୀପଦାନ ଶ୍ରାଦ୍ଧ ଓ ବଡ଼ବଡୁଆ ଡାକ ପାଇଁ 'ଗଦାଧର ପଦ୍ଧତି'ର ୪୬୫ ପୃଷ୍ଠା ଓ 'ପଣ୍ଡିତ ସର୍ବସ୍ୱ'ର ୨୧୯ ପୃଷ୍ଠାରେ ସ୍ପଷ୍ଟ ଉଲ୍ଲେଖ ରହିଛି। ଚତୁର୍ଦ୍ଦଶୀ ଯୁକ୍ତ ଅମାବାସ୍ୟାରେ ଦୀପଦାନ ଶ୍ରାଦ୍ଧ ପାଳନ କଲେ ପିତୃପୁରୁଷ ଅସୁଖୀ ହୋଇଥାନ୍ତି ବୋଲି ମଧ୍ୟ ସେଥିରେ ଉଲ୍ଲେଖ ରହିଛି। ଏହି ଗାଣିତିକ ତ୍ରୁଟି ପାଇଁ ପଣ୍ଡିତ ସଭା ସମ୍ପୂର୍ଣ୍ଣ ଦାୟୀ ହୋଇଥିବାବେଳେ ଏକ ତ୍ରୁଟିପୂର୍ଣ୍ଣ ପର୍ବ ପାଳନ ପାଇଁ ତ୍ରୁଟିଯୁକ୍ତ ଦିନ ତାଙ୍କ ଦ୍ୱାରା ସ୍ୱୀକୃତ ପଞ୍ଜିକାରେ ଦର୍ଶାଯାଇଛି। ଓଡ଼ିଶାର ଲୋକେ ପୟା ବା ଦୀପଦାନ ଶ୍ରାଦ୍ଧ ଓ ବଡ଼ବଡୁଆ ଡାକ ୨୧ ତାରିଖରେ ପାଳନ କରନ୍ତୁ ବୋଲି ମିଶ୍ର କହିଛନ୍ତି। ଅପରପକ୍ଷରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର ସାଧାରଣ ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର କହିଛନ୍ତି, ୨୦ ତାରିଖ ସନ୍ଧ୍ୟାରେ ଲୋକମାନେ ନିଜ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପୟାଶ୍ରାଦ୍ଧ ପାଳନ କରିବା ସହିତ ଦୀପାବଳି ପର୍ବ ମଧ୍ୟ ପାଳନ କରିବେ। ସୋମବାର ୨୦ ତାରିଖ ଅପରାହ୍ନ ୩ଟା ୨୩ ମିନିଟରୁ ଅମାବାସ୍ୟା ପ୍ରବେଶ କରୁଛି। ଏହା ପରଦିନ ଅର୍ଥାତ୍ ମଙ୍ଗଳବାର ୨୧ ତାରିଖ ଅପରାହ୍ନ ୫ଟା ୧୫ ମିନିଟ ପର୍ଯ୍ୟନ୍ତ ରହିବ। ପୟାଶ୍ରାଦ୍ଧ ରାତ୍ରିକାଳୀନ ପର୍ବ ହୋଇଥିବାରୁ ସୋମବାର ସନ୍ଧ୍ୟାରେ ଅମାବାସ୍ୟା ରହୁଥିବାରୁ ଏହିଦିନ ପୟାଶ୍ରାଦ୍ଧ ପାଳନ ହେବ। ଏହାକୁ ନେଇ ଲୋକମାନେ ବିଭ୍ରାନ୍ତ ନ ହୋଇ ୨୦ ତାରିଖ ସୋମବାର ସନ୍ଧ୍ୟାରେ ପୟାଶ୍ରାଦ୍ଧ ପାଳନ କରନ୍ତୁ। ମୁକ୍ତିମଣ୍ଡପ ପଣ୍ଡିତ ସଭା ଯେଉଁ ୫ଟି ପାଞ୍ଜି କରିଛି, ସେଥିରେ ଅପରାହ୍ନ ୫ଟା ୩୦ ଭିତରେ ଅମାବାସ୍ୟା ଶେଷ ହେଉଛି। ନିୟମ ଅନୁସାରେ ସନ୍ଧ୍ୟା ପରେ ଯଦି ୨୪ ମିନିଟ୍ ଅମାବାସ୍ୟା ରୁହେ ତେବେ ଦୀପଦାନ ଓ ଶ୍ରାଦ୍ଧ ହୋଇପାରିବ। ମାତ୍ର ୨୧ ତାରିଖ ସନ୍ଧ୍ୟା ପରେ ୨୪ ମିନିଟ୍ ରହୁନାହିଁ। ତେଣୁ ୨୧ ତାରିଖ ଦିନ ପାଳନ କରାଯାଇପାରିବ ନାହିଁ। ବିଭ୍ରାନ୍ତି ଘଟାଉଥିବା ବ୍ୟକ୍ତିଙ୍କୁ ବିଶୃଙ୍ଖଳା ପାଇଁ ମୁକ୍ତିମଣ୍ଡପ ପଣ୍ଡିତ ସଭାରୁ ବହିଷ୍କୃତ କରାଯାଇଛି ବୋଲି ସାଧାରଣ ସମ୍ପାଦକ ମିଶ୍ର କହିଛନ୍ତି। ଏନେଇ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ ନିଜ ପ୍ରତିକ୍ରିୟାରେ କହିଛନ୍ତି, ଶ୍ରୀମନ୍ଦିରରେ ସୂର୍ଯ୍ୟୋଦୟକୁ ନେଇ ସମସ୍ତ ଦେବନୀତି ଅନୁଷ୍ଠିତ ହୋଇଥାଏ। ଏହି କ୍ରମରେ ୨୧ ତାରିଖ ମଙ୍ଗଳବାର ଦିନ ସୂର୍ଯ୍ୟୋଦୟ ବେଳକୁ ଅମାବାସ୍ୟା ଥିବାରୁ ମଙ୍ଗଳବାର ଶ୍ରୀମନ୍ଦିରରେ ଅମାବାସ୍ୟା ପାଳନ ହେବା ସହ ସାଗର ବିଜେ ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଦେବ ଦୀପାବଳି ମାର୍ଗଶିର ଅମାବାସ୍ୟାରେ ଅନୁଷ୍ଠିତ ହୋଇଥାଏ। କାର୍ତ୍ତିକ ଅମାବାସ୍ୟାରେ ମହାପ୍ରଭୁଙ୍କ ନୀତି ନାହିଁ ବୋଲି ନୀତି ପ୍ରଶାସକ ମତବ୍ୟକ୍ତ କରି କହିଛନ୍ତି।

## ୩ ନମ୍ବର ହେଲେ ...

କଂଗ୍ରେସ ଭଲ ପ୍ରଦର୍ଶନ କରିବ ବୋଲି ୨୦୨୪ ସାଧାରଣ ନିର୍ବାଚନ ଫଳାଫଳ ହିଁ ଏକ ପ୍ରକାର ସ୍ପଷ୍ଟ କରୁଛି। ତେଣୁ ଉପନିର୍ବାଚନରେ ଯଦି ବିଜେଡି ୩ ନମ୍ବର ସ୍ଥାନରେ ରହିଲା ତେବେ କଥା ସରିଲା ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଏହାକୁ ବିଜେଡିର ବହୁ ବରିଷ୍ଠ ନେତା ମଧ୍ୟ ସ୍ୱୀକାର କରିବା ଆରମ୍ଭ କରିଦେଲେଣି। ବିଜେଡି ନେତା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟଙ୍କୁ ଭାଜପା ପ୍ରାର୍ଥୀ କରିସାରିଛି। ସୂଚନା ମୁତାବକ, ନୂଆପଡ଼ାରେ ରାଜେନ୍ଦ୍ରଙ୍କର ଏକ ସ୍ୱତନ୍ତ୍ର ଏଜେନ୍ସି ରହିଥିଲା। ତାଙ୍କ ଏଜେନ୍ସି ଜରିଆରେ ହିଁ ସେଠାରେ ବିଜେଡି ବାରମ୍ବାର ବିଧାନସଭା ଆସନ ଦଖଲ କରିପାରୁଥିଲା। ରାଜେନ୍ଦ୍ରଙ୍କ ପରିବାର ଭାଜପାକୁ ଯିବାପରେ ବିଜେଡି ବାଧ୍ୟହୋଇ ଅନ୍ୟ ଜିଲାରୁ ଜଣେ ନେତ୍ରୀଙ୍କୁ ସେଠାରେ ଟିକେଟ ଦେବାକୁ ବାଧ୍ୟହୋଇଛି। ସ୍ଥାନୀୟ କୌଣସି ନେତାଙ୍କୁ ଟିକେଟ ଦେଇଥିଲେ, ପରବର୍ତ୍ତୀ ସମୟରେ ଯଦି ସରକାରୀ ଦଳ ଦ୍ୱାରା ପ୍ରଲୋଭିତ ହୋଇ ପ୍ରାର୍ଥୀ ବିକ୍ରି ହୋଇଯିବେ ତେବେ ଅଧିକ ଅସୁବିଧା ସୃଷ୍ଟି କରିପାରେ ବୋଲି ବିଜେଡି ନେତାମାନେ ଅନୁମାନ କରିଥିଲେ । ସେଥିଲାଗି ସ୍ନେହାଙ୍ଗିନୀଙ୍କୁ ପ୍ରାର୍ଥୀ କରାଗଲା। ହେଲେ ଜିଲା ବାହାର ନେତ୍ରୀ ଭାବେ ସ୍ନେହାଙ୍ଗିନୀଙ୍କୁ କେତେ ସମର୍ଥନ ମିଳିବ ତାହା ସବୁଠାରୁ ବଡ଼ କଥା। ଏଭଳି ସ୍ଥିତିରେ ୫୨ ଜଣ ନେତାଙ୍କୁ ନୂଆପଡ଼ା ଉପନିର୍ବାଚନ ପାଇଁ ଗ୍ରାଉଣ୍ଡରେ କାମ କରିବା ପାଇଁ ଦାୟିତ୍ୱ ବଣ୍ଟାଯାଇଛି। ହେଲେ ସେହି ନେତାମାନଙ୍କ ଭିତରେ ଯେଉଁ ଟିମ୍ ସ୍ପିରିଟ୍ ରହିବା କଥା, ତାହା ଦେଖିବାକୁ ମିଳୁନାହିଁ। ବାରମ୍ବାର ଫୋନ୍ କରିବା ପରେ ଦାୟିତ୍ୱ ପାଇଥିବା ନେତାମାନେ ଯିବାକୁ ବାହାରିଛନ୍ତି। ନେତାଙ୍କ ଏଭଳି ଦୁର୍ବଳ ମନୋବଳ ନିର୍ବାଚନ ଫଳାଫଳ ଉପରେ ନାକାରାତ୍ମକ ପ୍ରଭାବ ପକାଇପାରେ ବୋଲି ମଧ୍ୟ ଆଲୋଚନା ଚାଲିଛି। ଗତ ସାଧାରଣ ନିର୍ବାଚନରେ ମାତ୍ର ୧୪ଟି ବିଧାନସଭା ଆସନ ପାଇଥିବା କଂଗ୍ରେସ କିନ୍ତୁ ନିଜର ସବୁ ଶକ୍ତି ଲଗାଇ ନିର୍ବାଚନ ଲଢ଼ିବା ଆରମ୍ଭ କରିଦେଇଛି। କଂଗ୍ରେସ ପ୍ରାର୍ଥୀ ହୋଇଥିବା ଘାସିରାମ ଗତ ସାଧାରଣ ନିର୍ବାଚନରେ ସ୍ୱାଧୀନ ଭାବେ ଲଢ଼ି ଦ୍ୱିତୀୟ ସ୍ଥାନରେ ରହିଥିଲେ। ତେଣୁ କଂଗ୍ରେସ ଏହି ଉପନିର୍ବାଚନରେ ବିଜୟୀ ହେବା ଆଶା ରଖିଛି। ନିକଟରେ ନୂଆପଡ଼ା ଗସ୍ତରେ ଥିବାବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଗୁରୁତ୍ୱପୂର୍ଣ୍ଣ କଥା କହି ଆସିଛନ୍ତି। ଆସନ୍ତା ଉପନିର୍ବାଚନରେ ଭାଜପା ଏବଂ କଂଗ୍ରେସ ମଧ୍ୟରେ ଲଢ଼େଇ ହେବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି କଥା ପରେ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ମଧ୍ୟ କିଛି ଲାଭ ହୋଇଥିବା କଥା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

ଏହିଭଳି ଭାବେ ଯଦି ଭାଜପା ଏବଂ କଂଗ୍ରେସର ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୁଏ ତେବେ ବିଜେଡିର ଭବିଷ୍ୟତ ପାଇଁ ଏକ ଜଟିଳ ସମସ୍ୟା ସୃଷ୍ଟିହେବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଯଦିଓ ନିର୍ବାଚନ ଫଳାଫଳ ବାହାରିବା ପୂର୍ବରୁ ଅନେକ କିଛି ଆକଳନ କରିହେବ ନାହିଁ, ତଥାପି କଂଗ୍ରେସ ଯଦି ୧ କିମ୍ବା ୨ ନମ୍ବର ସ୍ଥାନରେ ରହିଯାଏ, ଏହା ସବୁଦିନ ଲାଗି ବିଜେଡି ପାଇଁ ସମସ୍ୟା ସୃଷ୍ଟି କରିବ। ହୁଏତ ଲୋକମାନଙ୍କ ମାନସିକତାରେ କଂଗ୍ରେସ ରାଜ୍ୟରେ ବଢୁଥିବା ବାର୍ତ୍ତା ଚାଲିଯାଇପାରେ। ତେଣୁ ପରବର୍ତ୍ତୀ ସମୟରେ ରାଜ୍ୟରେ ଯଦି କୌଣସି ନିର୍ବାଚନ ହୁଏ ତୃଣମୂଳସ୍ତରର କର୍ମୀମାନେ ସରକାରୀ ଦଳ ବିରୋଧରେ ଲଢ଼ିବାକୁ ଚିନ୍ତାକଲେ, କଂଗ୍ରେସକୁ ପ୍ରଥମ ବିକଳ୍ପ ଭାବେ ବାଛିନେବେ। ଯେକୌଣସି ନିର୍ବାଚନ ଭବିଷ୍ୟତରେ ହେବ, ସେଥିରେ କଂଗ୍ରେସ ଏବଂ ଭାଜପା ମଧ୍ୟରେ ସିଧାସଳଖ ଲଢ଼େଇ ହେବା ନେଇ ଏକ ନୂଆ ସମ୍ଭାବନା ସୃଷ୍ଟି ହୋଇଯିବ ବୋଲି ଅନେକେ କୁହାକୁହି ହେବା ଆରମ୍ଭ କରିଦେଲେଣି। ଏହା ଜାଣିପାରି ଏବଂ ନିଜ ଦଳର ନେତାମାନଙ୍କ ଭିତରେ ଉପନିର୍ବାଚନରେ କାମ କରିବାର ଅନାଗ୍ରହ କଥା ବୁଝିପାରି ନିଜେ ନବୀନ କୁଆଡ଼େ ଟେଲିଫୋନ ଯୋଗେ ନେତାମାନଙ୍କ ସହ କଥା ହେଉଛନ୍ତି ବୋଲି ତାଙ୍କ ଦଳ ଭିତରେ ଚର୍ଚ୍ଚା ଜୋର୍ ଧରିଛି।

## ୨୦, ୨୧ରେ ...

ପର୍ବ ଉପଲକ୍ଷେ ୨୦ ତାରିଖକୁ ଅତିରିକ୍ତ ଛୁଟି ଘୋଷଣା କରାଯାଇଛି। ଏହିଦିନ ନୂଆପଡ଼ା ଜିଲା ବ୍ୟତୀତ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମାଜିଷ୍ଟ୍ରେରିଆଲ କୋର୍ଟ ବନ୍ଦ ରହିବ। ଏହାସହ ଚଳିତ ମାସର ୪ର୍ଥ ଶନିବାର ଯେଉଁ ଛୁଟି ସରକାରୀ କର୍ମଚାରୀଙ୍କୁ ମିଳିବା କଥା ତାହା ହେବନାହିଁ। ୪ର୍ଥ ଶନିବାରକୁ କାର୍ଯ୍ୟଦିବସ ଭାବେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି। ଅନ୍ୟପଟେ ଆସନ୍ତା ୨୧ ତରିଖ ମଧ୍ୟ ସରକାରୀ ଛୁଟି ଯେମିତି ହେବା କଥା ହେବ। ହେଲେ ୨୧ରେ ରାଜ୍ୟର ସବୁ ବ୍ୟାଙ୍କିଙ୍ଗ୍ ଏବଂ ଅଣ ବ୍ୟାଙ୍କିଙ୍ଗ୍ ସଂସ୍ଥାଗୁଡ଼ିକ ଖୋଲା ରହିବ। ଏହି ଦୁଇଦିନ ନୂଆପଡ଼ାରେ ବ୍ୟତୀତ ଅନ୍ୟ ଜିଲାଗୁଡ଼ିକରେ ସ୍କୁଲ, କଲେଜ ଛୁଟି ରହିବା ନେଇ ଶିକ୍ଷା ବିଭାଗ ଘୋଷଣା କରିଛି । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକ ଛୁଟି ରହିବ ବୋଲି ବିଭାଗୀୟ ଅତିରିକ୍ତ ଶାସନ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ମଧ୍ୟ ୨ ଦିନ ଛୁଟି ରହିବା ନେଇ ପିଟିସି ଉପନିର୍ଦ୍ଦେଶକ ରଜତ କୁମାର ମାନସିଂହ ସମସ୍ତ ପିଜି କାଉନ୍‌ସିଲ ଅଧ୍ୟକ୍ଷ ଏବଂ ପ୍ରିନ୍ସିପାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଜମିଜମା ସମସ୍ୟାର ସମାଧାନ ବାଟ ଖୋଜ: ମନ୍ତ୍ରୀ ପୂଜାରୀ

ଭୁବନେଶ୍ୱର,୧୮।୧୦(ସୁନିତ୍ ମିଶ୍ର)

ରାଜସ୍ୱ ସେବାକୁ ସହଜ ଓ ଲୋକାଭିମୁଖୀ କରିବା ସହ ଉପଯୁକ୍ତ ସମୟରେ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ରାଜସ୍ୱ ଅଧିକାରୀମାନେ ଅଗ୍ରାଧିକାର ଦେବା ଉଚିତ। ଏବେ ରାଜସ୍ୱ ଆଇନରେ ସଂଶୋଧନ ଓ ସଂସ୍କାର ଆଣିବା ଜରୁରୀ ହୋଇପଡ଼ିଛି। ସରକାର ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରୁଛନ୍ତି। ରାଜସ୍ୱ ସେବା ଠିକ୍ ଓ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଲୋକଙ୍କ ନିକଟରେ ପହଞ୍ଚାଇଦେବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ରାଜସ୍ୱ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭୁବନେଶ୍ୱର ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ(ଆର୍‌ଓଟିଆଇ)ଠାରେ ଆୟୋଜିତ ୨ ଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ମନ୍ତ୍ରୀ ପୂଜାରୀ କହିଛନ୍ତି, ରାଜସ୍ୱ ଆଇନକୁ ଜନସାଧାରଣଙ୍କ ହିତ ଦୃଷ୍ଟିରୁ ସରଳ କରିବା ଦରକାର। ରାଜସ୍ୱ ଅଧିକାରୀମାନେ ଜନସାଧାରଣଙ୍କ ଜମିଜମା ସମସ୍ୟାର ସମାଧାନର ବାଟ ଖୋଜିବାକୁ ପ୍ରୟାସକରିବା ଦରକାର। ଏହା ଫଳରେ ଠିକ୍ ସେବା ମିଳିପାରିବ। ସରକାରୀ ସମ୍ପତ୍ତିର ସୁରକ୍ଷା କରିବା ଓ ଜବରଦଖଲ ମୁକ୍ତକରିବା ମୁଖ୍ୟ ଦାୟିତ୍ୱ। ସରକାରୀ ପ୍ରକଳ୍ପ ପାଇଁ ଆବଶ୍ୟକ ଜମି ଯୋଗାଇଦେବା ଉପରେ ମଧ୍ୟ ଗୁରୁତ୍ୱ ଦେବା ଉଚିତ। ତହସିଲଦାରମାନେ ନିଜ ଅଞ୍ଚଳର ଜମିଜମା ସ୍ଥିତି ସମ୍ପର୍କରେ ଏକ ଡାଟାବେସ୍ ପ୍ରସ୍ତୁତ କରନ୍ତୁ।

ଏହି ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂହ କହିଛନ୍ତି, ସରକାର ଜନସାଧାରଣଙ୍କ ହିତ ପାଇଁ ଯେଉଁ ରାଜସ୍ୱ ଆଇନ ପ୍ରଣୟନ କରିଛନ୍ତି ସେସବୁର ସଫଳ ରୂପାୟନ ରାଜସ୍ୱ ଅଧିକାରୀଙ୍କ ଦାୟିତ୍ୱ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାଞ୍ଚଳର ୧୦ଟି ଜିଲାର ଜିଲାପାଳ ଆଭାସି ମାଧ୍ୟମରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ୯ ଜଣ ଅତିରିକ୍ତ ଜିଲାପାଳ(ରାଜସ୍ୱ), ୧୬ ଜଣ ଉପଜିଲାପାଳ, ୧୧୨ ଜଣ ତହସିଲଦାର, ୧୦ ଜଣ ଜିଲା ନିବନ୍ଧକ , ୬୨ ଜଣ ସହକାରୀ ନିବନ୍ଧକ, ୪ ଜଣ ଜିଲା ମଙ୍ଗଳ ଅଧିକାରୀ ଯୋଗଦେଇଥିଲେ।

# ୧୮ ହଜାର ଟଙ୍କା ବୃତ୍ତି ପାଉଥିଲେ 'ସୁଭଦ୍ରା' ପାଇଁ ଅଯୋଗ୍ୟ ହେବେ ଛାତ୍ରୀ

ଭୁବନେଶ୍ୱର,୧୮।୧୦ (ସୁଚିସ୍ମିତା ସାହୁ)

**୨ ବିଭାଗକୁ ରିପୋର୍ଟ ମାଗିଲା ମହିଳା ଓ ଶିଶୁ କଲ୍ୟାଣ ବିଭାଗ**

ଛାତ୍ରୀମାନେ ବାର୍ଷିକ ୧୮ ହଜାର ଟଙ୍କାରୁ ଅଧିକ ଛାତ୍ରବୃତ୍ତି ପାଉଛନ୍ତି କି? କୌଣସି ମହିଳାଙ୍କୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କଠାରୁ ୧୮ ହଜାର କିମ୍ବା ଏହାଠାରୁ ଅଧିକ ଟଙ୍କାର ଆର୍ଥିକ ସହାୟତା ମିଳୁଛି କି? ଯଦି ଆପଣ ଏପରିକି ସରକାରୀ ସହାୟତା ପାଉଥିବେ ତେବେ ସୁଭଦ୍ରା ଯୋଜନାରୁ ବାଦ୍ ପଡ଼ିବେ। 'ସୁଭଦ୍ରା ଯୋଜନା'ର ଏହି ଗାଇଡ୍‌ଲାଇନ୍ ଅନୁଯାୟୀ ଅଯୋଗ୍ୟ ଚିହ୍ନଟ ଲାଗି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ନିର୍ଦ୍ଦେଶିକା ମୋନିସା ବାନାର୍ଜୀ ଉଚ୍ଚଶିକ୍ଷା ବିଭାଗ ଏବଂ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗ ସଚିବଙ୍କୁ ପତ୍ର ଲେଖିଛନ୍ତି। ଉକ୍ତ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, 'ସୁଭଦ୍ରା' ନିୟମାବଳୀ ଅନୁସାରେ ଏହି ଯୋଜନା ଅଧୀନରେ ଯୋଗ୍ୟ ହେବା ପାଇଁ ହିତାଧିକାରୀଙ୍କ ବୟସ ୨୧ ବର୍ଷ କିମ୍ବା ତାହାଠାରୁ ଅଧିକ ଏବଂ ୬୦ ବର୍ଷରୁ କମ୍ ହୋଇଥିବା ଆବଶ୍ୟକ। ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ କୌଣସି ଯୋଜନା ଅଧୀନରେ ଯଦି ବାର୍ଷିକ ୧୮,୦୦୦ ଟଙ୍କା କିମ୍ବା ତାହାଠାରୁ ଅଧିକ ଅର୍ଥ ସହାୟତା ଗ୍ରହଣ କରୁଥିବେ, ସେକ୍ଷେତ୍ରରେ ସଂପୃକ୍ତ ମହିଳା ଅଯୋଗ୍ୟ ଘୋଷିତ ହେବେ। ଏହି ପରିପ୍ରେକ୍ଷୀରେ ବିଭାଗକୁ ଅନେକ ଅଭିଯୋଗ ମିଳିଛି। ସେଥିରେ ଛାତ୍ରୀମାନଙ୍କୁ ଯେଉଁ ଛାତ୍ରବୃତ୍ତି ରାଶି ପ୍ରଦାନ କରାଯାଉଛି ତାହା କେବଳ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟରେ ବ୍ୟୟ ହେଉଛି, ହେଲେ ଏହାକୁ ଅତିରିକ୍ତ ଅର୍ଥ ସହାୟତା ଭାବେ ହିସାବକୁ ନିଆଯାଇପାରୁନାହିଁ। ଏନେଇ ବିସ୍ତୃତ ଭାବେ ଯାଞ୍ଚ କରି ତଥ୍ୟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ନିର୍ଦ୍ଦିଷ୍ଟ ଫର୍ମାଟରେ ୨୦୨୩-୨୪ ଓ ୨୦୨୪-୨୫ ଆର୍ଥିକ ବର୍ଷରେ କେଉଁ ଛାତ୍ରୀମାନେ ୧୮ ହଜାର ଟଙ୍କାରୁ ଅଧିକ ଛାତ୍ରବୃତ୍ତି ନେଇଛନ୍ତି ତା'ର ସମସ୍ତ ତଥ୍ୟ ପ୍ରଦାନ କରିବା ଲାଗି ଉକ୍ତ ପତ୍ରରେ ଉଲ୍ଲେଖ ରହିଛି।

# ଖୋଲିଲା ଶିମିଳିପାଳ

ବାରିପଦା,୧୮।୧୦ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଏସିଆ ମହାଦେଶର ଦ୍ୱିତୀୟ ବୃହତ୍ତମ ଜୈବମଣ୍ଡଳ ତଥା ପ୍ରକୃତିର ଗନ୍ତାଘର ମୟୂରଭଞ୍ଜର ଶିମିଳିପାଳ ଜାତୀୟ ଅଭୟାରଣ୍ୟ ପର୍ଯ୍ୟଟକମାନଙ୍କ ପାଇଁ ଶନିବାରଠାରୁ ଖୋଲାଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ବାରିପଦାର ପିଠାବଟା ଓ ଯଶୀପୁର କାଳିଆଣି ତନଖି ଫାଟକରେ ପର୍ଯ୍ୟଟକଙ୍କୁ ସ୍ୱାଗତ କରାଯାଇଛି। ସକାଳ ୬ଟାରୁ ୯ଟା ମଧ୍ୟରେ ପର୍ଯ୍ୟଟକମାନେ ଅଭୟାରଣ୍ୟକୁ ପ୍ରବେଶ କରିଛନ୍ତି। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣର ଉପନିର୍ଦ୍ଦେଶକ ସମ୍ରାଟ ଗୌଡା ଉପସ୍ଥିତ ରହି ପର୍ଯ୍ୟଟକଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି। ବନବିଭାଗ ପକ୍ଷରୁ ସଫାରୀରେ ଅଭୟାରଣ୍ୟ ବୁଲିବାର ବ୍ୟବସ୍ଥା ହୋଇଥିବାରୁ ପର୍ଯ୍ୟଟକମାନେ ଏହାର ସୁଯୋଗ ନେଇଛନ୍ତି। ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା, ଆମୋଦପ୍ରମୋଦ ଓ ରହଣି ନିମନ୍ତେ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟକମାନେ ବୁକିଂ କାଉଣ୍ଟରରୁ ଅନୁମତି ପତ୍ର ନେଇ ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିଥିବାବେଳେ ପ୍ରବେଶ ଓ ରାତ୍ରିଯାପନ ପାଇଁ ଅନଲାଇନର ସୁବ୍ୟବସ୍ଥା କରାଯାଇଛି। ଆଦିବାସୀମାନେ ପାରମ୍ପରିକ ବେଶଭୂଷାରେ ନୃତ୍ୟ ଗୀତ ଗାଇ ପର୍ଯ୍ୟଟକଙ୍କୁ ପାଛୋଟି ନେଇଛନ୍ତି।

ଓଡ଼ିଶାର ଏକମାତ୍ର ଅଭୟାରଣ୍ୟ ଶିମିଳିପାଳରେ ମହାବଳ ବାଘ ଓ କଳା ବାଘ ରହିଥିବା ବେଳେ ଅତି ନିକଟରୁ ବନ୍ୟପ୍ରାଣୀଙ୍କୁ ଦେଖିବା ପ୍ରାଣୀପ୍ରେମୀଙ୍କୁ ଆକର୍ଷିତ କରିଥାଏ। ଅଭୟାରଣ୍ୟ ଖୋଲିବାର ପ୍ରଥମ ଦିବସରେ ପିଠାବଟା ଦେଇ ୮ଟି ସଫାରୀ ଜିପ୍‌ରେ ୩୫ଜଣ, ୧୨ଟି ଗାଡିରେ ୪୦ ପର୍ଯ୍ୟଟକ ଏବଂ ଯଶିପୁରପଟୁ କାଳାଆମୀ ଗେଟ ଦେଇ ୩ଟି ସଫାରୀ ଜିପ୍‌ରେ ୧୮ ଜଣ ଓ ୧୦ଟି ଗାଡିରେ ୩୬ ପର୍ଯ୍ୟଟକ ଶିମିଳିପାଳକୁ ପ୍ରବେଶ କରିଛନ୍ତି। ଉଭୟ ଗେଟ୍ ଦେଇ ମୋଟ ୧୨୯ପର୍ଯ୍ୟଟକ ଶିମିଳିପାଳର ମଜା ଉଠାଇଛନ୍ତି।

# ୨୧ରେ ପୁଣି ଲଘୁଚାପ, ୨୩ରେ ଅବପାତ

**▪ ବାତ୍ୟା ନେଇ ଆକଳନ କରାଯାଇନାହିଁ: ଆଇଏମ୍‌ଡି ଡିଜି**
**▪ ଆଶଙ୍କା ବଢ଼ାଇଲା ଆମେରିକାନ୍ ପାଣିପାଗ ମଡେଲ**

ଭୁବନେଶ୍ୱର, ୧୮।୧୦ (ବନ୍ଦନା ସେଠୀ)

ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ସଂଲଗ୍ନ ଦକ୍ଷିଣ ପୂର୍ବ ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ପ୍ରଭାବରେ ଆସନ୍ତା ୨୧ ତାରିଖ ସୁଦ୍ଧା ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ୨୩ ତାରିଖ ବେଳକୁ ଏହା ଅବପାତର ରୂପ ନେଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ଅନ୍ୟପକ୍ଷରେ ଆମେରିକାର ପାଣିପାଗ ମଡେଲ 'ଜିଏଫ୍‌ଏସ୍'ର ଆକଳନ କରିଛି ଯେ, ଏହି ଅବପାତ ବାତ୍ୟା ଆଣିପାରେ। ବାତ୍ୟା ସୃଷ୍ଟି ହେଲେ ଭୟଙ୍କର ରୂପ ନେବାର ଅଧିକ ସମ୍ଭାବନା ରହିଛି। ତେବେ ଆମେରିକାନ ମଡେଲର ଏହି ଆକଳନକୁ ନେଇ ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ସମ୍ଭାବ୍ୟ ଅବପାତ ବାତ୍ୟାର ରୂପ ନେବ କି ନାହିଁ ଏବେଠାରୁ ତାହାର କୌଣସି ପୂର୍ବାନୁମାନ କରାଯାଇନାହିଁ। ଜିଏଫ୍‌ଏସ୍ ମଡେଲ ଦେଖନ୍ତୁ ନାହିଁ। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଯାହା ପୂର୍ବାନୁମାନ କରାଯାଉଛି ତାହା ଦେଖନ୍ତୁ। ଲଘୁଚାପ ସୃଷ୍ଟି ହେବା ପରେ ହିଁ ସ୍ଥିତି ସ୍ପଷ୍ଟ ହେବ। ତେବେ ୨୧ ତାରିଖ ପୂର୍ବରୁ ମତ୍ସ୍ୟଜୀବୀମାନେ କୂଳକୁ ଫେରି ଆସିବା ଆବଶ୍ୟକ ବୋଲି ସେ ମତ ରଖିଛନ୍ତି।

ଅପରପକ୍ଷେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କିଛି ଜିଲାରେ ବର୍ଷା ହୋଇଥିବାବେଳେ ଅଧିକାଂଶ ଜିଲାରେ ପାଗ ମୁଖ୍ୟତଃ ଶୁଖିଲା ରହିଥିଲା। ସେହିଭଳି ଉତ୍ତର ଉପକୂଳ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୨ଡିଗ୍ରୀ ସେଲ୍‌ସିୟସ୍ ଅଧିକ ଥିଲା ଏବଂ ଅନ୍ୟ ଜିଲାଗୁଡିକରେ ତାପମାତ୍ରା ସ୍ୱାଭାବିକ ରହିଥିଲା। ତେବେ ରବିବାର ରାଜ୍ୟର ମାଲକାନଗିରି, ରାୟଗଡ଼ା, କୋରାପୁଟ, କନ୍ଧମାଳ, କଳାହାଣ୍ଡି, ଗଞ୍ଜାମ ଓ ଗଜପତି ଜିଲାଗୁଡିକର କିଛି ସ୍ଥାନରେ ବିଜୁଳି, ଘଡଘଡି ଓ ଝଟ୍‌କା ପବନ ସହିତ ବର୍ଷା ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ୨୧ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଏପରି ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

## ଭୟ ଆଣୁଛି ଅକ୍ଟୋବର

ଅକ୍ଟୋବର ଆସିଲେ ଓଡ଼ିଶାବାସୀଙ୍କ ମନରେ ବାତ୍ୟା ଭୟ ଘାରୁଛି। ଇତିମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶା ସମେତ ସାରା ଦେଶରୁ ବିଦାୟ ନେଇଛି। ସାଧାରଣତଃ ମୌସୁମୀର ଲେଉଟାଣି ସମୟ ଅକ୍ଟୋବରରେ ହିଁ ଓଡ଼ିଶାରେ ଅଧିକ ବଡ଼ ବାତ୍ୟା ଆସିଛି। ୧୯୯୯ ଅକ୍ଟୋବର ୨୯ରେ ପ୍ରଳୟଙ୍କରୀ ମହାବାତ୍ୟା ସୃଷ୍ଟି ହୋଇଥିବାବେଳେ ଏହାର ୧୪ବର୍ଷ ପରେ ୨୦୧୩ ଅକ୍ଟୋବର ୧୨ରେ ଗୋପାଳପୁରରେ ବାତ୍ୟା 'ଫାଇଲିନ୍' ଲ୍ୟାଣ୍ଡଫଲ୍ କରିଥିଲା। ୨୦୧୪ ଅକ୍ଟୋବର ୧୨ରେ 'ହୁଡ୍‌ହୁଡ୍', ୨୦୧୮ ଅକ୍ଟୋବର ୧୦ରେ 'ତିତ୍‌ଲି' ଏବଂ ୨୦୨୪ ଅକ୍ଟୋବର ୨୩ରେ ବାତ୍ୟା 'ଦାନା' ରାଜ୍ୟବାସୀଙ୍କ ଉପରେ ଦାଉ ସାଧିଥିଲା। ଚଳିତବର୍ଷର ପାଣିପାଗ ସ୍ଥିତିକୁ ଦେଖିଲେ ଓ ଆଗାମୀ ଲଘୁଚାପ ଅବପାତର ରୂପ ନେବା ସମ୍ଭାବନା ଥିବାରୁ ଲୋକଙ୍କ ମନରେ ବାତ୍ୟା ଆଶଙ୍କା ସୃଷ୍ଟି ହୋଇଛି। ଏପରିସ୍ଥିତିରେ ଆମେରିକାର ପାଣିପାଗ ମଡେଲର ବାତ୍ୟା ଆକଳନ ଚିନ୍ତା ବଢ଼ାଇଛି।



ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। -ଶ୍ରୀମା



# ନିର୍ଦ୍ଦିଷ୍ଟ ଲକ୍ଷ୍ୟ ନାହିଁ



ଆକାର ପଟେଲ

ଭାରତ ଓ ଜି୨୦ ସମ୍ପର୍କରେ କ'ଣ ମନେଅଛି ବୋଲି ଯଦି ପ୍ରଶ୍ନ କରାଯାଏ, ତେବେ ହୁଏତ ମୋ ଭଳି ଅନେକ ପାଠକ ଉତ୍ତର ଦେବେ ଯେ, ଦୁଇ ବର୍ଷ ପୂର୍ବେ ଭାରତ ଜି୨୦ର ଅଧ୍ୟକ୍ଷତା କରୁଥିଲାବେଳେ ଏ ସମ୍ପର୍କରେ ପ୍ରଚାରପତ୍ର ଓ ହୋର୍ଡିଂ ଲଗାଇଥିଲା। ତେବେ ସେହି ଅଧ୍ୟକ୍ଷତାରୁ କି ସୁଫଳ ମିଳିଲା କିମ୍ବା ଆମେ ଯେଉଁ ଯୋଜନା ଆରମ୍ଭ କରିଥିଲୁ ପରେ ତାହା ରହିଛି କି ବୋଲି ଯଦି ପ୍ରଶ୍ନ କରାଯାଏ, ତେବେ ମୁଁ ତାହାର କୌଣସି ଉତ୍ତର ଦେଇପାରିବି ନାହିଁ। କାରଣ ତୁମ ଭଳି ମୁଁ ମଧ୍ୟ କିଛି ଜାଣିନାହିଁ। ଗୋଟିଏ ବିଷୟ ପାଇଁ ଜି୨୦ ଏକ ସୁଯୋଗ ଥିଲା ଏବଂ ତାହା ହାସଲ ହୋଇନାହିଁ। କିଛିଦିନ ପୂର୍ବରୁ ଭାରତ ଜାତିସଂଘକୁ ଯାଇ ତାହାର ବ୍ୟବସ୍ଥାଗତ ପୁନର୍ଗଠନ ପାଇଁ କହିଥିଲା। ଭାରତ ଯେତେବେଳେ ଜାତିସଂଘ ପୁନର୍ଗଠନ ବିଷୟରେ କହୁଛି ସେଥିରୁ ବୁଝିବାକୁ ହେବ ଯେ, ଭିଟୋ ସହ ଆମେ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତା ଚାହୁଁଛୁ। ଭାରତର ବୈଦେଶିକ ମନ୍ତ୍ରୀ କହିଥିଲେ, ଦକ୍ଷିଣ ଆଫ୍ରିକା ପ୍ରତି କରାଯାଇଥିବା ଅନ୍ୟାୟ ଦୂର ହେବା ଉଚିତ। ପରିଷଦର ଉଭୟ ସ୍ଥାୟୀ ଓ ଅସ୍ଥାୟୀ ସଦସ୍ୟ ସଂଖ୍ୟା ବୃଦ୍ଧି କରାଯିବା ଆବଶ୍ୟକ। ପୁନର୍ଗଠିତ ପରିଷଦ ବାସ୍ତବରେ ପ୍ରତିନିଧିଭିତ୍ତିକ ହେବା ଉଚିତ ଏବଂ ଭାରତ ଅଧିକ ଉତ୍ତରଦାୟିତ୍ୱ ବହନ କରିବା ପାଇଁ ପ୍ରସ୍ତୁତ ବୋଲି ସେ କହିଥିଲେ। କୌଣସି ଦେଶର ଲକ୍ଷ୍ୟ ରହିବା ଭଲ କଥା, କିନ୍ତୁ ପ୍ରଶ୍ନ ହେଉଛି ଆମେ ତାହା ପାଇଁ କ'ଣ କରୁଛୁ। ଭାଜପାର ୨୦୨୪ ଇସ୍ତାହାରରେ ଏ ସମ୍ପର୍କରେ ଗୋଟିଏ ଧାଡ଼ି ରହିଛି। ତାହା ହେଉଛି- ''ବୈଶ୍ୱିକ ନୀତି ନିର୍ଦ୍ଧାରଣରେ ଭାରତର ସ୍ଥିତି ମଜଭୁତ କରିବା ପାଇଁ ଜାତିସଂଘ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟତା ପାଇବା ସକାଶେ ପ୍ରତିବଦ୍ଧ।'' ତେବେ ଏହା କେମିତି ହାସଲ କରିହେବ ସେ ସମ୍ପର୍କରେ ବିସ୍ତୃତ ଭାବେ କୁହାଯାଇ ନାହିଁ। ଭାରତକୁ ଅଧିକ କ୍ଷମତା ଦିଆଯିବା ଉଚିତ ବୋଲି ଭାରତ ଦାବି କରୁଛି। କିନ୍ତୁ ଏ ସମ୍ପର୍କରେ ୫ଟି ସ୍ଥାୟୀ ସଦସ୍ୟ ଏବଂ ସାଧାରଣ ସଭାର ଦୁଇ ତୃତୀୟାଂଶକୁ ଭାରତ କ'ଣ କହି ବୁଝେଇବ, ସେ ବିଷୟରେ କିଛି ସୂଚିତ କରିନାହିଁ। ବିଶ୍ୱରେ ଭାରତକୁ ଯେତିକି ମିଳିବା ଉଚିତ ଭାରତ ତାହାଠାରୁ ଅଧିକ ଯୋଗ୍ୟ ବୋଲି ଧାରଣା ରହିଛି। କିନ୍ତୁ ଏହି ବିଷୟରେ ବୈଦେଶିକ ନୀତିର କୌଣସି ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଥିବାଭଳି ମନେହେଉନାହିଁ। ଧରି ନିଆଯାଉ, ଆମେ ସେହି ଆସନ ପାଇଲେ। ହେଲେ ଏଥିରେ ଆମେ ଯାହା କରିବା କଥା ତାହା ବର୍ତ୍ତମାନ କରିପାରିବୁ କି ନାହିଁ ତାହା ଉପରେ କୌଣସି ସ୍ୱଚ୍ଛତା ନାହିଁ। ବିଶ୍ୱରେ ଏବେ ଗାଜା ଓ ୟୁକ୍ରେନ୍ ବଡ଼ ସମସ୍ୟା ଭାବେ ଉଭା ହୋଇଛି। କିନ୍ତୁ ଏହା ଉପରେ ଜାତିସଂଘରେ ଭୋଟିଂରୁ ଭାରତ ବିରତ ରହିଛି। ବିଶ୍ୱକୁ ଜଣାଇବା ପାଇଁ ଜଣଙ୍କ ପାଖରେ କିଛି ନ ଥିବାବେଳେ, ଭିଟୋ ଥାଉ ବା ନ ଥାଉ, ତାହାର କୌଣସି ଫରକ ପଡ଼ିବ ନାହିଁ।

ଚାଇନା ୟୁଏନ୍ଏସ୍‌ସି ସଦସ୍ୟତାକୁ ଆଧାର କରି ସୁପରପାୱାର ହୋଇନାହିଁ, ବରଂ ୧୯୯୦ରୁ ଶିଳ୍ପନୀତି ଏବଂ ଆର୍ଥିକ ଅଭିବୃଦ୍ଧି ବଳରେ ଏହା ହାସଲ କରିଛି। ଭାଜପା ମଧ୍ୟ ୨୦୧୪ ଇସ୍ତାହାରରେ ଦର୍ଶାଇଥିଲା ଯେ, ପୂର୍ବର ୟୁପିଏ ସରକାରଙ୍କ ବୈଦେଶିକ ନୀତିରେ ସ୍ୱଚ୍ଛତା ବଦଳରେ ଦ୍ୱନ୍ଦ୍ୱ ଦେଖିଛୁ ଏବଂ ନେତୃତ୍ୱର ଅଭାବରୁ ଭାରତ ସମସ୍ୟାରେ ଥିବା ଦେଖାଯାଇଛି ; ଯେଉଁଥିପାଇଁ ଏହା ଆତ୍ମବିଶ୍ୱାସର ସହ ବିଶ୍ୱ ସହିତ ଜଡ଼ିତ ହେବାର ଥିଲା। ହେଲେ ମନମୋହନ ସିଂଙ୍କ ଶାସନ କାଳରେ ଭାରତ ପଡ଼ୋଶୀଦେଶଗୁଡ଼ିକ ସହିତ ସ୍ଥାୟୀ ବନ୍ଧୁତ୍ୱ ଓ ସହଯୋଗୀ ସମ୍ପର୍କ ରଖିବାରେ ବିଫଳ ହୋଇଥିଲା। ଫଳରେ ଭାରତ ଓ ଏହାର ପଡ଼ୋଶୀମାନେ ପରସ୍ପରଠାରୁ ଅଲଗା ହୋଇ ରହିଲେ। ଭାଜପା ଏହାକୁ ସୁଧାରିବା ସହ ସାର୍କକୁ ମଜଭୁତ କରିଛି ବୋଲି ଇସ୍ତାହାରରେ କୁହାଯାଇଥିଲା। କିନ୍ତୁ ବାସ୍ତବତା ହେଉଛି, ନଭେମ୍ବର ୨୦୧୪ରୁ ସାର୍କର ବୈଠକ ହୋଇନାହିଁ, କାରଣ ଏଥିରେ ଆମର କୌଣସି ଆଗ୍ରହ ନାହିଁ। ସେହି ସମ୍ମିଳନୀର ଶେଷ ବୈଠକ ପରଠାରୁ ଆଫଗାନିସ୍ତାନ, ବାଂଲାଦେଶ, ମାଳଦ୍ୱୀପ, ନେପାଳ, ପାକିସ୍ତାନ ଏବଂ ଶ୍ରୀଲଙ୍କାର ନେତାମାନେ ପରିବର୍ତ୍ତନ ହୋଇଛନ୍ତି। ହେଲେ ଭାରତର ସେହି ସମାନ ବ୍ୟକ୍ତି ଶାସନରେ ଅଛନ୍ତି। ଆମେ ଆମ ପଡ଼ୋଶୀଙ୍କୁ ଏକାଠି କରି ରଖିପାରି ନାହୁଁ। କିନ୍ତୁ ବିଶ୍ୱାସ କରୁଛୁ ଯେ, ଯଦି ଜାତିସଂଘରେ ଅଧିକ କ୍ଷମତା ଦିଆଯାଏ ତେବେ ଆମେ ବିଶ୍ୱରେ ସୁଧାର ଆଣିପାରିବୁ। ଆସିଆନ ସହ ସମ୍ପର୍କ ରଖିବା ପାଇଁ ପାର୍ଟି ଅଧିକ କିଛି କରିବ ବୋଲି ଭାଜପା ଇସ୍ତାହାରରେ କୁହାଯାଇଥିଲା। କିନ୍ତୁ ୨୦୧୯ରେ ଆମେ ଆସିଆନ ନେତୃତ୍ୱରେ କରାଯାଇଥିବା ଆଞ୍ଚଳିକ ବ୍ୟାପକ ଆର୍ଥିକ ଭାଗୀଦାରି (ଆର୍‌ସିଇପି)ଭଳି ମୁକ୍ତ ବାଣିଜ୍ୟ ଚୁକ୍ତିରେ ଯୋଗଦେବାକୁ ଚାହିଁଲୁ ନାହିଁ।

ଇସ୍ତାହାରଗୁଡ଼ିକରେ 'ବସୁଧୈବ କୁଟୁମ୍ବକମ୍' ଦୁଇଟି ଶବ୍ଦ ରହିଛି। ଭାରତ ମାନବ ଜାତିକୁ ଗୋଟିଏ ପରିବାର ଭାବେ ଦେଖୁଛି, କିନ୍ତୁ ନାଗରିକ ସଂଶୋଧନ ଆଇନରୁ ବାଂଲାଦେଶୀ ଶରଣାର୍ଥୀଙ୍କ ସମେତ ଅନ୍ୟ ଯେଉଁମାନେ ବାଦ୍ ପଡ଼ିଛନ୍ତି ସେମାନଙ୍କୁ ଛାଡ଼ି ଚାଲିଯିବା ଲାଗି କହୁଛୁ। ତେବେ ଏହି ଦୁଇ ଶବ୍ଦର କୌଣସି ମୂଲ୍ୟ ନାହିଁ ଏବଂ ଏହା କେବଳ ନିରର୍ଥକ ମନ୍ତବ୍ୟ ବ୍ୟତୀତ ଅନ୍ୟ କିଛି ନୁହେଁ। ଯଦି ସେଠାରେ ପହଞ୍ଚିବା ପାଇଁ ଆମ ପାଖରେ କୌଣସି ବାଟ ନାହିଁ ଏବଂ ଭିଟୋକୁ ନେଇ ଆମେ କ'ଣ କରିବୁ ତାହା ଯଦି ଜାଣିନାହୁଁ, ତେବେ ଆମେ କାହିଁକି ବଡ଼ ଦାୟିତ୍ୱ ପାଇଁ ଚିଲୋଉଛୁ? ୟୁଏନ୍ଏସ୍‌ସିର ସ୍ଥାୟୀ ସଦସ୍ୟତା ଆମକୁ ଗର୍ବର ସହ ଚାଲିବାକୁ ଏକ ମଞ୍ଚ ଦେବ ଏବଂ ଆମେ ବିଶ୍ୱର ନେତା ବୋଲି ବାହାନା କରିବା ସହିତ ବିଶ୍ୱ ସମୁଦାୟର ଅଗ୍ରଣୀ ନେତୃତ୍ୱ ଭାବେ ଦର୍ଶାଇବାକୁ ସୁଯୋଗ ଦେବ। ଏହା ହେଉଛି ଆଉ ଏକ ଜାଗା, ଯେଉଁଠି ଆମେ ଭରସାଯୋଗ୍ୟ ବୋଲି ବାହାନା କରିପାରିବା। ଆମ ବ୍ୟକ୍ତିତ୍ୱ ଓ ନିଜସ୍ୱ କୂଟନୀତିକୁ ପ୍ରଦର୍ଶନ କରିପାରିବା। ବିଶ୍ୱ ଏହା ଜାଣେ। ଏହା ଆମକୁ ଅନୁଧ୍ୟାନ କରିଛି, ଆମର ସବୁ କଥା ଶୁଣିଛି, କୌଣସି ଘଟଣାରେ ଆମ ନୀରବତା ଏବଂ ଦୂରେଇ ରହିବାର ସ୍ୱଭାବକୁ ଦେଖିଛି। କୌଣସି ଏକ ଦେଶ ଅନ୍ୟମାନଙ୍କ ତୁଳନାରେ ଗୋଟିଏ ବିଷୟରେ ନିଜକୁ ଯୋଗ୍ୟ ମଣିବାର ବିଚାର ଠିକ୍ ଲାଗୁନାହିଁ। ଏହି କାରଣରୁ ସରକାର ୟୁଏନ୍ଏସ୍‌ସିରେ ଏକ ସ୍ଥାୟୀ ଆସନ ପାଇବା ପାଇଁ କୌଣସି ରାସ୍ତା ବାହାର କରିନାହାନ୍ତି।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | | | |
| | | | 2 | | 9 | | | |
| 5 | 9 | 7 | | | 8 | | | |
| 9 | | | 4 | | | | 2 | 3 |
| | | 1 | | | | 6 | | |
| | | 2 | 9 | | | | | |
| | 6 | 5 | | | 2 | 8 | | |
| 4 | | | | 8 | | | 1 | |
| | | | 3 | | 4 | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 8 | 3 | 6 | 1 | 5 | 4 | 2 |
| 4 | 1 | 2 | 9 | 7 | 5 | 3 | 8 | 6 |
| 6 | 3 | 5 | 4 | 8 | 2 | 9 | 1 | 7 |
| 7 | 6 | 3 | 1 | 4 | 8 | 2 | 5 | 9 |
| 8 | 5 | 9 | 6 | 2 | 3 | 1 | 7 | 4 |
| 2 | 4 | 1 | 5 | 9 | 7 | 6 | 3 | 8 |
| 1 | 9 | 4 | 7 | 5 | 6 | 8 | 2 | 3 |
| 3 | 8 | 6 | 2 | 1 | 4 | 7 | 9 | 5 |
| 5 | 2 | 7 | 8 | 3 | 9 | 4 | 6 | 1 |

ଗତକାଲିର ଉତ୍ତର

# ଜୀବନର ଗତିପଥ



ଡ. ସୁବାସ ଚନ୍ଦ୍ର ପାତ୍ର

ଆଉ ଯାହା ହେଉ ନ ହେଉ, ଜୀବନର ଗତିପଥ କ୍ୱଚିତ ଏକ ପ୍ରତ୍ୟାଶିତ ସରଳରେଖାରେ ଗତିକରେ। ଯାତ୍ରୀକୁ ମଧୁର ପ୍ରତାରଣା ପ୍ରଦାନ କରିବା ଏହି ଗତିପଥର ପ୍ରମୁଖ ଲକ୍ଷଣ! ଏବେ ସେମିତି କିଛି ପ୍ରତାରଣାର ସ୍ୱାଦୁ ଚାଖିବା, ଯାହା ଯାତ୍ରୀ ପାଇଁ ଥାଏ ଅକଳ୍ପନୀୟ।

ରାଜା ଚାଲିଛନ୍ତି ସୈନ୍ୟସାମନ୍ତ ଧରି ହାତୀପିଠିରେ। ନଅରରୁ କିଛି ବାଟ ଗଲାପରେ ସେ ଦେଖନ୍ତି ସମାନ୍ତରାଳ ଭାବେ ଚାଲି ଚାଲି ଯାଉଛନ୍ତି ତାଙ୍କ ରାଜସଭାର ମୁଖ୍ୟ ପରାମର୍ଶଦାତା, ଯିଏ ତାଙ୍କର ବନ୍ଧୁ ଏବଂ ଦିଗ୍‌ଦର୍ଶକ ମଧ୍ୟ। ରାଜା ବନ୍ଧୁସୁଲଭ ଉଷ୍ମତା ନେଇ ପଚାରିଲେ, 'କୁଆଡ଼େ ଚାଲିଲ?' ପରାମର୍ଶଦାତା କହିଲେ, ''ମୁଁ କ'ଣ ଜାଣେ?'' ସମ୍ପର୍କର ନିବିଡ଼ତାଜନିତ ଏହା ଏକ ଖାମଖିଆଲ ଉତ୍ତର ଭାବି ରାଜା ପୁଣି ପ୍ରଶ୍ନଟି ଦୋହରାଇଲେ। ମିଳିଥିଲା ସମାନ ଉତ୍ତର। ଏଣେ ସୈନ୍ୟସାମନ୍ତ, ଅନ୍ୟ ଅଧିକାରୀଗଣ ରାଜାଙ୍କ ରାସ୍ତା ମଝିରେ ଅଟକିବା ଏବଂ ଏପରି ବାର୍ତ୍ତାଳାପ କରିବା ରାଜପଦର ଅବମାନନା ବୋଲି ଭାବି ଅଶାନ୍ତ ହୋଇ ପଡୁଥିଲେ। ରାଜାଙ୍କ ଅହଂକାରକୁ ମଧ୍ୟ ଏହା ସାମାନ୍ୟ ଆଘାତ ଦେଲା। ଉତ୍କ୍ଷିପ୍ତ ହୋଇ ସେ କହିଲେ, ''ୟାଙ୍କୁ କାରାଗାରରେ ନିକ୍ଷେପ କର।'' ରାଜା ତାଙ୍କ ବାଟରେ ଆଗେଇଗଲେ। ସନ୍ଧ୍ୟା ଦରବାରରେ ମନ୍ତ୍ରୀ ରାଜାଙ୍କ ଏହି ସିଦ୍ଧାନ୍ତର ମୃଦୁ ପ୍ରତିବାଦ କଲେ। ନିଜ ପରାମର୍ଶଦାତାଙ୍କୁ ଅଯଥାରେ ରାସ୍ତାରେ ଅଟକାଇ ପ୍ରଶ୍ନ ପଚାରିବା ଏବଂ ପ୍ରତ୍ୟାଶିତ ଉତ୍ତର ନ ପାଇ ତାଙ୍କୁ ଜେଲରେ ପୂରାଇବା ନିତାନ୍ତ ଅନ୍ୟାୟ ବୋଲି ସେ ମତବ୍ୟକ୍ତ କଲେ। ରାଜା ତାଙ୍କ ମୁକ୍ତିର ନିର୍ଦ୍ଦେଶ ଦେଲେ। ପାଖରେ ବସାଇ ସମସ୍ତ ଘଟଣାଟିକୁ ହାଲୁକା କରି ପୁଣି ପଚାରିଲେ, 'ଆଚ୍ଛା ସତ କହିଲ, ତୁମେ ଯାଉଥିଲ କୁଆଡ଼େ?' ଉପଦେଷ୍ଟା କହିଲେ, ''ଏତେ ଘଟଣା ପରେ ବି ଆପଣ ଉତ୍ତର ପାଇ ପାରୁନାହାନ୍ତି। ମୁଁ କ'ଣ ଘରୁ ବାହାରିଲା ବେଳେ ଜାଣିଥିଲି ମୋର କିଛି ଘଣ୍ଟାର କାରାଗାର ଯୋଗ ଅଛି ବୋଲି? ମୁଁ ଯାଉଥିଲି କୁଆଡ଼େ, ପହଞ୍ଚିଲି କେଉଁଠି?'' ଏ ଥିଲା ମନୋଜ ଦାସ ପରିବେଷିତ ଏକ କାହାଣୀର ପ୍ରତିଧ୍ୱନି।

ନିଜ ସ୍କୁଲମାଷ୍ଟରଙ୍କ ପ୍ରହାର ହେଉ ବା କିଶୋରସୁଲଭ ଉଦ୍ଦାମତାରେ ଜଣେ ସାମନ୍ତଶ୍ରେଣୀୟ ବ୍ୟକ୍ତିଙ୍କ ଫାର୍ମରୁ ଏକ ହରିଣ ଚୋରି ଅଭିଯୋଗରେ ପୋଲିସ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ହେଉ, ପ୍ରଖ୍ୟାତ ନାଟ୍ୟକାର ଉଇଲିୟମ୍ ସେକ୍ସପିୟର ନିଜ ଗାଁ ମାଟିରୁ ପଳାୟନ କଲେ ଲଣ୍ଡନ, ନିଜ ଭାଗ୍ୟ ଅନ୍ୱେଷଣରେ। ଥିଏଟରଗାମୀ କଳାପ୍ରେମୀଙ୍କ ଘୋଡ଼ା ଜଗିବା ତାଙ୍କୁ ସର୍ବକାଳୀନ ଶ୍ରେଷ୍ଠ ନାଟ୍ୟକାରର ସିଂହାସନରେ ବସାଇବ, ଏହା କ'ଣ ସେ ଜାଣିଥିଲେ? ଅବା ସେ କ'ଣ ଜାଣିଥିଲେ ଯେଉଁ ଭଦ୍ରମହିଳାଙ୍କୁ ବାହାହେବେ ସେ ତାଙ୍କଠୁ ୮ବର୍ଷ ବଡ଼? ଏପରି କି ଛୋଟମୋଟ ଅଭିନୟ, ନାଟ୍ୟ ନିର୍ଦ୍ଦେଶନା କ'ଣ ତାଙ୍କୁ ଜଣେଇଥିଲା ଯେ ମାତ୍ର ୫୨ ବର୍ଷ ବୟସରେ ପୃଥିବୀ ଛାଡ଼ିବାର ଢେର ପୂର୍ବରୁ ସେ ପୃଥିବୀର ସର୍ବଶ୍ରେଷ୍ଠ ନାଟ୍ୟକାରର ମୁକୁଟ ପିନ୍ଧିବେ?



ଜୀବନର ଦୋଛକି କାହା ଆଗରେ ବା ଉଭା ହୁଏନି। କିନ୍ତୁ ସମସ୍ତେ କ'ଣ ରର୍ବଟ ଫ୍ରଷ୍ଟ ହୋଇପାରିବେ, ଯାହାଙ୍କ କବିତାର (ରୋଡ୍ ନଟ୍ ଟେକେନ୍) କେତେକ ପଂକ୍ତି ଜବାହରଲାଲ ନେହେରୁଙ୍କ ଭଳି ଅନେକ ପାଠକଙ୍କ ମାର୍ଗଦର୍ଶିକା ହୋଇ ଚିରଦିନ ରହିବ? କବିତାରେ ଏହି 'ଦୋ ଛକି'ର ବ୍ୟାଖ୍ୟା କରିବାକୁ ଯାଇ ସେ କହନ୍ତି, କିପରି ଦୁଇଟି ରାସ୍ତା କବିଙ୍କ ଆଗରେ ପଡ଼ିଥିଲା। ଗୋଟିଏ ବହୁଳ ବ୍ୟବହୃତ ଓ ଅନ୍ୟଟି ଅମଡ଼ା, ଘାସଗୁଳ୍ମରେ ଭରପୂର। ସେ ଏହି ଅମଡ଼ା ବାଟଟିକୁ ପସନ୍ଦ କଲେ ଯାହା ତାଙ୍କର ଅନ୍ୟଠୁ ପୃଥକତା ପାଇଁ ଦାୟୀ। କିନ୍ତୁ ସେ ତାଙ୍କ ମନୋନୀତ ରାସ୍ତାଟି ଏକ ମହତ୍ତର ବିକଳ୍ପ ବୋଲି କହି ନାହାନ୍ତି। ସେ ଖାଲି ଘଟଣାଟି ବର୍ଣ୍ଣନା କରିଛନ୍ତି ଏବଂ ସେହି କ୍ରମରେ ସେ କହିବାକୁ ଚାହାନ୍ତି, ଦୋ'ଛକିର ରାସ୍ତା ଦ୍ୱୟ ପରସ୍ପରଠୁ ଦୂରେଇ ଯାଉଥିବା ଦୁଇଟି ମାର୍ଗ। ଗୋଟିକୁ ପସନ୍ଦ କଲାପରେ ପୁଣି ପ୍ରାରମ୍ଭରେ ପହଞ୍ଚି ଦ୍ୱିତୀୟ ମାର୍ଗରେ ଯିବା ସାଧାରଣତଃ ସମ୍ଭବ ନୁହେଁ। ଅର୍ଥାତ୍ ନଦୀର ଗତିପଥ ପରି ଜୀବନର ଗତିପଥଗୁଡ଼ିକ ସାଧାରଣତଃ ଅପରିବର୍ତ୍ତନୀୟ।

ମୁଣ୍ଡ ବାଡ଼େଇ ନିଜର ହଜିଲା ପ୍ରେମିକାକୁ ଖୋଜି ଖୋଜି ନୟାନ୍ତ ହୋଇପଡିଥିବା ପ୍ରେମିକ ଜଣକର ଏକ ରେସ୍ତୋରାଁରେ ପରଷା ଯାଇଥିବା ଖାଦ୍ୟ ତାଲିକାର ଏକ ତ୍ରୁଟିରୁ ନିଜ ହୃଦୟର ରାଣୀଙ୍କୁ ଆବିଷ୍କାର କରିବା, ଏକ ଅତ୍ୟାଶ୍ଚର୍ଯ୍ୟ ଘଟଣା ନିଶ୍ଚୟ। ଦୀର୍ଘଦିନ ଧରି ସେ ପ୍ରେମିକାଠୁ ବିଚ୍ଛିନ୍ନ। ତାଙ୍କର କୌଣସି ଖୋଜଖବର ନ ପାଇ ଭଗ୍ନ ହୃଦୟରେ ପ୍ରେମିକ (ୱାଲଟ୍‌ର) ଏକ ରେସ୍ତୋରାଁରେ ପହଞ୍ଚିଲେ କ୍ଷୁଧା ନିବାରଣ ପାଇଁ। ମାତ୍ର କିଏ ଜାଣିଥିଲା ଏହି ରେସ୍ତୋରାଁରେ ହିଁ ଭାଗ୍ୟଚକ୍ରରେ ନିଜଠୁ ବିଚ୍ଛିନ୍ନ ହୋଇଥିବା ତାଙ୍କ ପ୍ରେମିକା 'ସାରା'ର ସନ୍ଧାନ ସେ ପାଇବେ। ଅନ୍ୟମନସ୍କତା ମଣିଷ ପାଇଁ ବେଳେବେଳେ ଆଶୀର୍ବାଦ ପାଲଟେ। ଘଟଣାକ୍ରମେ ସେହି ଜଳଖିଆ ଦୋକାନରେ ତାଙ୍କ ପ୍ରେମିକା 'ସାରା' ଚାକିରି କରୁଥିଲେ, ମୁଖ୍ୟକାମ ଥିଲା ପ୍ରତିଦିନ ପରିଚାଳକ ପ୍ରଦତ୍ତ 'ନୂଆ ଖାଦ୍ୟତାଲିକା' ଟାଇପ୍ କରିବା। ଘଟଣାକ୍ରମେ ସେହି ମିଳନୀ ଦିବସରେ ଅନ୍ୟମନସ୍କ ହୋଇ ଖାଦ୍ୟତାଲିକାର ଏକ ଖାଦ୍ୟ-'ଡେଣ୍ଡେଲିଅନ ୱିଥ୍ ହାର୍ଡ଼ ବଏଲଡ୍ ଏଗସ୍' (ବସନ୍ତ ଋତୁରେ ଫୁଟୁଥିବା ଡେଣ୍ଡେଲିଅନ୍ ଏକ ଫୁଲ ଯାହା ସିଝା ଅଣ୍ଡା ସହ ଖିଆଯାଏ) ବଦଳରେ 'ଡିଏରେଷ୍ଟ ୱାଲଟାର ୱିଥ୍ ହାର୍ଡ ବଏଲଡ୍ ଏଗସ୍' ଟାଇପ କରି ଦେଇଥିଲେ। ପ୍ରେମିକ ୱାଲଟରଙ୍କ ପାଇଁ ଖାଦ୍ୟତାଲିକାର ଏହି ଭୁଲ୍ ହିଁ ତାଙ୍କୁ ଠିକ୍ ମାର୍ଗରେ ପହଞ୍ଚି ଦେଇଥିଲା। ସେ ଅନୁସନ୍ଧାନ କରି ଜାଣିଥିଲେ, 'ସାରା' ହିଁ ଏହି ଖାଦ୍ୟ ତାଲିକା ଟାଇପ କରିଛି। 'ଓ ହେନ୍‌ରୀ'ଙ୍କ ଏହି ଗଳ୍ପ 'ସ୍ପ୍ରିଙ୍ଗ ଟାଇମ୍' (ବସନ୍ତ ସମୟ)ର ଏକ ବିକଳ୍ପ ଶିରୋନାମା ବୋଧହୁଏ ହେବ, 'ଭୁଲ୍ ଯେଉଁଠି ଠିକ୍'!!

ବେଳେବେଳେ କଳାର ଗତିପଥ ଜୀବନର ଗତିପଥକୁ ସାଂକେତିକ ଭାବରେ ପ୍ରକାଶ କରେ, ବିଶେଷତଃ ଜୀବନର ବୃତ୍ତାକାର ଗତିକୁ ସୂଚିତ କରି। ସେଇଥି ପାଇଁ ଟି.ଏସ୍. ଏଲିଅଟ୍ କହନ୍ତି 'ଅନ୍ତ ହିଁ ମୋର ଆରମ୍ଭ' (ଇନ୍ ମାଇ ଏଣ୍ଡ ଇଜ ମାଇ ବିଗିନିଙ୍ଗ) ଏବଂ ପ୍ରଖ୍ୟାତ ଚଳଚିତ୍ର ନିର୍ଦ୍ଦେଶକ ରିଚାର୍ଡ ଏଟେନବୋରୋ 'ଗାନ୍ଧୀ' ଚଳଚ୍ଚିତ୍ରରେ ଗାନ୍ଧୀଙ୍କ ହତ୍ୟା ଦୃଶ୍ୟକୁ ଚଳଚ୍ଚିତ୍ରର ପ୍ରଥମ ଦୃଶ୍ୟ ହିସାବରେ ପରିବେଷଣ କରିଥିଲେ। ଆଣ୍ଟୋନ ଚେକୋଭଙ୍କ ଗୋଟିଏ ଗଳ୍ପ ଏକ 'କାରୁକାର୍ଯ୍ୟ' (ଏ ୱାର୍କ ଅଫ୍ ଆର୍ଟ) ସାଂକେତିକ ଭାବରେ ଜୀବନର ଚକ୍ରାକର ଗତିର ସୂଚନା ଦିଏ। ନାଟକୀୟ ଭାବରେ ଆରମ୍ଭ ହୋଇଥିବା ଗପରେ ଛୋଟପିଲାଟି ପଶି ଆସୁଛି ଜଣେ ଡାକ୍ତରଙ୍କ ଚ୍ୟାମ୍ବରକୁ ଏବଂ କହୁଛି ତାଙ୍କ ଚିକିତ୍ସାରେ ସେ ଆରୋଗ୍ୟ ଲାଭ କରି ଥିବାରୁ ତାଙ୍କ ମାଆ ଏହି କଳାତ୍ମକ ବସ୍ତୁଟି, ଯାହା ଗୋଟିଏ କ୍ୟାଣ୍ଡେଲ ଷ୍ଟାଣ୍ଡ, ଉପହାର ଭାବେ ପ୍ରଦାନ କରିଛନ୍ତି। ଆପାତଦୃଷ୍ଟିରୁ ଷ୍ଟାଣ୍ଡର ନାରୀମୂର୍ତ୍ତିର ସାମାନ୍ୟ ଅଶ୍ଳୀଳ ଭଙ୍ଗୀ ଡାକ୍ତରଙ୍କୁ ଅଡୁଆ ଲାଗୁଥିଲାବେଳେ ପିଲାଟି କହି ଉଠିଛି, 'କି କବିତା! କି ଗତି! କି ପରିପ୍ରକାଶ!' ଗଲାବେଳେ ପୁଣି କହିଛି, ସେ ପୁଣି ଦିନେ ଫେରିବ ଏହାର ସାଥୀ ଷ୍ଟାଣ୍ଡଟି ନେଇ। ଅଶ୍ଳୀଳତା ଭାରରେ ଡାକ୍ତର ଛଟପଟ। ପିଲାଟିର ଭାଷାର ପୁନରାବୃତ୍ତି କରି ଡାକ୍ତର ଏହାକୁ ଭେଟି ଦେଇଛନ୍ତି ଜଣେ ଓକିଲଙ୍କୁ ଏବଂ ଓକିଲ ଜଣକ ସେହି ଏକାଭାବରେ ଅତିଷ୍ଠ ହୋଇ ତାକୁ ଦାନ କରିଛନ୍ତି ଜଣେ ହାସ୍ୟ କଳାକାରଙ୍କୁ, ଯିଏ ଅନନ୍ୟୋପାୟ ହୋଇ ଏହାକୁ ବିକ୍ରି କରିଛନ୍ତି ପୁରାତନ ମୂର୍ତ୍ତି ସଂଗ୍ରହକାରୀଙ୍କୁ, ଯାହାଠୁ କିଣି ଆଣି ସେ ପିଲାର ମା' ଏହା ପୂର୍ବ ମୂର୍ତ୍ତିର ସାଥୀ ହେଲା ଭଳି ଅନ୍ୟ ଏକ ମୂର୍ତ୍ତି ଭାବି ସେହି ପୁଅ ହାତରେ ଡାକ୍ତରଙ୍କ ପାଖକୁ ପଠାଇ ଦେଇଛନ୍ତି। କଥା ଯେଉଁଠୁ ଆରମ୍ଭ, ସେଇଠି ଶେଷ ହୋଇଛି!!

ସିଧାସିଳଖ ହେଉ କି ବକ୍ରାକାର ହେଉ କି ବୃତ୍ତାକାର, ଜୀବନର ଗତିପଥ ଯାବତୀୟ ରହସ୍ୟ ଓ କୌତୁକରେ ଭରା। ଜୀବନର ଅନ୍ୟନାମ ଯେ ଗାଣିତିକ ନିଶ୍ଚିତତା ନୁହେଁ, ଏହି କଥାଟି କହିବା ହୁଏତ ଏହାର ମୁଖ୍ୟଲକ୍ଷ୍ୟ!!

ପୂର୍ବତନ ଅଧ୍ୟକ୍ଷ,
ଜେଲ ରୋଡ୍, ବାଲେଶ୍ୱର
ମୋ : ୯୪୩୭୩୭୬୨୧୯

# ଭାବ ସଂସାରର ଖିଅ



ଡ. ଚନ୍ଦନ କୁମାର ସିଂହ

ଏହି ଚାରିପାଖର ସଂସାରକୁ ଝାଳନାଳ ହୋଇ ଭବ ସଂସାର ବୋଲିବାରେ କୋଶ କୋଶକୁ ଦୁନ୍ଦୁଭି ବାଜୁଥାଏ। ତାହାରି ଭିତରେ ମଣିଷ ଆତଯାତ ହୋଇ ଧର୍ମ, ଅର୍ଥ, କାମ, ମୋକ୍ଷର ସବୁତକ ହୁନ୍ଦର ଭିଆଣ କରିପାରୁଥାଏ। ମାତ୍ର ଖୁଦ ମଲୁଖର ଭବ ସଂସାର ଆଉ ଏକ ଦିଗକୁ ଖୁବ୍ ନିଘା କରି ରହିଥାଏ। ଯଦି ସଂସାର ଭବ ସଂସାର ହେଲା, ତେବେ କିଆଁ ଏଠାରେ ମାଳ ମାଳ ଧ୍ୱଜା କ'ଣ ଏହି ଦି'ଦିନିଆ ଭବ ସଂସାରର? କାଳକୁ କଜ୍ଜଳ କରି ଭବ ସଂସାରକୁ ଦେଖିବା ଏବଂ ପରତେଯିବା ବଡ଼ ମିହନତୀର କଥା ; ଅଙ୍ଗେନିଭା ଆଉଜି ହେବାର ଗୋଟେ ସମ୍ପୃକ୍ତି। ଭବ ସଂସାରକୁ ତୁଚ୍ଛ ଜ୍ଞାନରେ ମଣିଷର କାହାଣ କାହାଣ ଇତିହାସ ଆଉ କିଛିର ହରେଇବାକୁ ସଙ୍ଗରେ ନେଇଥା'ନ୍ତି ସିନା ମାତ୍ର ସାଙ୍ଗଟିଏ ହୋଇପାରନ୍ତି ନାହିଁ। ଏତେ ଏତେ ସୁଖ ଦୁଃଖର ଖେଳପଡ଼ିଆ ଭିତରେ ଭବ ସଂସାରରେ ସାଙ୍ଗ ହେବାର ସୌଭାଗ୍ୟ ଖୁବ୍ ଅଲଗା କଥାଟିଏ, ଅଲଗା ବାସନାଟିଏ, ଅଲଗା ସୌରଭର ଉଜ୍ଜ୍ୱଳ ଦିଗ୍‌ବଳୟ ; ଯାହାକୁ ଛୁଇଁପାରିଲେ ହସିହୁଏ, ଧର୍ମ, ଦେଶ, ବୟସ, ତୁଳନାର କାଉଁରିକାଠି ନିଜର ଶକ୍ତି ହରାଇଦିଏ। ନିଜକୁ ଭବ ସଂସାର ଭିତରେ ସାଙ୍ଗଟିଏ ଭଳି ଅନୁରାଗ ଆସେ। ଭବ ସଂସାରରୁ ଖିଅ ଖଣ୍ଡେ ଭାବ ସଂସାର ଭିତରକୁ ଭାସି ଆସେ, ଲକ୍ଷ୍ୟରେ ହେଉ ଅବା ଅଲକ୍ଷ୍ୟରେ। ସେଆଡ଼କୁ ଆଉ ଡର ନ ଥାଏ କି ଡର ସହେ ନାହିଁ। ଭବ ସଂସାରର ଇଶାଣ ଭାବ ସଂସାରକୁ ନିଜର ସବୁଯାକ ବିଶ୍ୱାସ ଓ ପ୍ରଶ୍ୱାସ ଅଜାଡ଼ିଦିଏ। ଏଇଠି ମନେପଡ଼ନ୍ତି ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ୍)। ଅକ୍ଟୋବରରେ ଜନ୍ମିତ ଏହି ପ୍ରଜ୍ଞା ପୁରୁଷଙ୍କ ଜୀବନ ଓ ଦର୍ଶନକୁ ଦେଖିଲେ ମଣିଷ କେତେ ବାସ୍ତବବାଦୀ ହୋଇପାରେ ତାହାର ପ୍ରମାଣ ମିଳେ।

୧୯୨୩ରେ ଚିତ୍ତରଞ୍ଜନଙ୍କ ଜନ୍ମ ବେଳକୁ ଦେଶର ପାଣିପାଗ ସେତେବେଳେ ସ୍ୱାଧୀନତା ଆନ୍ଦୋଳନ ଲାଗି ନିଜକୁ ପ୍ରସ୍ତୁତ କରି ଆଣୁଥିଲା ଏବଂ ଏହି ପାଣିପାଗରେ ଚିତ୍ତରଂଜନଙ୍କ ଜୀବନ-ବେଦି ଧୀରେ ଧୀରେ ରୂପ ନେଉଥିଲା। ତା'ଙ୍କ ସହ ବନ୍ଧୁ ବାନ୍ଧିବା ଯେତିକି ସହଜ, ସେତିକି ଥିଲା ସ୍ୱଚ୍ଛଳ ଓ ସ୍ୱଚ୍ଛନ୍ଦ। ବୟସ, ଯୋଗ୍ୟତା, ରୁଚି ଅରୁଚି, ଧର୍ମ, ବିଶ୍ୱାସ-ଅବିଶ୍ୱାସ, ଦେଶ-ବିଦେଶ, ଭାଷା-ପ୍ରଦେଶ ଏ ସବୁର ଅର୍ଥ ଓ ମାର୍ଗ ଚିତ୍ତଭାଇଙ୍କ ନିକଟରେ ଥିଲା ଆଉ ଏକ ଉପବୀତର କାହାଣୀ। ଠିକ୍ ଯେପରି 'ଭିନ୍ନ ଜଣେ ବିବେକାନନ୍ଦ'ର ଚିତ୍ର ଓ ସଂଳାପ ପରି। ସାଙ୍ଗ ହୋଇ ବସିଲେ, ସାଙ୍ଗର ସବୁତକ ବିଭବ କିପରି ଅକୁଣ୍ଠ-ଚିତ୍ତରେ ଜଳ ଜଳ ହୋଇ ଦିଶିଯାଆନ୍ତି, ପ୍ରିୟ ଚିତ୍ତଭାଇଙ୍କ ସ୍ୱାଧୀନଚେତା ମୀମାଂସା ତାହାର ଅଭୁଲା ସ୍ୱାକ୍ଷର ବହନ କରିଛି। ଓଡ଼ିଆ ସାହିତ୍ୟର ଦଉଡ଼ି ବା ପଘା ପ୍ରିୟ ଚିତ୍ତଭାଇଙ୍କୁ ଗଣ୍ଠି ପକାଇ ରଖିପାରିନାହିଁ। ଯିଏ ଗଣ୍ଠିକୁ ହୁଗୁଳା କରି ଆଣୁଥିଲେ, ଆଉ ପାକଳପଣକୁ ଅଚିରେ ପରଖି ପାରୁଥିଲେ ଭବିଷ୍ୟ-ସଂସାର ଭାବମୟ ପୃଥିବୀର କଥା ମନେପଡ଼ିଲେ ଅଭୁଲା ଲାଗନ୍ତି ଚିତ୍ତଭାଇ। ସୁଦୂର ଫିନ୍‌ଲାଣ୍ଡ ହେଉ ଅବା ଗଞ୍ଜାମମାଳର ଖୋଲା ଆକାଶତଳର ମଣିଷ ହେଉ ଅବା ଇସ୍ରାଏଲ ହେଉ, ସବୁ ମଣିଷର ହେତୁକୁ ଛୁଇଁପାରୁଥିବା ଏହି ଓଡ଼ିଶାର ଯେ ମାଟିପୁତ୍ର ଥିଲେ, ସେକଥାକୁ ଜିଗର କରିହୁଏ ନାହିଁ, ମାତ୍ର ନମ୍ର ଭାବରେ ସ୍ୱୀକାର କରିହୁଏ। ଓଡ଼ିଶାର ମୌଳିକ ଭାଷା-ଭଣ୍ଡାରର ଧୁରୀଣ ବିଦ୍ଧାଣି ଥିଲେ ଚିତ୍ତରଞ୍ଜନ। ସେ ସବୁର ପ୍ରୟୋଗ ଏତେ ମର୍ମ-ଭେଦୀ ହେଉଥିଲା ଯେ ଆରାମ-ଆଲୋଚନା, ଆରାମ-ଖିଆଲକୁ ତାହା ଅଣନିଃଶ୍ୱାସୀ କରି ଦେଉଥିଲା। ମାତ୍ର ସାଙ୍ଗ କିଏ ଛାଡ଼ି ହୋଇ ଯାଉଥିଲେ ସିନା, ସିଏ କିନ୍ତୁ ସାଙ୍ଗପଣରେ ଭିଡ଼ି ଧରୁଥିଲେ। ତାଙ୍କର ସାଙ୍ଗପଣ ଥିଲା ଅକ୍ଳାନ୍ତ ଏବଂ ଅତନ୍ଦ୍ର। ଭବ-ସଂସାରର ବିରାଦରୀକୁ ସେଥିପାଇଁ ସେ ଖାତିର ନ କରି ଭାବ-ସଂସାରର ସଖ୍ୟରେ ବାନ୍ଧି ହୋଇଥିଲେ। ଉଖୁରେଇ ଉଖୁରେଇ ନିଦ ଭାଙ୍ଗି ପାଉଁଶ ତଳର ଦୁହୁଦୁହୁ ଝୁଲକୁ ଜଳାଇ ଦେଉଥିଲେ କୁହୁଳାରେ। ବନ୍ଧୁପଣର ହସ ଓ ଆଭିଜାତ୍ୟରେ ଭାବ ସଂସାରର ସେ ଥିଲେ ନିକଟତର ଏକ ଅକାଟ୍ୟ ପ୍ରମାଣ। ଘୋ' ଘୋ' ଭିତରେ ସେଥିଲାଗି ସେ ମିଳୁ ନ ଥିଲେ। ଗହଳିଆ ଗଛ ତଳର ପୋଖରୀ ହୁଡ଼ା ଉପରେ ଚିତ୍ତରଞ୍ଜନ ଦେଖୁଥିଲେ ଭାବସଂସାରର ଡୋର ସୁହୃଦ୍‌କୁ-ଭବିଷ୍ୟର ଫଳନ୍ତି ଗଛକୁ, ଚଳନ୍ତି ସମାଜର ହାତପାହାନ୍ତା ଭିନ୍ନ ମେଳକୁ। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ୟୁରୋପରେ ଗଭୀର ଅଧ୍ୟୟନରେ ମନୋନିବେଶ କରି ତତ୍କାଳୀନ ବ୍ୟକ୍ତି-ଜୀବନ, ସାମୁଦାୟିକ ବିକାଶମୁଖୀ ଜୀବନ ଏବଂ ରାଷ୍ଟ୍ର ଭୂମିକାକୁ ବିଶ୍ଳେଷଣ କରି ମଣିଷ-ସମାଜର ବାଦ-ବିବାଦ-ସମ୍ବାଦ (ଥେସିସ୍-ଆଣ୍ଟିଥେସିସ୍ ଓ ସିନ୍‌ଥେସିସ୍)ର ହେତୁ ନିର୍ଣ୍ଣୟରେ ସେ ସଫଳ ହୋଇଥିଲେ। ସକଳ ହିଁ ସକାଳ। ତାହା ବ୍ୟକ୍ତି ଜୀବନ ହୋଇ ଅବା ସମୁଦାୟ। ସେଥିଲାଗି ସକାଳ ଥିଲା ତାଙ୍କ ଅନ୍ୱେଷା ଓ ଉତ୍ତୁଙ୍ଗ ବ୍ୟକ୍ତିତ୍ୱର ନିଅଁ। ସକାଳର ଜାତି ନ ଥାଏ, ସକାଳ ଏକ ଅର୍ଘ୍ୟ ଭବିଷ୍ୟ-ସଂସାର ଓ ଭାବ ସଂସାରର। ପ୍ରିୟ ଚିତ୍ତଭାଇ ଥିଲେ ସକାଳର ସ୍ଫୁରଣ ଏବଂ ଆଲୋଡ଼ନ ସକଳଙ୍କ ଲାଗି।



ବିଷମକଟକ, ରାୟଗଡ଼ା
ମୋ: ୮୨୪୯୬୫୭୭୭୮

## ଏଇ ଭାରତରେ

ଆଜକୁ ୧୬ ବର୍ଷ ପୂର୍ବେ ଜଣେ ଅଟୋ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ଚାଲାଣ ହେଉଥିବା ଜଣେ ଶିଶୁକୁ ଉଦ୍ଧାର କରାଯାଇଥିଲା। ଏହି ଘଟଣା ଘଟିଥିଲା ତାମିଲନାଡୁ ତିରୁଚିରେ ଓ ସେହି ଅଟୋଚାଳକ ଜଣକ ହେଉଛନ୍ତି ଡି.ଜୋଶେଫ। କିନ୍ତୁ ଏହା କେବଳ ଏକ ଖବରରେ ସୀମିତ ରହି ନ ଥିଲା, ବରଂ ତାମିଲନାଡୁ ସରକାରଙ୍କୁ ଶିଶୁ ଚାଲାଣ ରୋକିବା ଲାଗି ସକ୍ରିୟ ପଦକ୍ଷେପ ନେବାକୁ ବାଧ କରିଥିଲା ଏବଂ ସେବେଠାରୁ ଅନେକ ଶହ ଶିଶୁଙ୍କୁ ଉଦ୍ଧାର କରାଯାଇପାରିଛି। ଘଟଣାଟି ଥିଲା ଏହିପରି- ଜଣେ ମହିଳା ଓ ତାଙ୍କ ସହ ଥିବା ଶିଶୁଙ୍କୁ ବସ୍‌ଷ୍ଟାଣ୍ଡରେ ଛାଡ଼ିବା ଲାଗି ନେଉଥିବାବେଳେ ଜୋଶେଫଙ୍କ ସନ୍ଦେହ ହେବାରୁ ସେ ପୋଲିସ ଆଉଟପୋଷ୍ଟରେ ଜଣାଇଥିଲେ। ପରେ ଠିକ୍ ଏହି ସମୟରେ ଜଣେ ମହିଳା ମଧ୍ୟ ସେଠାରେ ତାଙ୍କ ନିଖୋଜ ପିଲା ସମ୍ପର୍କରେ ଜଣାଇବାକୁ ଆସିଥିଲେ। ସଂଯୋଗ ଏମିତି ଥିଲା, ଯେଉଁଥିରେ ପୋଲିସ ପିଲାଟିକୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ। ଏହି ଘଟଣାରେ ସେହି ପିଲା ଚାଲାଣରେ ଜଡ଼ିତ ମହିଳାଙ୍କ ସୂଚନାକୁ ଆଧାର କରି ୧୨ ଜଣ ଶିଶୁଙ୍କୁ ସେତେବେଳେ ଉଦ୍ଧାର କରାଯାଇଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

୧୯ ଅକ୍ଟୋବର ୧୯୭୬

- ବେରୁଟ୍‌ଠାରେ ଦକ୍ଷିଣପନ୍ଥୀ ଗୋଷ୍ଠୀର ସୈନ୍ୟମାନେ ବାମପନ୍ଥୀ ଗୋଷ୍ଠୀ କବଳରୁ ଇସ୍ରାଏଲ ସୀମାନ୍ତ ନିକଟବର୍ତ୍ତୀ ହାନାଇନ୍ ଗ୍ରାମଟିକୁ ଦଖଲ କରିଦେଇଛନ୍ତି।
- ରାଜ୍ୟରେ ମଧ୍ୟମ ଜଳସେଚନ ଯୋଜନା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ୨ କୋଟି ଟଙ୍କା ମଞ୍ଜୁର।

## ପାଠକ ଶ୍ରେଷ୍ଠ ବିଚାରକ

### ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରାଯାଉ

ମହାଶୟ,

ରାଜ୍ୟର ପ୍ରତ୍ୟେକ ଗ୍ରାମରେ ଭାଗବତ ଟୁଙ୍ଗି ନିର୍ମାଣ ପାଇଁ ଗତ ବିଜୁ ଜନତା ଦଳ ସରକାର ନିଷ୍ପତ୍ତି ନେଇଥିଲେ। କିନ୍ତୁ ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରି ନାହିଁ। ଏବେ ମୁଖ୍ୟମନ୍ତ୍ରୀ ଏକ ଆଧ୍ୟାତ୍ମିକ ସଭାରେ ଯୋଗଦେଇ ଭାଗବତ ପାଠର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱ ଆରୋପ କରି ଭାଗବତ ଟୁଙ୍ଗିର ପୁନରୁଦ୍ଧାର ପାଇଁ କହିଛନ୍ତି। ସାହିତ୍ୟ, ସଂସ୍କୃତି ବିଭାଗ ପକ୍ଷରୁ ପ୍ରତ୍ୟେକ ଗ୍ରାମ ଓ ସାହିରେ ଭାଗବତ ଟୁଙ୍ଗି ନିର୍ମାଣ ସଙ୍ଗେ ସଙ୍ଗେ ନିୟମିତ ଭାଗବତ ଏବଂ ପୁରାଣ ସାହିତ୍ୟ ଆଲୋଚନା ପାଇଁ ଅର୍ଥ ବରାଦ କରାଯାଉଛି ବୋଲି ସରକାରୀ ଭାବେ କୁହାଯାଉଛି। ବିଳମ୍ବ ହେଲେ ମଧ୍ୟ ସରକାର ଚଳିତ ଆର୍ଥିକ ବର୍ଷରେ ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରିବାକୁ ଦାବି ହେଉଛି।

**- ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପଥର ପ୍ରେମିକ
ଏହି ବାଟେ ଚଳିଯାଏଁ ନିତି ମନ ଉଦାସେ
ନିରେଖଇଁ ନିତି ଏହି ପରିଚିତ ଆବାସେ
ବାତାୟନ ପାଶେ ପାଶେ ଆଖି ବୁଲେ ତୃଷିତ
ଦେଖିବାକୁ ଲାଜେ ଭୟେ କେଉଁ ରୂପ ଅବା ସେ!
-(ରୂପର ସ୍ତବ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ



ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଶନିବାର ଉପନ୍ୟାସ 'ମିସେସ୍ ହାପିଲି ସିଙ୍ଗଲ୍'ର ଉନ୍ମୋଚନ ଅବସରରେ (ବାମରୁ) ସାହିତ୍ୟିକ ସତ୍ୟ ମିଶ୍ର, ଲେଖିକା ଶୁଭା ଶର୍ମା, ସାହିତ୍ୟିକ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା।

# ଶୁଭା ଶର୍ମାଙ୍କ ଉପନ୍ୟାସ 'ମିସେସ୍ ହାପିଲି ସିଙ୍ଗଲ୍' ଉନ୍ମୋଚିତ

ଭୁବନେଶ୍ୱର,୧୮।୧୦
(ସୌମ୍ୟରଞ୍ଜନ ରାଉତ)

ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ତଥା ଲେଖିକା ଶୁଭା ଶର୍ମାଙ୍କ ରଚିତ ଇଂଲିଶ ଉପନ୍ୟାସ 'ମିସେସ୍ ହାପିଲି ସିଙ୍ଗଲ୍' ଶନିବାର ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଉନ୍ମୋଚିତ ହୋଇଯାଇଛି। ସାହିତ୍ୟିକ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର, 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ, ସାହିତ୍ୟିକ ସତ୍ୟ ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଏହାକୁ ଲୋକାର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ନାରୀ ସଂଘର୍ଷ ଓ ଅସ୍ମିତା ଉପରେ ଆଧାରିତ ଏହି ଉପନ୍ୟାସ ସମ୍ପର୍କରେ ଆଲୋଚନା କରିଥିଲେ। ସାହିତ୍ୟିକ ତରୁଣକାନ୍ତି କହିଲେ, ଶୁଭାଙ୍କ ଲେଖାରେ ରହିଛି ଅନନ୍ୟ ମୌଳିକତା। ତାଙ୍କ ଉପନ୍ୟାସର ଭାଷା ଓ ଲେଖାଶୈଳୀ ଅତ୍ୟନ୍ତ ଉଚ୍ଚକୋଟୀର। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା କହିଲେ, ପୁସ୍ତକର ଲେଖା ଏତେ ସୁନ୍ଦର ହୋଇଛି ଯେ, ପ୍ରଥମରୁ ଦୁଇ ତିନୋଟି ଭାଗ ପଢିଲେ ସେଥିରୁ ମୁକୁଳିବା ବଡ଼ କଷ୍ଟସାଧ। ଏଥିସହ ପୁସ୍ତକରେ ଦର୍ଶାଯାଇଥିବା ଚରିତ୍ରଗୁଡ଼ିକ ସମ୍ପର୍କରେ ଆଲୋକପାତ କରିବା ସହିତ ଉଚ୍ଚ ପ୍ରଶଂସା କରିଥିଲେ। ସାହିତ୍ୟିକ ସତ୍ୟ କହିଲେ, ଶୁଭାଙ୍କ ଉପନ୍ୟାସରେ ଥିବା ଚରିତ୍ର ସମାଜକୁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରିବ। ଏକାଡେମୀ ସଚିବ ଚନ୍ଦ୍ରଶେଖର ଉପନ୍ୟାସରେ ରହିଥିବା ନାରୀ ସଂଘର୍ଷର କଥା ଉପରେ କହିଥିଲେ। ସୋନାଲି ସିହ୍ନା ମଞ୍ଚ ପରିଚାଳନା କରିଥିଲାବେଳେ ଶୋଭାଙ୍କ ପୁଅ ଆରୁଖ୍ ଶର୍ମା ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ, ଲେଖିକା ଶର୍ମାଙ୍କର ଏହା ହେଉଛି ତୃତୀୟ ପୁସ୍ତକ। ପୂର୍ବରୁ ତାଙ୍କ ଲିଖିତ ୨ଟି ପୁସ୍ତକ 'ଫ୍ଲାଏ ଅନ୍ ଦି ୱାକ୍ ଆଣ୍ଡ ଅଦର ଷ୍ଟୋରିଜ୍' (୨୦୧୩) ଏବଂ 'ଦି ଅୱ୍ଥିସ୍ ଅଫ୍ ଆମ୍‌ନଗରୀ' ବିପୁଳ ପାଠକୀୟ ଆଦୃତି ଲାଭ କରିଛି। ଏହା ବ୍ୟତୀତ ସାହିତ୍ୟ ଏକାଡେମୀ ପକ୍ଷରୁ ତାଙ୍କର ଅନେକ ହିନ୍ଦୀ କବିତା ପ୍ରକାଶ ପାଇଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତି।

# କାର୍ତ୍ତିକ ପରେ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ: ଆଇନ ମନ୍ତ୍ରୀ

ପୁରୀ,୧୮।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ନାଟମଣ୍ଡପରେ ଧାଡ଼ି ଦର୍ଶନ ପାଇଁ ଯୋଜନା କରିଛନ୍ତି। କାର୍ତ୍ତିକ ମାସ ଶେଷହେବାର ୧୫ ଦିନ ପରେ ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ଆରମ୍ଭ ହେବ। ବର୍ତ୍ତମାନ କାର୍ତ୍ତିକ ମାସ ହେତୁ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ରହିଛି। ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ ବ୍ୟବସ୍ଥା କାର୍ତ୍ତିକ ପରେ ଆରମ୍ଭ ହେବା ନେଇ ଶନିବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ମହାପ୍ରଭୁଙ୍କ ସମସ୍ତ ସୁନା ଅଳଙ୍କାର କାର୍ତ୍ତିକ ମାସ ପରେ ଗଣତିମଣତି କରାଯିବା ନେଇ ସୂଚନା ମିଳିଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ଶେଷହୋଇ ଅଳଙ୍କାର ମୂଳ ରତ୍ନଭଣ୍ଡାରକୁ ଫେରିଛି। କାର୍ତ୍ତିକ ମାସରେ ଅନେକ ଗୁରୁତ୍ୱପୂର୍ଣ୍ଣ ନୀତି ସହ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହେଉଛି। ତେଣୁ କାର୍ତ୍ତିକ ପରେ ରତ୍ନ ଅଳଙ୍କାର ଗଣତିମଣତି କରାଯିବ।

ସୂଚନାଯୋଗ୍ୟ, ପ୍ରଥମେ କାର୍ତ୍ତିକ ମାସ ପରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଆରମ୍ଭ କରାଯିବ ବୋଲି ୨୦୨୪ ଅକ୍ଟୋବର ୯ରେ ଆଇନମନ୍ତ୍ରୀ ଘୋଷଣା କରିଥିଲେ। ପରବର୍ତ୍ତୀ ଅବସ୍ଥାରେ ନୂତନ ବର୍ଷରୁ ଧାଡ଼ି ଦର୍ଶନ ବ୍ୟବସ୍ଥା ହେବ ବୋଲି ସୂଚନା ମିଳିଥିଲା। ପରବର୍ତ୍ତୀ ଅବସ୍ଥାରେ ଜାନୁଆରୀ ୨୦ ଏବଂ ପରେ ଫେବ୍ରୁଆରୀ ପହିଲାରୁ ଧାଡ଼ି ଦର୍ଶନ ବ୍ୟବସ୍ଥା ଲାଗୁ ହେବ ବୋଲି ଘୋଷଣା କରାଯାଇଥିଲା। ଏହିପରି ପ୍ରାୟ ୪ଥର ଘୋଷଣା ସତ୍ତ୍ୱେ ବାରମ୍ବାର ବିଭିନ୍ନ କାରଣ ପାଇଁ ଧାଡ଼ି ଦର୍ଶନ ବ୍ୟବସ୍ଥା ସ୍ଥଗିତ ରହିଥିଲା। ଶ୍ରଦ୍ଧାଳୁମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ଧାଡ଼ି ଦର୍ଶନର ଆବଶ୍ୟକତା ରହିଛି। କିନ୍ତୁ ପୂର୍ବବର୍ଷର ବାରମ୍ବାର ସ୍ଥଗିତ ଅନୁଭୂତିକୁ ଲକ୍ଷ୍ୟ କରି ଚଳିତ ବର୍ଷ କାର୍ତ୍ତିକ ମାସ ପରେ ଦର୍ଶନ ବ୍ୟବସ୍ଥା କରାଯିବାକୁ ନେଇ ସୂଚନା ଦେବା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ବଢ଼ିବାରେ ଲାଗିଛି।

## ଓୟୁଟିଆର୍‌ରେ ଏନ୍‌ଏସ୍‌ଏସ୍-ଓ୍ୱାଇଟିଏଲ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର୍)ରେ ରାଷ୍ଟ୍ରୀୟ ସେବା ଯୋଜନା ପକ୍ଷରୁ ଆୟୋଜିତ ୩ ଦିନିଆ ଏନ୍‌ଏସ୍‌ଏସ୍-ଓ୍ୱାଇଟିଏଲ୍ କାର୍ଯ୍ୟକ୍ରମ ଶେଷ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସେବା ଯୋଜନାର ରିଜିଓନାଲ ଡାଇରେକ୍ଟର (ଭୁବନେଶ୍ୱର) ସରିତା ପଟେଲ ଏବଂ ଭାରତ ସରକାରଙ୍କ ଯୁବସେବା ବିଭାଗର ଉପସଚିବ ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର କୋଅର୍ଡିନେଟର ଭାବେ ପ୍ରଫେସର ସବିତା ଦାସ ଦାୟିତ୍ୱ ତୁଲାଇଥିଲେ। ମୋଟ ୧୦ଟି ଅଧିବେଶନରେ ବକ୍ତାମାନେ ଯୋଗଦେଇ ମତ ରଖିଥିବାବେଳେ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ୧୦୦ଜଣ ସହଭାଗୀ ଏନ୍‌ଏସ୍‌ଏସ୍ ସେବକ ଓ ବିଭିନ୍ନ ୟୁନିଟ୍‌ର ପ୍ରୋଗ୍ରାମ ଅଫିସରମାନେ ଶିବିରରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ରିଲ୍ ମେକିଂ, କ୍ୱିଜ୍, ଫଟୋଗ୍ରାଫି, ଲୋଗୋ ଡିଜାଇନ ଓ ସ୍ଲୋଗାନ୍ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାସହ ଗ୍ରୁପ୍ ଡିସ୍କଶନ, ଟିମ୍ ବିଲ୍ଡିଂ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ରୋଜାଲିନ୍ ଦାଲାଇ, ଟ୍ୱିଙ୍କଲ କିସ୍କୁ, ଲାଲବାହାଦୁର ମାଝି, ଜିତେନ୍ଦ୍ର ନାୟକ, ବିଷ୍ଣୁନାରାୟଣ ମହାପାତ୍ର ଓ ଦେବାଶିଷ ଗାଡ଼ଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ।







# କିଟ୍‌ରେ ତୃତୀୟ ଗ୍ଲୋବାଲ ୟୁନିଭର୍ସିଟି ଫେୟାର



ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

କିଟ୍ ବିଶ୍ୱବିଦ୍ୟାଳୟରେ ୟୁନିଭର୍ସିଟି ଫେୟାରର ତୃତୀୟ ସଂସ୍କରଣ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବିଶ୍ୱର ୫୦ଟି ବିଶ୍ୱବିଦ୍ୟାଳୟର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ଉଦ୍‌ଘାଟିତ ଏହି ତିନିଦିନିଆ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଅଗ୍ରଣୀ ବିଶ୍ୱସ୍ତରୀୟ ଶିକ୍ଷା ପ୍ରତିଷ୍ଠାନରେ ଛାତ୍ରବୃତ୍ତି, ଇଣ୍ଟର୍ନଶିପ ଏବଂ ଉଚ୍ଚଶିକ୍ଷା ସମ୍ଭାବନା ଅନୁସନ୍ଧାନ କରିବାର ସୁଯୋଗ ପ୍ରଦାନ କରିଥିଲା। ଏହି ଅବସରରେ ଡ. ସାମନ୍ତ କହିଲେ, ଏହା ବିଶ୍ୱାୟନର ଯୁଗ। ଯେତେବେଳେ ବିକାଶ ଆରମ୍ଭ ହୁଏ, ସେତେବେଳେ ଜ୍ଞାନ ବିନିମୟ ଓ ଶୈକ୍ଷିକ ସହଭାଗିତାକୁ ପ୍ରୋତ୍ସାହିତ କରେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ କିଟ୍ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବଢୁଥିବା ବିଶ୍ୱସ୍ତରୀୟ ଆକାଂକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପକୁଳପତି ପ୍ରଫେସର ରାଜୁ କେ.ଡି. କହିଲେ, ବିଶ୍ୱବିଦ୍ୟାଳୟର କୌଣସି ସୀମା ରହିବା ଉଚିତ ନୁହେଁ। କିଟ୍ ଇତିମଧ୍ୟରେ ୧୩୦ରୁ ଅଧିକ ବିଦେଶୀ ବିଶ୍ୱବିଦ୍ୟାଳୟ ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ କରିବା ସହ ସମଗ୍ର ବିଶ୍ୱରେ କିଟ୍ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। କିଟ୍ କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି ଧନ୍ୟବାଦ ଦେଇଥିଲେ।




# ସମୁଦ୍ରରେ ବୁଡ଼ି ୧ ମୃତ

ପୁରୀ,୧୮।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ବେଳାଭୂମି ସେକ୍ଟର ୧୨ରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସମୁଦ୍ରରେ ବୁଡ଼ି ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ନିଖୋଜ ଥିବା ସୂଚନା ମିଳିଛି। ଜଣେ ପର୍ଯ୍ୟଟକଙ୍କୁ ଲାଇଫ୍‌ଗାର୍ଡ ଉଦ୍ଧାର କରିଥିବା ବେଳେ ଅନ୍ୟଜଣେ ପର୍ଯ୍ୟଟକ ନିଖୋଜ ଥିବା ଜଣାପଡ଼ିଛି। ତେବେ ଉଦ୍ଧାର ପର୍ଯ୍ୟଟକଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତ ଓଡ଼ିଆ ପର୍ଯ୍ୟଟକ ଜଣକ ଭଦ୍ରକ ତିହିଡ଼ି ଅଞ୍ଚଳର ଦିନେଶ ବାରିକ। ସେହିପରି ନିଖୋଜ ଥିବା ପର୍ଯ୍ୟଟକ ହେଉଛନ୍ତି ସବ୍ୟସାଚୀ ମହାନ୍ତି। ନିଖୋଜ ପର୍ଯ୍ୟଟକଙ୍କୁ ସମୁଦ୍ର ଭିତରେ ଲାଇଫ୍‌ଗାର୍ଡମାନେ ଖୋଜାଖୋଜି କରୁଥିଲେ ହେଁ ଏପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନାହିଁ।



# ବ୍ୟାଙ୍କରମାନେ ସରକାରୀ ଯୋଜନାରେ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରନ୍ତୁ

## ବ୍ୟାଙ୍କରମାନଙ୍କ କାର୍ଯ୍ୟାବଳୀ ସମୀକ୍ଷା କଲେ ରାଜ୍ୟପାଳ

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)


ସମୀକ୍ଷା ବୈଠକରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ ସହ ଅନ୍ୟମାନେ।

ବ୍ୟାଙ୍କରମାନେ ସହାନୁଭୂତିଶୀଳ ହୋଇ ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ବହୁସଂଖ୍ୟାରେ ଅନ୍ତର୍ଭୁକ୍ତ କରାନ୍ତୁ ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଶନିବାର ରାଜଭବନର ନିଉ ଅଭିଷେକ ହଲ୍‌ଠାରେ ରାଜ୍ୟରେ ବ୍ୟାଙ୍କରମାନଙ୍କ କାର୍ଯ୍ୟାବଳୀ ସମୀକ୍ଷା କରିବା ଅବସରରେ ରାଜ୍ୟପାଳ ଏହା କହିବା ସହିତ ହିତାଧିକାରୀଙ୍କ ଜୀବନଜୀବିକାର ଉନ୍ନତି ପାଇଁ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ସକ୍ରିୟ ଭାବରେ ପ୍ରୋତ୍ସାହିତ କରିବାକୁ ଆହ୍ୱାନ ଜଣାଇଛନ୍ତି। ବ୍ୟାଙ୍କ ଲିଙ୍କ୍‌ଡ ଜୀବିକା ଯୋଜନା ପ୍ରସଙ୍ଗ, ଦେଖାଯାଉଥିବା ଆହ୍ୱାନ ଏବଂ ସଫଳତା ଉପରେ ସମୀକ୍ଷାକରି ରାଜ୍ୟପାଳ କହିଲେ, ବ୍ୟାଙ୍କରମାନେ କେବଳ କାରବାର ଉପରେ ଧ୍ୟାନ ଦେବା ଉଚିତ ନୁହେଁ। ସେମାନେ ସରକାରୀ କଲ୍ୟାଣକାରୀ ପଦକ୍ଷେପର ସାମାଜିକ ପ୍ରଭାବକୁ ବୁଝିବା ଉଚିତ। ରାଜ୍ୟର ଅଭିବୃଦ୍ଧି ହାର ୭% ରହିଛି ଏବଂ ୯%ରେ ପହଞ୍ଚାଇବା ଲକ୍ଷ୍ୟ ରଖାଯାଇଛି। ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଆଦି ଯୋଜନା ଭଳି କଲ୍ୟାଣକାରୀ ଯୋଜନା ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରନ୍ତୁ। ବ୍ୟାଙ୍କଗୁଡ଼ିକୁ ସାର୍ବଜନୀନ କଭରେଜ ପାଇଁ ଲକ୍ଷ୍ୟ ରଖିବାକୁ ରାଜ୍ୟପାଳ ପରାମର୍ଶ ଦେବା ସହ ଯୋଜନାଗୁଡିକରେ ଅତି କମ୍‌ରେ ୮୦ ଶତକଡ଼ା ସଞ୍ଚୟ ଖାତାଧାରକଙ୍କୁ ଅନ୍ତର୍ଭୁକ୍ତ କରିବା ନିଶ୍ଚିତ କରିବାକୁ ସେ କହିଛନ୍ତି। ଶିକ୍ଷା ଋଣ, ଗୃହ ଋଣ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକର ସମାଧାନ ପାଇଁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧୀନରେ ଚାଷୀ ସବ୍‌ସିଡି ପାଇବା ପାଇଁ ସେମାନଙ୍କର ଅଂଶଧନ ପାଣ୍ଠି ଦେବାରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଏ ଦିଗରେ ପଦକ୍ଷେପ ଗ୍ରହଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ, ଉନ୍ନୟନ କମିଶନର ଅନୁ ଗର୍ଗ, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିଭାଗ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ କୁମାର ପାଢ଼ୀ, ଗୃହ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର, ଶକ୍ତି ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ରାଜ୍ୟପାଳଙ୍କ କମିଶନର ରୂପା ରୋଶନ ସାହୁ, ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟିର ସଂଯୋଜକ ଗୌତମ ପାତ୍ର ଏବଂ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ସାରଦା ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ବାଣ ବଦଳରେ ଦୀପରେ ଦୀପାବଳି ପାଳନ କରିବାକୁ ମଡର୍ନ ଅର୍ଗାନାଇଜେଶନ ଫର୍ ଟ୍ରୁଥ୍ ହାର୍‌ମୋନି ଆଣ୍ଡ୍ ଇକୋନୋମିକ୍ ରିଆଲିଟି ପକ୍ଷରୁ ଶନିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଲୋକଙ୍କୁ ସଚେତନ କରାଯାଉଛି।

# ଦୀପାବଳିରେ କଳାକ୍ଷେତ୍ର ପାଳିବ 'ଗାଁ ଦିବସ'

## ୨୧ରୁ ୨୩ ସାରା ଓଡ଼ିଶାରେ ପାଳନ ହେବ

ଭୁବନେଶ୍ୱର,୧୮।୧୦(ସୌମ୍ୟରଞ୍ଜନ ରାଉତ)

ଆମେ ପାଳିବା ଗାଁ ଦିବସ ଦୀପାବଳିରେ ଏହି ବର୍ଷ। ଗାଁକୁ ଯିବା, ଗାଁକୁ ଭଲପାଇବା। ପ୍ରବାସୀ ଭାରତୀୟ ଦିବସ ଯେମିତି ମା', ମାଟି ଆଉ ମାତୃଭୂମିକୁ ଭଲ ପାଇବାର କଥା ସହ ଭୋକାଲ ଫର୍ ଲୋକାଲକୁ ପ୍ରୋତ୍ସାହିତ କରୁଛି, ଗାଁ ଦିବସରେ ବି ଏହି ସ୍ଲୋଗାନ ସହ ଭାଇଚାରାର ବାର୍ତ୍ତା ନେଇ ଓଡ଼ିଶାର ଗାଁକୁ ଯାଉଛି ସାମାଜିକ ଅନୁଷ୍ଠାନ କଳାକ୍ଷେତ୍ର। ଏନେଇ ଶନିବାର ଲୋହିଆ ଏକାଡେମୀଠାରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଗାଁ ଦିବସ ଅଭିଯାନ ସମ୍ପର୍କରେ ସୂଚନା ଦେଇଛନ୍ତି କଳାକ୍ଷେତ୍ରର ପ୍ରତିଷ୍ଠାତା ବାସୁଦେବ ମାଳବିଶୋଇ। ସେ କହିଛନ୍ତି, ଆଜି ସମସ୍ତେ ଗାଁ ଛାଡ଼ି ସହରମୁହାଁ। କିନ୍ତୁ ମହାତ୍ମା ଗାନ୍ଧୀଙ୍କ ଦୃଷ୍ଟିରେ ଆଜି ବି ଭାରତର ଆତ୍ମା ଗାଁରେ ବଞ୍ଚିଛି। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗାଁକୁ ଫୋକସ୍ କରିଛନ୍ତି। ଆଜି ସବୁ କାର୍ଯ୍ୟ ଗାଁରୁ ହିଁ ଆରମ୍ଭ ହେଉଛି। ଏଭଳି ସମୟରେ କଳାକ୍ଷେତ୍ର ନିଷ୍ପତ୍ତି ନେଇଛି ଓଡ଼ିଶାର ୩୦ ଜିଲା, ୧୦୦ ବ୍ଲକ, ୩୦୦ ଗ୍ରାମରେ ଗାଁ ଦିବସ ପାଳନ ହେବ ଏବଂ ୩୦ ହଜାର ଗାଁକୁ 'ଗାଁ ଦିବସ ଅଭିଯାନ'ର ବାର୍ତ୍ତା ଯିବ। ଗାଁର ମହକ, ସୁରକ୍ଷା ସହ ତା'ର ସଂସ୍କୃତି, ଭାଇଚାରା, ଏକତା, ଅଖଣ୍ଡତାକୁ ବଜାୟ ରଖିବା ଏବଂ ପୁଣିଥରେ ସମସ୍ତଙ୍କୁ ଏହି କଥା ମନେପକାଇଦେବା ଲାଗି କଳାକ୍ଷେତ୍ର ନିଆରା ପ୍ରୟାସ କରୁଛି। ଆସନ୍ତା ୨୧ରୁ ୨୩ ପର୍ଯ୍ୟନ୍ତ ସାରା ଓଡ଼ିଶାରେ ଏହା ପାଳନ ହେବ। ଏଥିରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିଠୁ ନେଇ ଗ୍ରାମ୍ୟ ଜୀବନ ବିଷୟରେ ଅନେକ କାର୍ଯ୍ୟକ୍ରମ ହେବ। ସରକାର, ପ୍ରଶାସନଠୁ ନେଇ ସାଧାରଣ ଲୋକ, କଳାକାର, ସାହିତ୍ୟିକ, ସଂସ୍କୃତିପ୍ରେମୀ ଯୋଗଦେବେ ବୋଲି ମାଳବିଶୋଇ କହିଛନ୍ତି। ସମ୍ମିଳନୀରେ ଅନୁଷ୍ଠାନର ଉପସଭାପତି ନୀହାରିକା ପଟ୍ଟନାୟକ, ସଦସ୍ୟା ପଦ୍ମାବତୀ ଖେମୁଣ୍ଡ, ଚିତ୍ରା ମିଶ୍ର, ସଦସ୍ୟ ପଞ୍ଚାନନ ପ୍ରଧାନ, ନାରାୟଣ ସ୍ୱାଇଁ ଏବଂ ବରିଷ୍ଠ ଖବରଦାତା ମନୋରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଓରମାସ୍ ପକ୍ଷରୁ ଦୀପାବଳି ପାଇଁ ସ୍ୱତନ୍ତ୍ର ଷ୍ଟଲ୍

## ଗ୍ରାମୀଣ ଉତ୍ପାଦକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ଲକ୍ଷ୍ୟ

ଭୁବନେଶ୍ୱର,୧୮।୧୦(ସୌମ୍ୟରଞ୍ଜନ ରାଉତ)

ଦୀପାବଳି ଉପଲକ୍ଷେ ଓଡ଼ିଶା ଗ୍ରାମୀଣ ବିକାଶ ଓ ବିପଣନ ସଂସ୍ଥା (ଓର୍‌ମାସ୍) ପକ୍ଷରୁ ୟୁନିଟ-୮ସ୍ଥିତ ଏସ୍‌ଆଇଆର୍‌ଡି କ୍ୟାମ୍ପସ ସମ୍ମୁଖରେ ଶନିବାର ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯାଇଛି। ଓରମାସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମୋନିକା ପ୍ରିୟଦର୍ଶିନୀ ଏହି ଷ୍ଟଲକୁ ଉଦ୍‌ଘାଟନ କରି କହିଲେ, ଭୁବନେଶ୍ୱରବାସୀ ଏଠାରୁ ଗ୍ରାମାଞ୍ଚଳର ହସ୍ତଶିଳ୍ପୀ ଓ କାରିଗରଙ୍କ ହାତ ତିଆରି ଉତ୍ପାଦକୁ ହାତପାଆନ୍ତାରେ ପାଇପାରିବେ। ଓରମାସ୍‌ର ଏହି ପ୍ରୟାସ ଗ୍ରାମୀଣ ଉତ୍ପାଦକଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ସହ ସେମାନଙ୍କୁ ଆତ୍ମନିର୍ଭର କରୁଛି ବୋଲି ସେ ମତପ୍ରକାଶ କରିଥିଲେ।

ଚଳିତବର୍ଷ ଏହି ଷ୍ଟଲରେ ଗଞ୍ଜାମ, ନୟାଗଡ଼, ଖୋର୍ଦ୍ଧା, ବୌଦ୍ଧ ଓ ସୋନପୁର ଜିଲାର ଉତ୍ପାଦକ ଗୋଷ୍ଠୀମାନେ ନିଜ ଉତ୍ପାଦ ବିକ୍ରି କରୁଛନ୍ତି। ମାଟିଦୀପ, ଟେରାକୋଟା ମୂର୍ତ୍ତି, ରାଗିଲଡ୍ଡୁ, ନଡ଼ିଆତେଲ, ଝାଡୁ, ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ, ହସ୍ତଶିଳ୍ପ ଓ ହସ୍ତତନ୍ତ ଉତ୍ପାଦ ଆଦିର ପସରା ମେଲିଛି। ଗଞ୍ଜାମ ଜିଲାର ଉତ୍ପାଦକ ଗୋଷ୍ଠୀ ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ଚକୋଲେଟ ଗିଫ୍ଟ ଓ ପିକଲ ଗିଫ୍ଟ ଭଳି ୨ପ୍ରକାର ଗିଫ୍ଟ ହାମ୍ପର୍ (ଉପହାର) ମୁଖ୍ୟ ଆକର୍ଷଣ ସାଜିଛି। ଏହି ଷ୍ଟଲ୍ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ସକାଳ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଲାଗି ଖୋଲା ରହିବ।


ଦୀପାବଳି ପାଇଁ ଓରମାସ୍ ପକ୍ଷରୁ ୟୁନିଟ-୮ସ୍ଥିତ ଏସ୍‌ଆଇଆର୍‌ଡି କ୍ୟାମ୍ପସ ସମ୍ମୁଖରେ ଖୋଲିଥିବା ସ୍ୱତନ୍ତ୍ର ଷ୍ଟଲ୍।

# ମନ୍ଦାରିଆପାଟଣାକୁ ରାଜସ୍ୱ ଗ୍ରାମ ଘୋଷଣା ଦାବି

ଖୋର୍ଦ୍ଧା,୧୮।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ ଅନ୍ତର୍ଗତ ମନ୍ଦାରିଆପାଟଣା ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ଦାବି କରିଛନ୍ତି ଗ୍ରାମବାସୀ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ଜିଲାପାଳ ଖୋର୍ଦ୍ଧାଙ୍କଠାରୁ ପ୍ରାପ୍ତ ପତ୍ରସଂଖ୍ୟା ନଂ.୨୦୭୭୨/ଏଲ.ଆର ତା.୩୧.୧୨.୨୪, ତଥା ଉପଜିଲାପାଳ ଭୁବନେଶ୍ୱରଙ୍କଠାରୁ ପ୍ରାପ୍ତ ଅଭିଯୋଗପତ୍ର ସମ୍ବନ୍ଧୀୟ ପତ୍ରସଂଖ୍ୟା ନଂ.୧୦୪୧୬/ତା.୨୫.୦୯.୨୦୨୫ରେ ମନ୍ଦାରିଆପାଟଣାକୁ ପୃଥକ ରାଜସ୍ୱ ଗ୍ରାମ କରାଯିବା ଅଭିଯୋଗପତ୍ର ସମ୍ପର୍କିତ ଏକ ଶୁଣାଣି ଗତ ଅକ୍ଟୋବର ୯ରେ ବାଲିଅନ୍ତା ତହସିଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ତହସିଲଦାର ବାଲିଅନ୍ତା, ୧୬ନମ୍ବର ଜୋନ ଜିଲାପରିଷଦ, ଜଗନ୍ନାଥପୁର ସରପଞ୍ଚ, ନାଏବ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏକ ରାଜସ୍ୱ ଗ୍ରାମ ପାଇଁ ଆବଶ୍ୟକ ସୁବିଧା ମନ୍ଦାରିଆପାଟଣାରେ ଉପଲବ୍ଧ ରହିଛି। ପ୍ରାଥମିକ ବିଦ୍ୟାଳୟ, ମହାଦେବ ମନ୍ଦିର, ବିଷ୍ଣୁ ମନ୍ଦିର, ମହାବୀର ମନ୍ଦିର, ଗ୍ରାମଦେବତୀ ମନ୍ଦିର, ଭାଗବତ ଘର, ଝୁଲଣ ମଣ୍ଡପ, ପାଲା ମଣ୍ଡପ, ଗ୍ରାମ ଶ୍ମଶାନ ଆଦି ରହିଛି। ଏତଦ୍‌ବ୍ୟତୀତ ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ମୂଳ ରାଜସ୍ୱ ଗ୍ରାମ ଫୁଲନଖରା-ନିଆଳି ୬୦ ନମ୍ବର ରାଜ୍ୟ ରାଜପଥର ଡାହାଣ ପାର୍ଶ୍ୱରେ ଅବସ୍ଥିତ। ଜନସଂଖ୍ୟା ଦୃଷ୍ଟିରୁ ମୂଳ ରାଜସ୍ୱ ଗ୍ରାମର ଜନସଂଖ୍ୟା ଓ ଭୋଟର ସଂଖ୍ୟାର ଦୁଇଗୁଣ ହେଉଛି ମନ୍ଦାରିଆପାଟଣାର ଜନସଂଖ୍ୟା ଓ ଭୋଟର ସଂଖ୍ୟା। ତେଣୁ ଉପରୋକ୍ତ ସମସ୍ତ ବିଷୟକୁ ଯାଞ୍ଚ କରାଯାଇ ମନ୍ଦାରିଆପାଟଣାକୁ ରାଜସ୍ୱ ଗ୍ରାମ ଘୋଷଣା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଭୀମ


@ ସୁରେନ୍ଦ୍ର


@ ସୁରେଶ୍ୱର


@ ଧୀରେନ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅରବିନ୍ଦ ଢାଲି ହିନ୍ଦୁସ୍ଥାନ ସ୍କାଉଟ୍ସ ଓ ଗାଇଡ୍ସ ଟ୍ରାଇବାଲ ୱେଲ୍‌ଫେୟାର ଆସୋସିଏଶନର ରାଜ୍ୟ ସଭାପତି

ବାଲିପାଟଣା,୧୮।୧୦
(ଅଭିମନ୍ୟୁ ନାୟକ)

ପୂର୍ବତନ ମନ୍ତ୍ରୀ ତଥା ଭାଜପାର ବରିଷ୍ଠ ନେତା ଡ.ଅରବିନ୍ଦ ଢାଲି ହିନ୍ଦୁସ୍ତାନ ସ୍କାଉଟ୍ସ ଓ ଗାଇଡ୍ସ ଟ୍ରାଇବାଲ ୱେଲ୍‌ଫେୟାର ଆସୋସିଏଶନର ରାଜ୍ୟ ସଭାପତି ଭାବେ ମନୋନୀତ ହୋଇଛନ୍ତି। ରାଜ୍ୟରେ ଏହି ସେବା ଅନୁଷ୍ଠାନର ବିକାଶ ସହିତ ଜନସାଧାରଣ ଉପକୃତ ହେବା ଭଳି କାର୍ଯ୍ୟ କରିବେ ବୋଲି ଢାଲି କହିଛନ୍ତି। ତାଙ୍କର ଏହି ନିଯୁକ୍ତି ପାଇଁ ବାଲିପାଟଣା ଓ ବାଲିଅନ୍ତା ବ୍ଲକର ବହୁ ଜନସାଧାରଣ ଖୁସିବ୍ୟକ୍ତ କରିବା ସହିତ ବାଲିପାଟଣା ପ୍ରେସ୍ କ୍ଲବ ପକ୍ଷରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ସେହିପରି ସଂଳାପ ଲେଖକ ତଥା କବି ଡ.ରଜନୀ ରଞ୍ଜନ ଦାଶ ଉପସଭାପତି ଭାବେ ମନୋନୀତ ହୋଇଥିବାରୁ ଜୟଦେବ ସାହିତ୍ୟ ସମାଜ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ସଂରକ୍ଷଣ ଦାବିକଲା ଖଣ୍ଡାୟତ କ୍ଷତ୍ରିୟ ପାଇକ ଚଷା ମହାସଂଘ

## ବନ୍ଧୁ ସମାବେଶ ଓ ଆଲୋଚନାଚକ୍ର

ଭୁବନେଶ୍ୱର,୧୮।୧୦
(ସୌମ୍ୟରଞ୍ଜନ ରାଉତ)

ନିଖିଳ ଓଡ଼ିଶା ଖଣ୍ଡାୟତ କ୍ଷତ୍ରିୟ ପାଇକ ଚଷା ମହାସଂଘ ପକ୍ଷରୁ ଶନିବାର ବୁଦ୍ଧମନ୍ଦିରଠାରେ ଏକ ବନ୍ଧୁ ସମାବେଶର ଆୟୋଜନ କରାଯାଇଥିଲା। ଏହି ଅବସରରେ 'ଜାତିଗତ ଜନଗଣନା ଓ ସଂରକ୍ଷଣର ପ୍ରାସଙ୍ଗିକତା' ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମହାସଂଘ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଏଥିରେ ସଭାପତିତ୍ୱ କରିଥିବାବେଳେ ସାଧାରଣ ସମ୍ପାଦକ ସୁଦର୍ଶନ ଛୋଟରାୟ ଅନୁଷ୍ଠାନର କାର୍ଯ୍ୟ ବିବରଣୀ ପ୍ରଦାନ କରିବା ସହ ସାଂଗଠନିକ ବିସ୍ତାର ଉପରେ ଆଲୋଚନା କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରଦୀପ କୁମାର ବିଶ୍ୱାଳ, ସ୍ତମ୍ଭକାର ନଟବର ଖୁଣ୍ଟିଆ, ଡ. ଭାଗ୍ୟଲିପି ମଲ୍ଲ, ପ୍ରଭାସ ସାମନ୍ତରାୟ, ମିହିର ରାୟ, ବିଜୟ ବିଶ୍ୱାଳ ଓ ରାଜେନ୍ଦ୍ର କୁମାର ମହାଲିଙ୍ଗ ପ୍ରମୁଖ ଯୋଗଦେଇଥିଲେ। ସମାଜରେ ସାମାଜିକ ନ୍ୟାୟ ଦେବା କ୍ଷେତ୍ରରେ ସାମୂହିକ ଭାବେ ଖଣ୍ଡାୟତ ସମାଜର ଅବଦାନର ପଟ୍ଟାନ୍ତର ନାହିଁ। ସରକାର ବୈଷୟିକ ଶିକ୍ଷା ଓ ଡାକ୍ତରୀ ଶିକ୍ଷାରେ ୨୭ ଭାଗ ସଂରକ୍ଷଣ ଦେବା ପାଇଁ ଅତିଥିଙ୍କ ସହ ମହାସଂଘ କର୍ମକର୍ତ୍ତା ଦାବି ରଖିଥିଲେ। ଏହି ଅବସରରେ ମହାସଂଘ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କଣ୍ଠଶିଳ୍ପୀ ଜୟଶ୍ରୀ ଧଳ, ସାମାଜିକ କର୍ମୀ ଭାବଗ୍ରାହୀ ରାଉତ, ସୁପ୍ରଭା ରାଉତ, ଯୁବନେତା ଦେବବ୍ରତ ରାଉତ, ନାରୀନେତ୍ରୀ ବିଳାସିନୀ ପ୍ରଧାନ, ଖବରଦାତା ଶବର ତରାଇ, ରଜତ ବଳିୟାର ସିଂ, ଯଜ୍ଞେଶ୍ୱର ସୁନ୍ଦରାୟ, ଅମରେନ୍ଦ୍ର ମହାପାତ୍ର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହାସଂଘର ସଂସ୍ଥାପକ ସଦସ୍ୟ ପ୍ରଫେସର ବିନୟ ଭୂଷଣ ଜେନା, ଆଡ୍‌ଭୋକେଟ ନରେଶ ଜେନା, ସାମାଜିକ କର୍ମୀ ବିଶ୍ୱରାଜ ନାୟକ ପ୍ରମୁଖ ସଭା ପରିଚାଳନା କରିଥିଲେ। ରଜତ ବଳିୟାର ସିଂ ଧନ୍ୟବାଦ ଦେଇଥିଲେ।



ବନ୍ଧୁ ସମାବେଶରେ ମହାସଂଘ ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ଅନ୍ୟ ଅତିଥିମାନେ।

# ଦୀପାବଳିରେ ବୈଦ୍ୟୁତିକ ସୁରକ୍ଷା ପାଇଁ ଟିପିସିଓଡିଏଲ୍‌ର ପରାମର୍ଶ

ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା)

TPCODL
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ଦୀପାବଳିରେ ବୈଦ୍ୟୁତିକ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଛି। ପାର୍ବଣ ଋତୁରେ ଯେତେବେଳେ ଘର, ଦୋକାନ ଏବଂ ସାର୍ବଜନୀନ ସ୍ଥାନଗୁଡ଼ିକ ଆଲୋକିତ ହୋଇଥାଏ, ଟିପିସିଓଡିଏଲ୍ ସମସ୍ତଙ୍କୁ ସତର୍କ ରହିବା ସହ ଯେକୌଣସି ବିପଦକୁ ଏଡାଇବା ପାଇଁ କହିଥାଏ। ଦୀପାବଳିରେ ବୈଦ୍ୟୁତିକ ଉପକରଣ ଏବଂ ସାଜସଜ୍ଜା ଲାଇଟ ବ୍ୟବହାର ସମୟରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛି। ବୈଦ୍ୟୁତିକ ସାଜସଜ୍ଜା ସାମଗ୍ରୀଗୁଡ଼ିକୁ ବ୍ୟବହାର ପୂର୍ବରୁ ଭଲ ଭାବରେ ଯାଞ୍ଚ କରିବା, ଭଙ୍ଗା କିମ୍ବା ଫାଟିଯାଇଥିବା ସକେଟ ଓ ପ୍ଲଗ ବ୍ୟବହାର ନ କରିବା, ସାଜସଜ୍ଜା ପାଇଁ କେବଳ ଡବଲ-ଇନ୍‌ସୁ୍ୟଲେଟେଡ ତାର ଏବଂ କେବୁଲ ବ୍ୟବହାର କରିବା, କ୍ଷତିଗ୍ରସ୍ତ ତାର ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ଏହାସହ ଗୋଟିଏ ସକେଟରେ ବହୁତ ଉପକରଣ କିମ୍ବା ଲାଇଟ ନ ଲଗାଇବା ଏବଂ ସମସ୍ତ ଆଲୋକ ଏବଂ ସାଜସଜ୍ଜା ସ୍ଥାପନ ପାଇଁ ଉପଯୁକ୍ତ ଆର୍ଥିଂ ନିଶ୍ଚିତ କରିବାକୁ କୁହାଯାଇଛି। ସେହିଭଳି ଘରୁ ବାହାରିବା କିମ୍ବା ଶୋଇବା ପୂର୍ବରୁ ସାଜସଜ୍ଜା ଆଲୋକ ବନ୍ଦ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଟିପିସିଓଡିଏଲ ଉପଭୋକ୍ତାମାନେ ସ୍ପାର୍କିଂ କିମ୍ବା ତାର ଛିଣ୍ଡି ଯାଇଥିବା ଭଳି ଯେକୌଣସି ବୈଦ୍ୟୁତିକ ସମସ୍ୟା ବିଷୟରେ ତୁରନ୍ତ ସହାୟତା ପାଇଁ ଏହାର ୨୪ ଘଣ୍ଟିଆ କଲ୍ ସେଣ୍ଟର (୧୯୧୨ କିମ୍ବା ୧୮୦୦୩୪୫୭୧୨୨) ମାଧ୍ୟମରେ ରିପୋର୍ଟ କରିବାକୁ କମ୍ପାନୀର ସିଇଓ ଅରଭିନ୍ଦ ସିଂହ କହିଛନ୍ତି।

# ଜଟଣୀରେ ଜମୁଛି ବାଣ ବେପାର



ଜଟଣୀ,୧୮।୧୦(ରବୀନ୍ଦ୍ରନାଥ ମହାକୁଡ଼)

ଆଲୋକର ପର୍ବ ଦୀପାବଳି। ରଙ୍ଗିନ ଆଲୋକ ସାଙ୍ଗକୁ ଦୀପରେ ଝଲସି ଉଠିବ ଗାଁଠୁ ସହର। ଦୀପାବଳିରେ ବିଭିନ୍ନ ପ୍ରକାର ମିଠା, ପିଠା ଖାଇବା ସହିତ ନୂତନ ବସ୍ତ୍ର ପିନ୍ଧିବା ଏବଂ ବାଣ ଫୁଟାଇ ଖୁସି ମନାଇବାକୁ ସମସ୍ତଙ୍କ ମନରେ ଆଗ୍ରହଥାଏ। ଏହି ପରିପ୍ରେକ୍ଷୀରେ ଜଟଣୀରେ ଜମୁଛି ବାଣ ବେପାର। ଗତ ୧୭ତାରିଖଠାରୁ ଜଟଣୀ ହାଇସ୍କୁଲ ନିକଟ ଶରତ ପାଇକରାୟ ଖେଳପଡ଼ିଆ ପରିସରରେ ଖୁଚୁରା ବାଣ ବ୍ୟବସାୟୀ ପ୍ରତିବର୍ଷ ଭଳି ବ୍ୟବସାୟ ଆରମ୍ଭ କରିଛନ୍ତି। ୧୦୫ ଜଣ ବ୍ୟବସାୟୀ ଉକ୍ତ ଖେଳପଡ଼ିଆ ପରିସରରେ ଦୋକାନ ଖୋଲିବା ନେଇ ଅନୁମତି ପ୍ରଦାନ କରାଯାଇଥିବା ଜଟଣୀ ଥାନା ଅଧିକାରୀ ଷ୍ଟାଲିନ୍ ବିଶ୍ୱାଳ କହିଛନ୍ତି। ତେବେ ପଡ଼ିଆ ପରିସରରେ ୧୦୩ଟି ଦୋକାନରେ ବ୍ୟବସାୟ ହେଉଥିବା ଜଣାପଡ଼ିଛି। ସେହିପରି ଇନ୍‌ଫୋଭ୍ୟାଲି ଥାନା ଅଧୀନ ଗୋବିନ୍ଦପୁର ଅଞ୍ଚଳରେ ୨୯ଟି ଦୋକାନରେ ଖୁଚୁରା ବାଣ ବ୍ୟବସାୟୀ ବେପାର କରୁଥିବା ବେଳେ ଗୋଟିଏ ଦୋକାନକୁ ସୁରକ୍ଷା ଦୃଷ୍ଟିକୋଣରୁ ବନ୍ଦ କରାଯାଇଥିବା ଇନ୍‌ଫୋଭ୍ୟାଲି ଥାନା ଅଧିକାରୀ ଗୟାନନ୍ଦ ଶାହା କହିଛନ୍ତି। ସମସ୍ତ ବ୍ୟବସାୟୀ ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବ୍ୟବସାୟ କରୁଥିବା ଦେଖିବାକୁ ମିଳୁଛି।

### ସେମାନେ ଯାହା କୁହନ୍ତି

"ଅନ୍ୟ ବଜାର ତୁଳନାରେ ଜଟଣୀ ବାଣ ବଜାରରେ ଦର କମ୍ ରହିବା ସହିତ ବିଭିନ୍ନ ପ୍ରକାର ବାଣ ମିଳିଥାଏ। ସେଥିପାଇଁ ସବୁ ବର୍ଷ ଜଟଣୀ ବାଣ ବଜାର ଉପରେ ନିର୍ଭର କରିଥାଉ। ଏଥର ଦୀପାବଳିରେ ମନଭରି ବାଣ ଫୁଟାଇବୁ।

**-ରଶ୍ମି ଜେନା, ବରମୁଣ୍ଡା, ଭୁବନେଶ୍ୱର**

"ସରକାରଙ୍କ ନିୟମ ଅନୁସାରେ ସବୁଜ ବାଣ ବିକ୍ରି କରାଯାଉଛି। ପିଲାମାନଙ୍କ ପାଇଁ ମଧ ବିଭିନ୍ନ ପ୍ରକାର ବାଣ ରହିଛି। ସ୍କାୟସ୍ୱାର, ହେଲିକ୍ୟାପଟର, ନଟୁ ବାଣ, ରସୁଣ ବାଣ, ଅଦା ବାଣ, ଲଙ୍କା ବାଣ ଆଦି ରହିଛି। ୧୦ ଟଙ୍କାରୁ ଆରମ୍ଭ କରି ୫୦୦ଟଙ୍କା ଏବଂ ଅଧିକ ମୂଲ୍ୟର ବାଣ ରହିଛି। ଅନ୍ୟ ବଜାରଠାରୁ ଏଠାରେ କମ୍ ଦରରେ ଦିଆଯାଉଛି। ତେଣୁ ଲୋକେ ଏଠାକୁ ବାଣ କିଣିବାକୁ ଆସିଥାନ୍ତି। ପାଗ ଅନୁକୂଳ ରହିଥିବାରୁ ବ୍ୟବସାୟ ଭଲ ହେବ ବୋଲି ଆଶ ରହିଛି।

**- ଜିତେନ୍ଦ୍ର କୁମାର ପଟନାୟକ, ବାଣ ବ୍ୟବସାୟୀ, ଜଟଣୀ**

"ବାଣ ବ୍ୟବସାୟ ପାଇଁ ୧୦୩ ଟି ଦୋକାନକୁ ଅନୁମତି ପ୍ରଦାନ କରାଯାଇଛି। ଓଡ଼ିଶା ଫାୟାର ସେଫ୍ଟି ଆକ୍ଟ ଅନୁସାରେ ସମସ୍ତ ଦିଗକୁ ତର୍ଜମା କରାଯାଇଛି। ସମସ୍ତ ବ୍ୟବସାୟୀ ଦୋକାନରେ ବାଲି, ପାଣି, ଓଦାଅଖା, ଅଗ୍ନି ନିର୍ବାପକ ଯନ୍ତ୍ର ଆଦି ରଖିବା ସହ ସମସ୍ତ ସରକାରୀ ନିୟମ ପାଳନ କରିବା ପାଇଁ ମାର୍ଗଦର୍ଶିକାରେ ସୂଚନା ପ୍ରଦାନ କରାଯାଇଛି।

**-ଲକ୍ଷ୍ମଣ ବେହେରା, ଜଟଣୀ ଅଗ୍ନିଶମ କାର୍ଯ୍ୟାଳୟ ଅଧିକାରୀ**

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ୨ ଗୁରୁତର

ବାଘମାରୀ,୧୮।୧୦(ମିହିର ରଞ୍ଜନ ମହାପାତ୍ର)

ବାଘମାରୀ-କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥର ସିମୋର- ବାଘମାରୀ ବଡ଼ଶଙ୍ଖ ନିକଟରେ ଅଜଣା ଗାଡ଼ି ଧକ୍କାରେ ଦୁଇ ଜଣ ଗୁରୁତର ହୋଇଛନ୍ତି। ସୂଚନା ମୁତାବକ, ଶନିବାର ଅପରାହ୍ନ ୧ଟା ୩୦ରେ ଦୁଇ ଜଣ ଯୁବକ କୌଣସି କାମରେ ସ୍କୁଟି(ଓଡିଓ୩ଏଟି ୬୪୦୭)ରେ ଖୋର୍ଦ୍ଧା ପଟୁ ସିମୋର ଅଭିମୁଖେ ଯାଉଥିଲେ। ସିମୋର-ବାଘମାରୀ ବଡ଼ଶଙ୍ଖ ଗଡାଣିରେ ଏକ ଅଜଣା ଗାଡି ସ୍କୁଟିକୁ ଧକ୍କାଦେଇ ପଳାଇଥିଲା। ଫଳରେ ସ୍କୁଟି ଭାଙ୍ଗିଯିବା ସହ ଦୁଇ ଆରୋହୀ ରାସ୍ତାରେ ପଡ଼ି ଗୁରୁତର ଆହତ ହୋଇଥିଲେ। ବାଘମାରୀ ପୋଲିସ ଉପନିରୀକ୍ଷକ ଚନ୍ଦନ କୁମାର ଦାସ ସ୍ଥାନୀୟ ଲୋକଙ୍କ ସହାୟତାରେ ଗୁରୁତରଦ୍ୱୟଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲ ପଠାଇଥିଲେ। ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ପୋଲିସ ଜବତ କରି ଅଧିକ ତଦନ୍ତ ଜାରି ରଖିଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଆହତଙ୍କ ପରିଚୟ ମିଳିପାରିନାହିଁ। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ ବୋଲି ଥାନା ଅଧିକାରୀ ଶମ୍ଭୁନାଥ ନାୟକ କହିଛନ୍ତି।

### କବିତା ପାଠ, ଆଲୋଚନାଚକ୍ର

**ବେଗୁନିଆ,୧୮।୧୦(ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମର ମା'ତାରିଣୀ ଦେବୀଙ୍କ ପୀଠ ପରିସରରେ ଶନିବାର କବିତା ପାଠ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା ସମିତି ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଦିଲୀପ କୁମାର ସାମନ୍ତରାୟ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ସୁସାହିତ୍ୟିକ ବିଶ୍ୱନାଥ ମହାପାତ୍ର ଯୋଗଦେଇଥିଲେ। ନାଟ୍ୟ ନିର୍ଦ୍ଦେଶକ ଡ.ବନବିହାରୀ ମହାପାତ୍ର ବକ୍ତାଭାବେ ଯୋଗଦେଇଥିବା ବେଳେ ପ୍ରଧାପକ ଡ.ଅଖିଳେଶ ପ୍ରସାଦ ପଣ୍ଡା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ, ଅଧାପକ ରଙ୍କନିଧି ବଳିୟାରସିଂହ ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଗାୟକ ବସନ୍ତ କୁମାର ଦାସ ମଙ୍ଗଳା ଚରଣ ପାଠ ଓ କବି ଧନଞ୍ଜୟ ମହାପାତ୍ର ବେଦ ପାଠ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସ୍ୱାଗତ ଭାଷଣ ଦେଇଥିଲେ। କବୟିତ୍ରୀ ଡ.ଗୀତାଞ୍ଜଳି ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠରେ ଅଞ୍ଚଳର ବହୁ କବୟିତ୍ରୀ ଓ କବି ଅଂଶଗ୍ରହଣ କରିଥିଲେ। ଶେଷରେ ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ସାମାଜିକ କର୍ମୀ ବ୍ରଜବନ୍ଧୁ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### କ୍ଷୀରସାଇ ରୁଦ୍ରାଭିଷେକ, ମହାଯଜ୍ଞ

**ଜଟଣୀ,୧୮।୧୦(ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ବ୍ଲକ ଅନ୍ତର୍ଗତ ପଦନପୁର ପଞ୍ଚାୟତର ବଡ଼ତୋଟା ବେଲପଡା ଗ୍ରାମରେ ୨୬ତମ କ୍ଷୀରସାଇ ରୁଦ୍ରାଭିଷେକ ଓ ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ମୁକ୍ତେଶ୍ୱର ଦେବଙ୍କ ପୀଠରେ ଶନିବାର ସକାଳେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ରୁଦ୍ରମ ପାଠ ଏବଂ ଭଜନ ପରିବେଷଣ କରାଯାଇଥିଲା। ପରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପ୍ରକାଶ ସାହୁ, ଅଭିମନ୍ୟୁ ଦାସ, ସୁକାନ୍ତ ସାହୁ, ରବୀନ୍ଦ୍ର ସାହୁ, ଉମାକାନ୍ତ ପଟ୍ଟନାୟକ, ଶକ୍ତି ମହାପାତ୍ର, ସରୋଜ ମୁଦୁଲିଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇଥିଲେ।

### ବ୍ୟବସାୟୀ କୈଳାସ ସେନାପତିଙ୍କ ପରଲୋକ

**ବାଣପୁର,୧୮।୧୦(ଦିଲୀପକୁମାରସ୍ୱାଇଁ):** ଗମ୍ଭାରୀମୁଣ୍ଡା ଅଞ୍ଚଳର ବିଶିଷ୍ଟ ବ୍ୟବସାୟୀ ତଥା ଗମ୍ଭାରୀମୁଣ୍ଡା ମା' ଆଙ୍କୁଳେଶ୍ୱରୀ ବଣିକ ସଂଘର ସମ୍ପାଦକ କୈଳାସ ସେନାପତିଙ୍କ ଶନିବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୬୨ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବ୍ୟବସାୟୀ, ବୁଦ୍ଧିଜୀବୀ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ତାଙ୍କ ମୃତଶରୀରକୁ ଗମ୍ଭାରୀମୁଣ୍ଡା ବଜାର ଓ ତାଙ୍କ ବାସସ୍ଥାନ ପଦ୍ମପୁର ଗ୍ରାମରେ ବୁଲାଇବା ପରେ ପୁରୀ ସ୍ୱର୍ଗଦ୍ୱାର ନେଇଥିଲେ। ସେଠାରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି।

# ୫.୫୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ, ୫ ଗିରଫ



ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି।

ଖୋର୍ଦ୍ଧା,୧୮।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଆଦର୍ଶ ଥାନା ଏବଂ ଶିଳ୍ପାଞ୍ଚଳ ଥାନା ପୋଲିସ ପୃଥକ୍ ଭାବେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫ଜଣ ବ୍ରାଉନ୍‌ସୁଗାର ବେପାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଆଦର୍ଶ ଥାନା ଅନ୍ତର୍ଗତ ସାମନ୍ତରାପୁର ସ୍ୱପ୍ନେଶ୍ୱର ସାହିର ସୋମନାଥ ବେହେରା(୨୫), ସଦର ଥାନା ଅଧୀନ କରଡ଼ଗାଡ଼ିଆର ଧନେଶ୍ୱର ସାହୁ(୨୬), ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଉତ୍ତର ମୁଣ୍ଡମୁହାଣ ଗ୍ରାମର ରାଜେନ୍ଦ୍ର ରାଉତ (୨୬), ଶହୀଦନଗର ଥାନା ଅନ୍ତର୍ଗତ ପଥରବନ୍ଧ ବସ୍ତିର ସୁନିଲ ସାହୁ (୨୫) ଏବଂ ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲାହାଟର ଶକ୍ତି ରଞ୍ଜନ ରାୟଗୁରୁ(୨୫)। ଏମାନଙ୍କଠାରୁ ମୋଟ୍ ୫୫ଗ୍ରାମ୍ ବ୍ରାଉନ୍‌ସୁଗାର, ୭ଟି ମୋବାଇଲ ଫୋନ, ୪ ବାଇକ୍, ଏକ ସ୍କୁଟର ଏବଂ ୩୬ହଜାର ଟଙ୍କା ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୫ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ଶନିବାର ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ବିବେକାନନ୍ଦ ଶର୍ମା ସୂଚନା ଦେଇଛନ୍ତି।

### ମୋବାଇଲ, ବାଇକ୍, ୩୬ ହଜାର ଟଙ୍କା ଜବତ

ଏସ୍‌ପି ଶର୍ମାଙ୍କ ସୂଚନା ମୁତାବକ, ଖୋର୍ଦ୍ଧା ଶିଳ୍ପାଞ୍ଚଳରେ ଥିବା ଏକ ବିସ୍କୁଟ କମ୍ପାନୀ ନିକଟରେ ବ୍ରାଉନ୍‌ସୁଗାର ବେପାର ହେଉଥିବା ନେଇ ଶିଳ୍ପାଞ୍ଚଳ ପୋଲିସକୁ ଖବର ମିଳିଥିଲା। ଏସ୍‌ଆଇ ବାସୁଦେବ ଜୟସିଂଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ଅଭିଯୁକ୍ତଙ୍କୁ ମାଡ଼ିବସିଥିଲା। ସାମଗ୍ରୀ ନେବାକୁ ଆସିଥିବା ଶହୀଦନଗର ପଥରବନ୍ଧ ବସ୍ତିର ସୁନୀଲଙ୍କ ଠାରୁ ୨୫ଗ୍ରାମ ବ୍ରାଉନ୍‌ସୁଗାର, ବାଇକ୍ (ଓଡି୦୨କେ ୬୭୬୦) ଏବଂ ଏକ ମୋବାଇଲ ଫୋନ ଜବତ ହୋଇଛି। ସେଠାରୁ ଖସିବାକୁ ଉଦ୍ୟମ କରୁଥିବା ଉତ୍ତର ମୁଣ୍ଡମୁହାଣର ରାଜେନ୍ଦ୍ରଙ୍କଠାରୁ ବାଇକ୍ (ଓଡି୩୩ଆର୍ ୨୮୪୫) ଓ ଫୋନ ଏବଂ ପଲ୍ଲାହାଟର ଶକ୍ତିଙ୍କ ଠାରୁ ଏକ ଦାମୀ ଫୋନ ଜବତ ହୋଇଛି। ଏମାନେ ଏଠାରେ ବ୍ରାଉନ୍‌ସୁଗାର ବିକ୍ରି ଲାଗି ଏକାଠି ହୋଇଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ସେହିପରି ଟିଏଲ୍‌ସି ରୋଡ ସ୍ଥିତ ଏକ ଘରୋଇ ଶିକ୍ଷାନୁଷ୍ଠାନ ନିକଟରେ ଥିବା ବିଡିଏ କଲୋନୀ ରାସ୍ତାରେ ୨ଜଣ ବ୍ରାଉନ୍‌ସୁଗାର ବେପାର ପାଇଁ ଗ୍ରାହକଙ୍କୁ ଅପେକ୍ଷା କରିଥିବା ଖବରପାଇ ଆଦର୍ଶ ଥାନା ପୋଲିସ ଚଢ଼ାଉ କରିଥିଲା। ଏସ୍‌ଆଇ ଦିନେଶ ପିଙ୍ଗୁଆଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ସୋମନାଥ ଏବଂ ଧନେଶ୍ୱରଙ୍କୁ କାବୁ କରିଥିଲେ। ଯାଞ୍ଚବେଳେ ସେମାନଙ୍କଠାରୁ ୩୦ ଗ୍ରାମ୍ ବ୍ରାଉନ୍‌ସୁଗାର ସହିତ ଦୁଇଟି ଦାମୀ ମୋବାଇଲ ଫୋନ, ଦୁଇଟି ବାଇକ୍ ଏବଂ ୩୬ହଜାର ଟଙ୍କା ଜବତ କରାଯାଇଛି। ଏହି ବ୍ରାଉନ୍‌ସୁଗାର କେଉଁଠାରୁ ଆଣିଥିଲେ, ଏହା ପଛରେ ଅନ୍ୟ କେଉଁମାନେ ରହିଛନ୍ତି ତାହାର ତଦନ୍ତ ଜାରି ରହିଛି। ଶିଳ୍ପାଞ୍ଚଳ ଥାନାରେ ଏକ ମାମଲା (ନଂ.୨୪୭/୨୫) ରୁଜୁ ହୋଇଥିବା ବେଳେ ଆଦର୍ଶ ଥାନାରେ ଏକ ମାମଲା (ନଂ.୪୪୮/୨୫) ରୁଜୁ ହୋଇଛି। ଉପରୋକ୍ତ ୫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ଏସ୍‌ପି ଶର୍ମା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଶିଳ୍ପାଞ୍ଚଳ ଥାନା ଅଧିକାରୀ ଉମେଶ ସାହୁ, ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ, ଏସ୍‌ଆଇ ସ୍ୱାଗତିକା ପଟ୍ଟନାୟକ, ଦିନେଶ ପିଙ୍ଗୁଆ ପ୍ରମୁଖ ଉପସ୍ଥିତ ଥିଲେ ।

## ସାଗର ଶ୍ରୀକ୍ଷେତ୍ରରେ ବିଶ୍ୱଶାନ୍ତି ମହାଯଜ୍ଞ ପ୍ରସ୍ତୁତି

କୃଷ୍ଣପ୍ରସାଦ,୧୮।୧୦
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଚିଲିକା ମଧ୍ୟରେ ଥିବା ବ୍ରହ୍ମପୁର ନିକଟରେ ଥିବା ମହାପ୍ରଭୁ ଶ୍ରଜଗନ୍ନାଥଙ୍କ ଗୁପ୍ତଲୀଳା କ୍ଷେତ୍ର ସାଗର ଶ୍ରୀକ୍ଷେତ୍ର ଚକନାସୀ ନବଗ୍ରହ ପୀଠ ଠାରେ ୧୩ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ପଞ୍ଚକ ମହୋତ୍ସବ, ମହାକାର୍ତ୍ତିକ ମେଳା ଆସନ୍ତା ୨ତାରିଖରୁ ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଏନେଇ ଏକ ବୈଠକ ଚକନାସୀ ପରିଚାଳନା କମିଟି ସଭାପତି ଧବଳେଶ୍ୱର ଜେନାଙ୍କ ସଭାପତିତ୍ୱରେ ସାଗର ଶ୍ରୀକ୍ଷେତ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିଦିନ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦର ବ୍ୟବସ୍ଥା ପାଇଁ ନିଷ୍ପତ୍ତି ହୋଇଛି। ପୁରୀ ଜିଲାର ଶିକ୍ଷା, ସାହିତ୍ୟ, କଳା ଓ ସଂସ୍କୃତି କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯିବା ଲାଗି ସ୍ଥିର ହୋଇଛି। ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ, ଓଡ଼ିଶା ସାହିତ୍ୟ ଏକାଡେମୀ, ସାଗର ଶ୍ରୀକ୍ଷେତ୍ର ଚାରିଟେବୁଲ ଟ୍ରଷ୍ଟ, ଅନ୍ନଦାନ ଚାରିଟେବୁଲ ଟ୍ରଷ୍ଟ, ଚକନାସୀ ପରିଚାଳନା କମିଟି, ବ୍ରହ୍ମପୁର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ଜଣାପଡ଼ିଛି। ବୈଠକରେ ସାଗର ଶ୍ରୀକ୍ଷେତ୍ର ଚାରିଟେବୁଲ ଟ୍ରଷ୍ଟ ମୁଖ୍ୟ ପରିଚାଳକ ବିଶ୍ୱ ରଞ୍ଜନ ଜେନା, ସୁରେଶ ଚନ୍ଦ୍ର ଜେନା, ମହନ୍ତ କୁମାର ଜେନା, ମାୟାଧର ଜେନା, ଜଳନ୍ଧର ଜାଲି, ଡ. ପ୍ରମୋଦ କୁମାର ଆଚାର୍ଯ୍ୟ, ସୁଏନଷା ଜେନା, ସନ୍ତୋଷ ବେହେରାଙ୍କ ସମେତ ସମସ୍ତ କମିଟିର କର୍ମକର୍ତ୍ତା ମତବ୍ୟକ୍ତ କରିଥିଲେ। ପ୍ରତ୍ୟହ ଧର୍ମାଲୋଚନା, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ହେବା ନେଇ ନିଷ୍ପତ୍ତି ହୋଇଥିବା ସାଗର ଶ୍ରୀକ୍ଷେତ୍ର ଟ୍ରଷ୍ଟି ମୁଖ୍ୟ ପରିଚାଳକ ବିଶ୍ୱ ରଞ୍ଜନ ଜେନା ସୂଚନା ଦେଇଛନ୍ତି।

## ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ କ୍ରିକେଟ | ପାତ୍ରପଡ଼ା, ଗଙ୍ଗପଡ଼ା ବିଜୟୀ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

ଖୋର୍ଦ୍ଧା,୧୮।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌର ପରିଷଦ ଅନ୍ତର୍ଗତ ଗୁରୁଜଙ୍ଗ ଖେଳପଡ଼ିଆରେ ଗୁରୁଜଙ୍ଗ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ନୀଳକଣ୍ଠ ମେମୋରିଆଲ ଗୁରୁଜଙ୍ଗ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଖୋର୍ଦ୍ଧାର ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଭ୍ରମରବର ମହାପାତ୍ର, ମଳୟେଶ ପ୍ରଧାନ, ସଞ୍ଜୟ କୁମାର ସିଂ, ରବିନାରାୟଣ ରାଉତରାୟ, ଦୁଃଶାସନ ବେହେରା, ଅବ୍ୟକ୍ତ ହରିହର ଖାଡ଼ଙ୍ଗା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଥମ ମ୍ୟାଚ୍ ପାତ୍ରପଡ଼ା ଏବଂ ପଙ୍ଗାରସିଂ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ପାତ୍ରପଡ଼ା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୬୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ନାବେଦ ଏକବାଲ ୪୪ ରନ ସଂଗ୍ରହ କରିଥିଲେ। ପଙ୍ଗାର ସିଂ ଦଳର ସମ୍ବିତ ଦାସ ୩ଟି ଉଇକେଟ ନେଇଥିଲେ। ଜବାବରେ ପଙ୍ଗାରସିଂ ଟିମ୍ ୧୬ ଓଭରରେ ୮ଉଇକେଟ ବିନିମୟରେ ୧୫୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ପାତ୍ରପଡ଼ା ଟିମ୍ ବିଜୟୀ ହୋଇଥିଲା। ପଙ୍ଗାରସିଂ ଟିମର ରୁବେଲ ଦାସ ୭୦ରନ କରିଥିଲେ। ଏହି ମ୍ୟାଚର ଶ୍ରେଷ୍ଠ ଖେଳାଳି ଭାବେ ନାବେଦ ଏକବାଲଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଗଙ୍ଗପଡ଼ା ଏବଂ ଅଠାରଙ୍ଗ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଅଠାରଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ଓଭରରେ ୭ ଉଇକେଟ ବିନିମୟରେ ୧୪୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସରୋଜ ମଙ୍ଗରାଜ ୩୪ରନ କରିଥିଲେ। ଗଙ୍ଗପଡ଼ାର ରୋଶନ କୁମାର ସେନାପତି ୫ଟି ଉଇକେଟ ନେଇଥିଲେ। ଜବାବରେ ଗଙ୍ଗପଡ଼ା ଟିମ୍ ୧୨ ଓଭରରେ ୪ ଉଇକେଟ ବିନିମୟରେ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଦିଲୀପ ଓ ଶୁଭେନ୍ଦୁ ଅର୍ଦ୍ଧଶତକ ହାସଲ କରିଥିଲେ। ତୁଷାରକାନ୍ତ ସୁନ୍ଦରାୟ, ସୁଜିତ ପରିଡ଼ା, ଅସିତ ପରିଡା, ପ୍ରକାଶ ସାହୁ, ଓମ୍ ଅର୍ପିତ ମହାପାତ୍ର, ସୂର୍ଯ୍ୟକାନ୍ତ ଗୁମାନସିଂ ଏବଂ ରାଜଦୀପ ଶ୍ରୀରାଜପ୍ରସାଦ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସୌମ୍ୟଜିତ ପଟ୍ଟନାୟକ ଓ ସନ୍ତୋଷ ପ୍ରଧାନ ସଂଯୋଜନା କରିଥିଲେ। ରବିବାର ପ୍ରଥମ ମ୍ୟାଚ ଯାଁଳା ଏବଂ ମୁକୁନ୍ଦପ୍ରାସାଦ, ଦ୍ୱିତୀୟ ମ୍ୟାଚ ପାନବରଜ ଏବଂ ତମାଣ୍ଡୋ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ମ୍ୟାଚ ରେଫରି ତ୍ରିନାଥ ପରିଡା ଓ ପ୍ରକାଶ ପାଇକରାୟ ସୂଚନା ଦେଇଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଭୀମ



@ ଧୀରେନ୍



@ ସୁରେଶ୍ୱର



@ ସୁରେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଦୀପାବଳିରେ କଳାକ୍ଷେତ୍ର ପାଳିବ 'ଗାଁ ଦିବସ'

ଭୁବନେଶ୍ୱର,୧୮।୧୦(ସୌମ୍ୟରଞ୍ଜନ ରାଉତ)

ଆମେ ପାଳିବା ଗାଁ ଦିବସ ଦୀପାବଳିରେ ଏହି ବର୍ଷ। ଗାଁକୁ ଯିବା, ଗାଁକୁ ଭଲପାଇବା। ପ୍ରବାସୀ ଭାରତୀୟ ଦିବସ ଯେମିତି ମା', ମାଟି ଆଉ ମାତୃଭୂମିକୁ ଭଲ ପାଇବାର କଥା ସହ ଭୋକାଲ ଫର୍ ଲୋକାଲକୁ ପ୍ରୋତ୍ସାହିତ କରୁଛି, ଗାଁ ଦିବସରେ ବି ଏହି ସ୍ଲୋଗାନ ସହ ଭାଇଚାରାର ବାର୍ତ୍ତା ନେଇ ଓଡ଼ିଶାର ଗାଁକୁ ଯାଉଛି ସାମାଜିକ ଅନୁଷ୍ଠାନ କଳାକ୍ଷେତ୍ର। ଏନେଇ ଶନିବାର ଲୋହିଆ ଏକାଡେମୀଠାରେ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଗାଁ ଦିବସ ଅଭିଯାନ ସମ୍ପର୍କରେ ସୂଚନା ଦେଇଛନ୍ତି କଳାକ୍ଷେତ୍ରର ପ୍ରତିଷ୍ଠାତା ବାସୁଦେବ ମାଳବିଶୋଇ। ସେ କହିଛନ୍ତି, ଆଜି ସମସ୍ତେ ଗାଁ ଛାଡ଼ି ସହରମୁହାଁ। କିନ୍ତୁ ମହାତ୍ମା ଗାନ୍ଧୀଙ୍କ ଦୃଷ୍ଟିରେ ଆଜି ବି ଭାରତର ଆତ୍ମା ଗାଁରେ ବଞ୍ଚିଛି। ସେଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗାଁକୁ ଫୋକସ୍ କରିଛନ୍ତି। ଆଜି ସବୁ କାର୍ଯ୍ୟ ଗାଁରୁ ହିଁ ଆରମ୍ଭ ହେଉଛି। ଏଭଳି ସମୟରେ କଳାକ୍ଷେତ୍ର ନିଷ୍ପତ୍ତି ନେଇଛି ଓଡ଼ିଶାର ୩୦ ଜିଲା, ୧୦୦ ବ୍ଲକ, ୩୦୦ ଗ୍ରାମରେ ଗାଁ ଦିବସ ପାଳନ ହେବ ଏବଂ ୩୦ ହଜାର ଗାଁକୁ 'ଗାଁ ଦିବସ ଅଭିଯାନ'ର ବାର୍ତ୍ତା ଯିବ।

## ମନ୍ଦାରିଆପାଟଣାକୁ ରାଜସ୍ୱ ଗ୍ରାମ ଘୋଷଣା ଦାବି

ଖୋର୍ଦ୍ଧା,୧୮।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବାଲିଅନ୍ତା ବ୍ଲକ ଅନ୍ତର୍ଗତ ମନ୍ଦାରିଆପାଟଣା ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ଦାବି କରିଛନ୍ତି ଗ୍ରାମବାସୀ। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିରେ ଉଲ୍ଲେଖ ରହିଛି ଯେ, ଜିଲାପାଳ ଖୋର୍ଦ୍ଧାଙ୍କଠାରୁ ପ୍ରାପ୍ତ ପତ୍ରସଂଖ୍ୟା ନଂ.୨୦୭୭୨/ଏଲ.ଆର ତା.୩୧.୧୨.୨୪, ତଥା ଉପଜିଲାପାଳ ଭୁବନେଶ୍ୱରଙ୍କଠାରୁ ପ୍ରାପ୍ତ ଅଭିଯୋଗପତ୍ର ସମ୍ବନ୍ଧୀୟ ପତ୍ରସଂଖ୍ୟା ନଂ.୧୦୪୧୬/ତା.୨୫.୦୯.୨୦୨୫ରେ ମନ୍ଦାରିଆପାଟଣାକୁ ପୃଥକ ରାଜସ୍ୱ ଗ୍ରାମ କରାଯିବା ଅଭିଯୋଗପତ୍ର ସମ୍ପର୍କିତ ଏକ ଶୁଣାଣି ଗତ ଅକ୍ଟୋବର ୯ରେ ବାଲିଅନ୍ତା ତହସିଲ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ତହସିଲଦାର ବାଲିଅନ୍ତା, ୧୬ନମ୍ବର ଜୋନ ଜିଲାପରିଷଦ, ଜଗନ୍ନାଥପୁର ସରପଞ୍ଚ, ନାଏବ ସରପଞ୍ଚ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଏକ ରାଜସ୍ୱ ଗ୍ରାମ ପାଇଁ ଆବଶ୍ୟକ ସୁବିଧା ମନ୍ଦାରିଆପାଟଣାରେ ଉପଲବ୍ଧ ରହିଛି। ପ୍ରାଥମିକ ବିଦ୍ୟାଳୟ, ମହାଦେବ ମନ୍ଦିର, ବିଷ୍ଣୁ ମନ୍ଦିର, ମହାବୀର ମନ୍ଦିର, ଗ୍ରାମଦେବତୀ ମନ୍ଦିର, ଭାଗବତ ଘର, ଝୁଲଣ ମଣ୍ଡପ, ପାଲା ମଣ୍ଡପ, ଗ୍ରାମ ଶ୍ମଶାନ ଆଦି ରହିଛି। ଏତଦ୍‌ବ୍ୟତୀତ ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ମୂଳ ରାଜସ୍ୱ ଗ୍ରାମ ଫୁଲନଖରା-ନିଆଳି ୬୦ ନମ୍ବର ରାଜ୍ୟ ରାଜପଥର ଡାହାଣ ପାର୍ଶ୍ୱରେ ଅବସ୍ଥିତ। ଜନସଂଖ୍ୟା ଦୃଷ୍ଟିରୁ ମୂଳ ରାଜସ୍ୱ ଗ୍ରାମର ଜନସଂଖ୍ୟା ଓ ଭୋଟର ସଂଖ୍ୟାର ଦୁଇଗୁଣ ହେଉଛି ମନ୍ଦାରିଆପାଟଣାର ଜନସଂଖ୍ୟା ଓ ଭୋଟର ସଂଖ୍ୟା। ତେଣୁ ଉପରୋକ୍ତ ସମସ୍ତ ବିଷୟକୁ ଯାଞ୍ଚ କରାଯାଇ ମନ୍ଦାରିଆପାଟଣାକୁ ରାଜସ୍ୱ ଗ୍ରାମ ଘୋଷଣା କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୧୦।୨୦୨୫

| | |
|---|---|
| ୮,୧୨,୯୧୧ ଟଙ୍କା | |
| ସୁନା | ୨.୭୭୦ ଗ୍ରାମ୍ |
| ରୁପା | ୬୬୦ ମିଲିଗ୍ରାମ୍ |

## ସଂକ୍ଷେପରେ

### ଅଟୋ ଓଲଟି ଜଣେ ମୃତ

ବ୍ରହ୍ମଗିରି,୧୮।୧୦(ସ୍ୱାଧୀନ ଚମ୍ପତିରାୟ)

ବ୍ରହ୍ମଗିରି ଥାନା ଅନ୍ତର୍ଗତ ବ୍ରହ୍ମଗିରି-ଡେଲାଙ୍ଗ ରୋଡ୍‌ର ବଡବନ୍ଧାକେରା ନିକଟରେ ଶନିବାର ଏକ ଅଟୋ ଓଲଟି ଜଣଙ୍କ ମୃତ୍ୟୁ ଘଟିଛି। ଶନିବାର ଉକ୍ତ ରାସ୍ତାରେ ଏକ ଅଟୋ ରିକ୍ସାରେ ବାଳକୃଷ୍ଣ ସାହୁ ଏବଂ ଅଟୋ ଚାଳକ ପ୍ରଶାନ୍ତ ବେହେରା ବ୍ରହ୍ମଗିରି ଆସୁଥିବା ସମୟରେ ଚାଳକ ଭାରସାମ୍ୟ ହରାଇ ଏକ ବିଦ୍ୟୁତ ଖୁଣ୍ଟରେ ପିଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ବାଳକୃଷ୍ଣଙ୍କ ମୃତ୍ୟୁ ହୋଇଥିବା ବେଳେ ଚାଳକ ଜଣଙ୍କ ଗୁରୁତର ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଅଟୋଟିକୁ ଜବତ କରିଛି।

### ବିଦ୍ୟାଳୟ ସାଧନ କର୍ମୀ ବୈଠକ

ଯୋଗେଶ୍ୱରପୁର,୧୮।୧୦(ରଶ୍ମି ରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେଉଳି ପଞ୍ଚାୟତର ପତିତପାବନ ନୋଡାଲ ୟୁପି ବିଦ୍ୟାଳୟ ଓଟରଠାରେ ଶନିବାର ସାଧନ କର୍ମୀଙ୍କ ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲିଙ୍ଗରାଜ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ବୈଠକରେ ଅଞ୍ଚଳର ୧୦ଟି ସ୍କୁଲର ମୌଳିକ ସାକ୍ଷରତା ସଂଖ୍ୟାଜ୍ଞାନ ଉପରେ ଆଲୋଚନା କରାଯାଇଛି। ବୈଠକରେ ଶିକ୍ଷକ ଓ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗଦେଇଥିଲେ। ପତିତପାବନ ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ସରୋଜ କୁମାର ମିଶ୍ର ପୁଅ ଝିଅଙ୍କ ବିଷୟରେ ସମାନତା ଓ ସେପ୍ଟେମ୍ବର ମାସ ପାଠର ଶିକ୍ଷଣ ସୋପାନ କ୍ୟାଲେଣ୍ଡର ଉପରେ ଆଲୋଚନା କରାଯାଇଛି। ଏଥିସହ ପ୍ରତି ପିଲା ଠିକ୍ ସମୟରେ ପାଠ ପଢୁଛି କି ନାହିଁ ତା' ଉପରେ ଶିକ୍ଷକମାନେ ଦାୟିତ୍ୱବାନ ହେବା ପ୍ରସଙ୍ଗକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି।

### ଷଣ୍ଢ ଆକ୍ରମଣ, ୫ ଆହତ

କଣାସ,୧୮।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଗୋଲାବଜାରରେ ଗୋଟିଏ ବୁଲାଷଣ୍ଢ ଶନିବାର ଲୋକଙ୍କୁ ଆକ୍ରମଣ କରିଛି। ଫଳରେ ୫ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ କଣାସ ଗ୍ରାମର ନାରାୟଣ ପ୍ରଧାନ(୫୮), ବେଣାଗାଁର ଭୀମା ବେହେରା (୪୩), ରମା ଦେଇ ଓ ଭ୍ରମରବର ସାହୁ। ଆହତମାନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସୂଚନାଯୋଗ୍ୟ, କଣାସ ବ୍ଲକର ଜଙ୍କିଆ ଜଗନ୍ନାଥ ସଡକ ଦୟାବ୍ରିଜ୍ ଓ ମକରା ବ୍ରିଜ୍ ଉପରେ ଦୈନନ୍ଦିନ ବ୍ରହ୍ମପୁର ଓ ନୟାଗଡ ଅଞ୍ଚଳରୁ ଷଣ୍ଢମାନଙ୍କୁ ଧରିଆଣି ଛାଡି ଦିଆଯାଉଛି। ଫଳରେ କଣାସ ଅଞ୍ଚଳରେ ଷଣ୍ଢଙ୍କ ସଂଖ୍ୟା ବଢିବାରେ ଲାଗିଛି। ଷଣ୍ଢମାନେ ବାଡିବଗିଚାରେ ପଶି ଫସଲ ଖାଉଥିବା ବେଳେ ପାଚିଲାଧାନ ଖାଇଯାଉଛନ୍ତି। ଏଥିସହ ଷଣ୍ଢଲଢେଇରେ କଣାସ ବଜାର, ଜଙ୍କିଆ ବଜାର, ବିଜିପୁର ବଜାରରେ ଅନେକ ମୋଟରସାଇକେଲ୍ କ୍ଷତିଗ୍ରସ୍ତ ହେଉଛି। ଏହି ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଦାବି ହୋଇଛି।

# ଭାରତୀୟ ଦେଶୀ ଗାଈର ପଞ୍ଚତତ୍ତ୍ୱରେ ପଞ୍ଚଗବ୍ୟ ଦୀପ ପ୍ରସ୍ତୁତ

ପୁରୀ,୧୮।୧୦(ଅଜିତ୍ କୁମାର ମହାନ୍ତି)



ପେଣ୍ଠକଟା ବସ୍ତିର ପିଲାମାନେ ପଞ୍ଚଗବ୍ୟ ଦୀପ ପ୍ରସ୍ତୁତ କରୁଛନ୍ତି ।

ଅନ୍ୱେଷଣ ଫାଉଣ୍ଡେଶନ ବିଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ଏକ ନିଆରା ଢଙ୍ଗରେ ଏବଂ ମହତ୍ତ୍ୱପୂର୍ଣ୍ଣ ପ୍ରୟାସରେ ଦୀପାବଳି ପାଳନ ପାଇଁ ଚେଷ୍ଟା କରିଛି। ଏହି ଅବସରରେ ତାଙ୍କ ଦ୍ୱାରା ପ୍ରସ୍ତୁତ ଦୀପ ମାଧ୍ୟମରେ ପରିବେଶ ପ୍ରଦୂଷଣ ରୋକିବା ସହ ଏକ ସଚେତନ ବାର୍ତ୍ତା ପ୍ରଦାନ କରିବାକୁ ପ୍ରଚେଷ୍ଟା କରାଯାଇଛି। ଆଲୋକର ପର୍ବ ଦୀପାବଳିରେ ମାଟି, କ୍ୟାଣ୍ଡେଲ ଆଦି ଜଳିବା ଦ୍ୱାରା ବହୁ ପରିମାଣରେ ଅଙ୍ଗାରକାମ୍ଳ ଗ୍ୟାସ୍ ନିର୍ଗତ ହୋଇ ବାୟୁ ପ୍ରଦୂଷଣ ହୋଇଥାଏ। ତେଣୁ ଚଳିତବର୍ଷ ମାଟିଦୀପ, କ୍ୟାଣ୍ଡେଲ୍ ପରିବର୍ତ୍ତେ ପଞ୍ଚଗବ୍ୟ ଦୀପ ଜାଳି ସୁସ୍ଥ ରହିବା ସହ ପରିବେଶକୁ ସୁସ୍ଥ ରଖିବାକୁ ଫାଉଣ୍ଡେଶନ ବାର୍ତ୍ତା ଦେଇଛି।

ଭାରତୀୟ ଦେଶୀ ଗାଈର ପଞ୍ଚତତ୍ତ୍ୱ ଯଥା ଗୋବର, ଗୋମୂତ୍ର, କ୍ଷୀର, ଘିଅ ଏବଂ ଦହି ଆଦି ଦ୍ରବ୍ୟକୁ ବ୍ୟବହାର କରାଯାଇ ପଞ୍ଚଗବ୍ୟ ଦୀପ ପ୍ରସ୍ତୁତ କରାଯାଉଛି। ଫାଉଣ୍ଡେଶନର ସଦସ୍ୟ ସନ୍ତୋଷ କୁମାର ରାଉତ ପଞ୍ଚଗବ୍ୟ ଦୀପ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଦୀପ ଜାଳିବା ଦ୍ୱାରା ଧାର୍ମିକ ଦୃଷ୍ଟିକୋଣରୁ ପବିତ୍ର ହୋଇଥିବା ବେଳେ ବୈଜ୍ଞାନିକ ଦୃଷ୍ଟିକୋଣରୁ ପରିବେଶ ଉପଯୋଗୀ ହୋଇଥାଏ। ପଞ୍ଚଗବ୍ୟ ଦୀପ ଜାଳିବା ଦ୍ୱାରା ପରିବେଶ ପ୍ରଦୂଷଣ କମ୍ ରହିବା ସହ ବାୟୁମଣ୍ଡଳରେ ଅମ୍ଳଜାନସ୍ତର ବୃଦ୍ଧି ପାଇଥାଏ। ମନୁଷ୍ୟର ମାନସିକ ଚେତନା ଉପରେ ମଧ୍ୟ ସକାରାତ୍ମକ ପ୍ରଭାବ ପକାଇଥାଏ। ଅପରପକ୍ଷରେ ଦୀପର ବ୍ୟବହାର ହେବା ଦ୍ୱାରା ମାଟିଦୀପର ବ୍ୟବହାର କମିପାରିବ, ଫଳରେ ମୃତ୍ତିକା କ୍ଷୟକୁ ରୋକାଯାଇପାରିବ।

ଏହି ଦୀପ ପ୍ରସ୍ତୁତି ପାଇଁ ଭାରତୀୟ ଦେଶୀ ଗାଈର ଶୁଖିଲା ଗୋବର ଆବଶ୍ୟକ ହୋଇଥାଏ। ଉକ୍ତ ଗୋବରକୁ ଗୁଣ୍ଡ କରାଯାଇ ଚୂର୍ଣ୍ଣ କରାଯାଏ। ଉକ୍ତ ଚୂର୍ଣ୍ଣରେ କ୍ଷୀର, ଦହି, ଗୋମୂତ୍ର, ଘିଅ ମିଶାଯାଇ ଏକପ୍ରକାର ପଦାର୍ଥ ପ୍ରସ୍ତୁତ କରାଯାଏ। ସେଥିରେ କିଛି ଗୁଡ଼ ଏବଂ ମୁଲତାନ ମିଟି ମିଶାଯାଇଥାଏ। ପରେ ଉକ୍ତ ମିଶ୍ରଣକୁ ନେଇ ହାତରେ ଦୀପ ପ୍ରସ୍ତୁତ କରାଯାଇ ଶୁଖାଯାଏ। ଶୁଖିଗଲା ପରେ ଦୀପକୁ ବିଭିନ୍ନ ରଙ୍ଗ ଦିଆଯାଏ। ଦୀପଗୁଡ଼ିକ ହାତକୁ ବେଶ୍ ହାଲ୍‌କା ହୋଇଥିବାବେଳେ ବହୁତ ଶକ୍ତ ହୋଇଥାଏ। ତଳେ ପଡ଼ିଲେ ସହଜରେ ଭାଙ୍ଗେ ନାହିଁ। ଦୀପ ଜାଳିବା ଦ୍ୱାରା ଘରର ନକାରାତ୍ମକ ଶକ୍ତି ନଷ୍ଟ ହୋଇ ସକାରାତ୍ମକ ଚେତନା ସୃଷ୍ଟି ହୁଏ। ଏପରିକି ଦୀପ ଜଳିବା ଦ୍ୱାରା ଅମ୍ଳଜାନର ପରିମାଣ ବୃଦ୍ଧି ପାଇଥାଏ। ପୁରୀର ପ୍ରାୟ ୬ଟି ବସ୍ତିର ଅନ୍ୱେଷଣ ଚାଟଶାଳୀ ମାଧ୍ୟମରେ ପିଲାମାନଙ୍କୁ ମୁକ୍ତଶିକ୍ଷା ଦେବା ସହ ସେମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଏବଂ ପରିବେଶକୁ ସୁରକ୍ଷା ଦେବା ପାଇଁ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି। ଅନୁଷ୍ଠାନରେ ପଢୁଥିବା ପ୍ରାୟ ୪୦ ଜଣ ଛାତ୍ରୀଛାତ୍ର ପରିବେଶ ସୁରକ୍ଷା ପାଇଁ ଗାଈର ପାଞ୍ଚଟି ତତ୍ତ୍ୱକୁ ନେଇ ପ୍ରସ୍ତୁତ କରିଛନ୍ତି ଦୀପ। ବୈଜ୍ଞାନିକଙ୍କ ମତରେ ଗାଈ ଗୋବରରେ ୧୬ ପ୍ରକାର ଏବଂ ଗୋମୂତ୍ରରେ ୨୪ ପ୍ରକାର ଖଣିଜ ତତ୍ତ୍ୱ ଥାଏ। ଏହା ମାଟିରେ ମିଶିଲେ ମାଟିର ଉର୍ବରତା ବଢ଼ିଥାଏ ବୋଲି ରାଉତ କହିଛନ୍ତି। ଚଳିତବର୍ଷ ୨୦୦୦ ଦୀପ ପ୍ରସ୍ତୁତ କରାଯାଇଛି। ଲୋକଙ୍କର ପୂର୍ବ ବର୍ଷ ଅପେକ୍ଷା ଏହି ବର୍ଷ ଚାହିଦା ବଢ଼ିଛି। ଲୋକମାନେ ଏହି ଦୀପ ପ୍ରତି ଅଧିକ ଆଗ୍ରହ ଦେଖାଉଥିବା ଅନୁଷ୍ଠାନର ସଦସ୍ୟ ନିରଞ୍ଜନ ପ୍ରଧାନ କହିଛନ୍ତି। ଦୀର୍ଘ କିଛିବର୍ଷ ହେଲାଣି ଅନ୍ୱେଷଣ ଅନୁଷ୍ଠାନ ତରଫରୁ ବିଭିନ୍ନ ବସ୍ତିର ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ପ୍ରଶିକ୍ଷଣ ଦିଆଯାଉଛି। ପଞ୍ଚଗବ୍ୟ ଦୀପ ପ୍ରସ୍ତୁତିରେ ସ୍କୁଲ ଛୁଟି ପରେ ଖାଲି ସମୟରେ ଲାଗିପଡ଼ନ୍ତି ଏବଂ ପରେ ଏହି ଦୀପକୁ ସେମାନେ ନିଜର କୁନି କୁନି ହାତରେ ବିଭିନ୍ନ ରଙ୍ଗରେ ସଜାଇ ଅଧିକ ଆକର୍ଷଣୀୟ କରିଥାନ୍ତି। ଏହି ଦୀପ ପ୍ରସ୍ତୁତିରେ ସିପାଲି ବାରିକ, ବର୍ଷା ହାଲଦାର୍, ଦୀପ୍ତି, ସନ୍ଧ୍ୟା, ଚାନ୍ଦିନୀ, ପ୍ରିୟଙ୍କାଙ୍କ ସହ ଅନ୍ୟମାନେ ସହଯୋଗ କରୁଛନ୍ତି।

# ଭାଜପାର ମିଶ୍ରଣ ପର୍ବ, କର୍ମୀ ସମାବେଶ

ଡେଲାଙ୍ଗ,୧୮।୧୦(ରଶ୍ମିରଞ୍ଜନ ପ୍ରଧାନ)




କର୍ମୀମାନଙ୍କୁ ବିଧାୟକ ଆଶ୍ରିତ ପଟ୍ଟନାୟକ ଦଳୀୟ ଟୋପି ପିନ୍ଧାଇ ସ୍ୱାଗତ କରୁଛନ୍ତି ।

ଡେଲାଙ୍ଗ ବ୍ଲକ କଲ୍ୟାଣପୁର ପଞ୍ଚାୟତର ନଆହାଟସ୍ଥିତ ରାଧାକାନ୍ତ ମଠ ପରିସରରେ ଭାଜପାର ଘୋରଡ଼ିଆ ମଣ୍ଡଳ ପକ୍ଷରୁ କର୍ମୀ ସମାବେଶ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ସାମବେଶରେ ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ମୁଦୁଲି ସଭାପତିତ୍ୱ କରିଥିବା ବେଳେ ସ୍ଥାନୀୟ ବିଧାୟକ ଆଶ୍ରିତ ପଟ୍ଟନାୟକ, ଆତ୍ମାର ଅଧ୍ୟକ୍ଷ ଲଡୁକିଶୋର ରାୟ, ଆଇନଜୀବୀ ବିଭୁପ୍ରସାଦ ଛୁଆଳସିଂହ, ବିପିନି ଚନ୍ଦ୍ର ସାମନ୍ତରାୟ, ବେଣୁଧର ମଙ୍ଗରାଜ, ପଞ୍ଚାୟତ ପ୍ରଭାରୀ ଲିଳେନ୍ଦ୍ର ଜେନା ପ୍ରମୁଖ ଉପସ୍ଥି ଥିଲେ। ବିଧାୟକ ପଟ୍ଟନାୟକ ବିଭିନ୍ନ ରାଜନୈତିକ ଦଳରୁ ୧୪୦ ଜଣ ମହିଳା ପୁରୁଷଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳରେ ସାମିଲ କରିଥିଲେ। ଭାଜପାର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ସାମିଲ ହୋଇଥିବା ନେତାମାନେ ମତପ୍ରକାଶ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳକୁ ତୃଣମୂଳସ୍ତରରୁ ମଜଭୁତ କରିବା ପାଇଁ ଦଳୀୟ କର୍ମୀମାନଙ୍କୁ ଆହ୍ୱାନ ଦେଇ ଦଳମତ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ପଞ୍ଚାୟତର ବିକାଶ ଦିଗରେ କାର୍ଯ୍ୟ କରିବାକୁ ବିଧାୟକ ପଟ୍ଟନାୟକ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାନସ ସାହୁ, ବିକ୍ରମ ଜେନା, ମୁନା ପ୍ରଧାନ, ସୁବାଶ ପ୍ରଧାନ, ନୀଳକଣ୍ଠ ଜେନା, ସୁଜିତ୍ ପାଇକରାୟ, ଜଟାଧାରୀ ପ୍ରଧାନ, ମହିଳା ସଭାନେତ୍ରୀ ବବଲି କୋଦମାସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ଭାଜପା କର୍ମୀ ବଂଶୀଧର ବେହେରା ଧନ୍ୟବାଦ ଦେଇଥିଲେ।

### ଭାଜପା ଯୁବ ସାଙ୍ଗଠନିକ ବୈଠକ

ବଳଙ୍ଗା,୧୮।୧୦(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଥାନା ଅନ୍ତର୍ଗତ ଗଡ଼ପଦନପୁର ଗ୍ରାମ ପଞ୍ଚାୟତରେ ଭାଜପାର ଏକ ଯୁବ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବେଲେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟର ପୂର୍ବତନ ମନ୍ତ୍ରୀ ତଥା ବିଜେପିର ରାଜ୍ୟ ମୁଖ ପାତ୍ର ଶ୍ରୀଯୁକ୍ତ ସମୀର ରଞ୍ଜନ ଦାଶ ଯୋଗ ଦେଇଥିଲେ। ଏଥିସହିତ ପଞ୍ଚାୟତର ବରିଷ୍ଠ ନେତୃତ୍ୱ ନରେନ୍ଦ୍ର ମହାନ୍ତି, ମିହିର କୁମାର ମିଶ୍ର, ଲକ୍ଷ୍ମୀଧର ପାତ୍ର, କୁମର ବର ସାହୁ, ବ୍ଲକର ଯୁବ ନେତୃତ୍ୱ ରାକେଶ ବେହେରା, ପଞ୍ଚାୟତ ଯୁବ ନେତୃତ୍ୱ ସବ୍ୟସାଚି ହରିଚନ୍ଦନ, ସତ୍ୟ ନାରାୟଣ ଭଟଚାର୍ଯ୍ୟ, ଅତୀଶ ନାୟକ, ସୀତା କାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୈଠକରେ ୧୦୦ରୁ ଊର୍ଦ୍ଧ୍ୱ ଯୁବକ ଯୋଗଦେଇ ଆଗାମୀ ଭବିଷ୍ୟତରେ ସଂଗଠନକୁ ସୁଦୃଢ କରିବା ପାଇଁ ସଂକଳ୍ପ ନେଇଛନ୍ତି।


## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଭୀମ



@ ଧୀରେନ୍



@ ସୁରେଶ୍ୱର



@ ସୁରେନ୍ଦ୍ର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨ ବେଆଇନ କରତକଳ ଉପରେ ଚଢ଼ାଉ

## ଲକ୍ଷାଧିକ ଟଙ୍କାର କାଠ, କରତକଳ ଯନ୍ତ୍ରାଂଶ ଜବତ

ନିମାପଡ଼ା/ବଳଙ୍ଗା, ୧୮।୧୦ (ବିଚିତ୍ରାନନ୍ଦ ସାହୁ/କେଦାରେଶ୍ୱର ନନ୍ଦ)



ବନବିଭାଗ ଅଧିକାରୀମାନେ କରତକଳ ଉପରେ ଚଢ଼ାଉ ଚଳାଇଛନ୍ତି।

ପୁରୀ ଡିଏଫ୍‌ଓ ମଗଧ ଧନଞ୍ଜୟ ରାସଙ୍କ କଡ଼ା ନିର୍ଦ୍ଦେଶକ୍ରମେ ଗୋପ ବନ୍ୟପ୍ରାଣୀ ବନାଞ୍ଚଳ ବିଭାଗ ପକ୍ଷରୁ ଶନିବାର ନିମାପଡ଼ା ବ୍ଲକର ବଳଙ୍ଗା ଓ ନିମାପଡ଼ା ଥାନା ଅନ୍ତର୍ଗତ ରଡ଼ ବଜାର ନିକଟସ୍ଥ ବଉଳପଦାଠାରେ ଥିବା ୨ ବେଆଇନ କରତକଳ ଉପରେ ଅଚାନକ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ବଉଳପଦାଠାରେ ଥିବା କରତକଳରୁ ଗୋଟିଏ ଟ୍ରାକ୍ଟର, ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଓ ବଳଙ୍ଗାଠାରେ ଥିବା କରତକଳରୁ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ଜବତ କରାଯାଇଥିବା ଗୋପ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ କହିଛନ୍ତି। ଏ ସମ୍ପର୍କରେ ୨ ବେଆଇନ କରତକଳ ବିରୋଧରେ ଗୋପ ବନ୍ୟପ୍ରାଣୀ ବନାଞ୍ଚଳ ବିଭାଗ ପକ୍ଷରୁ କେସ୍ ନମ୍ବର ଓୟୁଡି ୫/୨୦୨୫-୨୦୨୬ ଓୟୁଡି ୬/୨୦୨୫-୨୬ରେ ୨ଟି ମାମଲା ରୁଜୁ କରାଯାଇଥିବା ବନବିଭାଗ ସୂତ୍ରରୁ ଜଣାପଡ଼ିଛି।

ପୁରୀ ଜିଲା ଏସିଏଫ୍ ଅଶୋକ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୋପ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୁଦର୍ଶନ ଦେହୁରୀ, ବାଲୁଖଣ୍ଡ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର, ବ୍ରହ୍ମଗିରି ବନାଞ୍ଚଳ ଅଧିକାରୀ ଚନ୍ଦ୍ରଶେଖର ସାହୁ, ନିମାପଡ଼ା ବନବିଭାଗ ଫରେଷ୍ଟର ବଳଭଦ୍ର ନାୟକ, ବନରକ୍ଷୀ ଗୀତାଞ୍ଜଳି ବେହେରା ପ୍ରମୁଖ ସଦଳବଳ ଏହି ଚଢ଼ାଉ କରିଥିଲେ। ନିମାପଡ଼ା ଥାନା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସହାୟତାରେ ବନବିଭାଗ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା। ନିମାପଡ଼ା, ଗୋପ, ଚାରିଛକ, ତୁଳସୀପୁର, ଖେଲାର, ବଳଙ୍ଗା ଅଞ୍ଚଳରେ ଆଗକୁ ଏହି ଚଢ଼ାଉ ଜାରି ରହିବ। କରତକଳଗୁଡ଼ିକ ବିରୋଧରେ ଖୁବ୍‌ଶୀଘ୍ର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନବିଭାଗ ଅଧିକାରୀ କହିଛନ୍ତି।

# ଆର୍‌ବିଏସ୍‌କେ ମାଧ୍ୟମରେ ଶିଶୁ ହୃଦ୍‌ରୋଗ ପରୀକ୍ଷା ଶିବିର

ପୁରୀ,୧୮।୧୦(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶନିବାର ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ଶିଶୁ ହୃଦ୍‌ରୋଗ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅଧୀନରେ ଶିଶୁମାନଙ୍କୁ ଆର୍‌ବିଏସ୍‌କେ ଭ୍ରାମ୍ୟମାଣ ସେବାଦଳ ଦ୍ୱାରା ପ୍ରଥମେ ଚିହ୍ନଟ କରାଯାଇଥିଲା। ଜିଲାର ବିଭିନ୍ନ ବ୍ଲକ୍‌ରୁ ଚିହ୍ନଟ ହୋଇଥିବା ୧୨୦ ଜଣ ଶିଶୁଙ୍କୁ ଏସ୍‌ଆରସିସି ଶିଶୁ ଡାକ୍ତରଖାନା, ମୁମ୍ବାଇରୁ ଆସିଥିବା ହୃଦ୍‌ରୋଗ ବିଶେଷଜ୍ଞ ଡ. ପ୍ରିୟା ପ୍ରଧାନ ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଯନ୍ତ୍ରପାତି ଦ୍ୱାରା ପରୀକ୍ଷା କରିଥିଲେ। ପରୀକ୍ଷା କରାଯାଇଥିବା ୧୨୦ ଶିଶୁଙ୍କ ମଧ୍ୟରୁ ପୂର୍ବରୁ ୫୫ ଜଣଙ୍କୁ ଆର୍‌ବିଏସ୍‌କେ ଯୋଜନା ଅଧୀନରେ ନାରାୟଣ ହେଲ୍‌ଥ ଲିମିଟେଡ୍‌ର ବିଭିନ୍ନ ଡାକ୍ତରଖାନାରେ ଅସ୍ତ୍ରୋପଚାର ଦ୍ୱାରା ଚିକିତ୍ସା କରାଯାଇଥିଲା। ଗୁରୁବାର ସେମାନଙ୍କୁ ସମ୍ପୂର୍ଣ୍ଣ ସୁସ୍ଥ ବୋଲି ପରୀକ୍ଷା କରି ଡ. ପ୍ରଧାନ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରୁ ୫୦ ଜଣଙ୍କ ହୃଦ୍‌ରୋଗଜନିତ ସମସ୍ୟା ଥିବାରୁ ସେମାନଙ୍କୁ ତୁରନ୍ତ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସା ସେବା ଯୋଗାଇ ଦିଆଯିବ ବୋଲି ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅକ୍ଷୟ କୁମାର ଶତପଥୀ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ଆର୍‌ବିଏସ୍‌କେର ୨୨ଟି ଟିମ୍, ପରିଚାଳକ ପ୍ରଶାନ୍ତ ପରିଜା, ରାଜ୍ୟ ବିଦ୍ୟାଳୟ ସ୍ୱାସ୍ଥ୍ୟ ସଂଯୋଜକ ପ୍ରଶାନ୍ତ କୁମାର ଦାସ, ଚନ୍ଦନ କୁମାର ପତି, ନାରାୟଣ ହେଲ୍‌ଥର ପୃଥ୍ୱୀରାଜ ବଳିଆରସିଂ, ଅମିତ କେରକେର ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

## ଫଟୋ ରେ ଖବର



ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି ।




ଲଘୁଚାପ ବର୍ଷା ଯୋଗୁ ପୁରୀ ବଡଦାଣ୍ଡରେ ପାଣି ଲହଡି ମାରୁଛି ।(ଫଟୋ- ଯଜ୍ଞେଶ୍ୱର ମହାନ୍ତି)

**ପ୍ରଧାନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାରସ୍ଥିତ ପିଏମ୍‌ଶ୍ରୀ ଓଟିଏମ୍ ଉଚ୍ଚ ବିଦ୍ୟାଳୟର ନୂତନ ପ୍ରଧାନ ଶିକ୍ଷକ ଭାବେ ଶିକ୍ଷକ ରାମଚନ୍ଦ୍ର ସ୍ୱାଇଁ କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି ଅବସରରେ ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘ ପକ୍ଷରୁ ସଂଘର ପୂର୍ବତନ ସମ୍ପାଦକ ସୁକାନ୍ତ କୁମାର ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସ୍ୱାଇଁଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଯାଇଥିଲା। ସଂଘ ସଭାପତି ନରହରି ନାୟକ, ପ୍ରମୋଦ ନାୟକ, ପୂର୍ଣ୍ଣଚନ୍ଦ୍ର ସେଠୀ, ନିକୁଞ୍ଜ ବିହାରୀ ପଣ୍ଡା, ପବିତ୍ର ସ୍ୱାଇଁ ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକମାନେ ଓଟିଏମ ସ୍କୁଲରେ ପହଞ୍ଚି ନୂତନ ପ୍ରଧାନଶିକ୍ଷକଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ସୂଚନାଯୋଗ୍ୟ ଯେ, ଓଟିଏମ ହାଇସ୍କୁଲ ପ୍ରଧାନଶିକ୍ଷକ ପଦବୀ ଦୀର୍ଘଦିନ ହେବ ଖାଲିପଡିଥିବା ବେଳେ ସ୍ୱାଇଁ ବଡ଼ମ୍ବା ବ୍ଲକରୁ ବଦଳି ହୋଇ ଏଠାକୁ ଆସିଛନ୍ତି।

**ସଂକ୍ଷେପରେ**

## ଓଲଟିଲା ଟ୍ରକ୍, ଚାଳକ ଆହତ

ଚୌଦ୍ୱାର,୧୮।୧୦(ଆଶୁତୋଷ ଦାସ)

ଚୌଦ୍ୱାର ଗାନ୍ଧୀ ଛକ ନିକଟ ଜାତୀୟ ରାଜପଥ ୫୫ ନଂରେ ଏକ ଟ୍ରକ୍ ଓଲଟି ପଡିବାରୁ ଚାଳକ ଆହତ ହୋଇଥିବା ଜଣାପଡିଛି। ତେବେ ଏଥିରେ ଏକ ବଡ଼ଦୁର୍ଘଟଣାରୁ ଲୋକେ ରକ୍ଷା ପାଇଛନ୍ତି। ସୂଚନା ଅନୁଯାୟୀ, ଶନିବାର ସକାଳେ ଏକ ଆଇଚର ମିନିଟ୍ରକ୍ ମଙ୍ଗୁଳିରୁ ଢେଙ୍କାନାଳ ଅଭିମୁଖେ ଯାଉଥିଲା। ଜାତୀୟ ରାଜପଥ ଗାନ୍ଧୀଛକ ଓଭରବ୍ରିଜ ଉପରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ରାଜପଥ ଡିଭାଇଡରରେ ପିଟି ହେବା ଫଳରେ ଗାଡି ଭାଙ୍ଗିରୁଜି ଚୂରମାର ହୋଇଥିବା ବେଳେ ଡ୍ରାଇଭର ଆହତ ହୋଇଥିଲେ। ତେବେ ଗାଡି ଯଦି ଡିଭାଇଡରରେ ପିଟି ନ ହୋଇ ଓଭରବ୍ରିଜରୁ ତଳକୁ ଖସିଥାନ୍ତା ତାହାହେଲେ ବହୁ ଧନଜୀବନ ହାନି ହୋଇଥାନ୍ତା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

## ୧୨୦ ଲିଟର ଦେଶୀ ମଦ, ସ୍କୁଟି ଜବତ: ୪ ଗିରଫ

ମଙ୍ଗୁଳି-ଜଗତପୁର,୧୮।୧୦(ମାନସ ସାମଲ)

ଚୌଦ୍ୱାର ଅବକାରୀ ବିଭାଗ ଦେଶୀ ମଦ ବ୍ୟବସାୟ ଅଭିଯୋଗରେ ୪ଜଣ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଟାଙ୍ଗୀ ଥାନା ଅଧୀନ ଗରୁଡଗାଁ ଗ୍ରାମର ସନାତନ ସାମଲ, ବଡ ପଖୋରୀ ଭଗତପୁର ଗ୍ରାମର ଚନ୍ଦ୍ରମଣି ଛତାର, ଭଟିମୁଣ୍ଡା ଗ୍ରାମର କୁନିଆ ମଲିକ ଓ କହ୍ନେଇପୁର ଗ୍ରାମର ଜୟିରାମ ରାଉତ। ସେମାନଙ୍କ ନିକଟରୁ ଅବକାରୀ ବିଭାଗ ୧୨୦ ଲିଟର ଦେଶୀମଦ ଜବତ କରିଛି। ସୂଚନା ମୁତାବକ, ବିଶେଷ ସୂତ୍ରରୁ ଖବର ପାଇ କଟକ ଅବକାରୀ ବିଭାଗ ପକ୍ଷରୁ ସୁପରିଣ୍ଟେଣ୍ଡେଣ୍ଟଙ୍କ ନିର୍ଦ୍ଦେଶକ୍ରମେ ଟାଙ୍ଗୀ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଗତ ଦୁଇଦିନ ଧରି ଜୋର୍‌ଦାର ଚଢ଼ାଉ କରଯାଇଥିଲା। ଯାଞ୍ଚ ପରେ ୪ଟି ସ୍ଥାନରୁ ଦେଶୀ ମଦ ମିଳିଥିଲା। ଅବକାରୀ ବିଭାଗ ନିଜଆଡୁ ୪ଟି ପୃଥକ ମାମଲା (ନଂ.୧୪୪, ୧୪୫, ୧୪୬,୧୪୭/୨୫) ରୁଜୁ କରିଛି। ଇନ୍ସପେକ୍ଟର ମାନସୀ ନାୟକ, ଓଆଇସି ବିପିନ ବିହାରୀ ସାହୁ, ଆଶୁତୋଷ ଜେନା, ସୁନୀଲ ବଳ, ରାଜକୃଷ୍ଣ ବିଶ୍ୱାଳ, ଲକ୍ଷ୍ମଣ ବେହେରା ପ୍ରମୁଖ ଚଢ଼ାଉରେ ସାମିଲ ଥିଲେ।

## ଆକସ୍ମିକ ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

କଟକ ସଦର,୧୮।୧୦(ସୁଶାନ୍ତ କୁମାର ଜେନା)

୪୨ ମୌଜା ଅନ୍ତର୍ଗତ ଝିଙ୍କିରିଆ ଗ୍ରାମର ଘନଶ୍ୟାମ ଦେବତାଙ୍କ ଘରେ ଶନିବାର ନିଆଁ ଲାଗିଥିଲା। ଏହି ଅଗ୍ନିକାଣ୍ଡରେ ଘର ସମସ୍ତ ଆସବାବପତ୍ର ଜଳିଯାଇଛି। ଗ୍ରାମର ଯୁବକ, ମହନ୍ତ ଓ ଅଧିକାରୀ ନିଆଁ ଲିଭାଇବାରେ ସାହାଯ୍ୟ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନାହିଁ।

## ସାଇବର ସୁରକ୍ଷା ସଚେତନତା ଅଭିଯାନ ଓଡ଼ିଶା

ଖୁଣ୍ଟୁଣୀ,୧୮।୧୦(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ଥାନା ପକ୍ଷରୁ ସ୍ଥାନୀୟ ରାଧାନାଥ ନୋଡାଲ ଉଚ୍ଚ ବିଦ୍ୟାଳୟରେ ଶନିବାର ସାଇବର ସୁରକ୍ଷା ସଚେତନତା ଅଭିଯାନ ଓଡିଶା-୨୦୨୫ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥିତ ଛାତ୍ରୀଛାତ୍ର, ଅଙ୍ଗନୱାଡି ଓ ଆଶା କର୍ମୀ, ସ୍କୁଲ ଶିକ୍ଷକ, ଅଭିଭାବକମାନଙ୍କୁ ସାଇବର ଅପରାଧ ଓ ଅପରାଧୀଙ୍କ କବଳରୁ କିଭଳି ସୁରକ୍ଷା ଦେଇପାରିବେ ସେ ନେଇ ଆଲୋଚନା କରିଥିଲେ। ଖୁଣ୍ଟୁଣୀ ଥାନା ଅଧିକାରୀ ରଞ୍ଜନ କୁମାର ପ୍ରଧାନ କାର୍ଯ୍ୟକ୍ରମରେ ଅଧକ୍ଷତା କରି ସାଇବର ଅପରାଧୀମାନଙ୍କୁ ଧରିବା ପାଇଁ ଓଡିଶା ସରକରଙ୍କ ନିର୍ଦ୍ଦେଶକ୍ରମେ ଓଡିଶା ପୋଲିସ ବାହିନୀର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବର୍ଣ୍ଣନା କରିଥିଲେ। କୌଣସି ସ୍ଥାନରେ ଏଭଳି ଅଜଣା କଲ କିମ୍ବା ଓଟିପି କେହିବି ମାଗିଲେ, ତୁରନ୍ତ ପୋଲିସ କିମ୍ବା ସାଇବର ସେଲକୁ ଜଣାଇବାକୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀଙ୍କ ସମେତ ଏସଆଇ ଶକୁନ୍ତଳା ଦାସ, ଏସଆଇ ସସ୍ମିତା ପରିଡା ଓ ଥାନା କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଭସାଣି ରୁଟ୍ ଯାଞ୍ଚ କରି ମାର୍କିଂ କଲା ପୋଲିସ

କଟକ,୧୮।୧୦(ଶିଳ୍ପା ପ୍ରିୟଦର୍ଶିନୀ)

■ସମ୍ବେଦନଶୀଳ ଅଞ୍ଚଳରେ ରୁଫ୍ ଟପ୍ ସିକ୍ୟୁରିଟି ବ୍ୟବସ୍ଥା
■ସହରରେ ମୁତୟନ ହେବେ ୭୦ ପ୍ଲାଟୁନ ପୋଲିସ ଫୋର୍ସ

ଦୁର୍ଗାପୂଜା ଭସାଣି ଗଣ୍ଡଗୋଳକୁ ଲକ୍ଷ୍ୟ ରଖି ଶନିବାର କମିଶନରେଟ ପୋଲିସ ପକ୍ଷରୁ ମୁଖ୍ୟତଃ ଭାବେ ଝୋଲାସାହି, ସେମିନାରୀ ଛକ ଓ ହାତୀପୋଖରୀ ରୁଟ୍ ଯାଞ୍ଚ କରାଯାଇ ମାର୍କିଂ କରାଯାଇଛି। ଭସାଣି ରୁଟ୍‌ରେ ରହିଥିବା ସମ୍ବେଦନଶୀଳ ଅଞ୍ଚଳରେ 'ରୁଫ୍ ଟପ୍ ସିକ୍ୟୁରିଟି' ବ୍ୟବସ୍ଥା କରାଯାଇଛି ବୋଲି ଡିସିପି ଖିଲାରୀ ରଷିକେଶ ଦ୍ୟାନ୍‌ଦେଓ ସୂଚନା ଦେଇଛନ୍ତି।

ପୋଲିସ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ଦୁର୍ଗାପୂଜା ଭସାଣି ଗଣ୍ଡଗୋଳରେ ପ୍ରଥମେ ଛାତ ଉପରୁ ଢେଲା, ପଥର ଓ କାଚ ବୋତଲ ମାଡ ହୋଇଥିଲା। ସେଥିପାଇଁ ଏହି ଅଞ୍ଚଳର ଛାତ ଉପରେ ସ୍ୱତନ୍ତ୍ର ପୋଲିସ ବ୍ୟବସ୍ଥା କରାଯାଇଛି। ଯେମିତି ଅନ୍ଧାରରେ ରହୁଥିବା ଛାତ ଉପରେ କେହି ଶୋଭାଯାତ୍ରା ଉପରକୁ ଆକ୍ରମଣ କରି ପାରିବେ ନାହିଁ, ସେଥି ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି ବୋଲି ଅତିରିକ୍ତ ଡିସିପି ଅମରେନ୍ଦ୍ର ପଣ୍ଡା ସୂଚନା ଦେଇଛନ୍ତି। ସେହିପରି ଏଥର ଭସାଣି ଶୋଭାଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ ସହରରେ ୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ଗୋଟିଏ କମ୍ପାନୀ ରାପିଡ୍ ଆକ୍ସନ ଫୋର୍ସ ସହିତ ଗୋଟିଏ ପ୍ଲାଟୁନ୍ ମହିଳା ସୁରକ୍ଷା କର୍ମୀ ଏବଂ ୨ କମ୍ପାନୀ ସିଆରପିଏଫ୍, ବିଏସଏଫ୍ ଯବାନ ସାମିଲ ହେବାର ଯୋଜନା କରାଯାଇଛି। ଏହାସହ ରିଜର୍ଭ ଅଫିସ କର୍ମଚାରୀଙ୍କ ସମେତ କଟକ ୟୁପିଡିର ସମସ୍ତ ଥାନା ପୋଲିସ, ସପ୍ତମ ବାଟାଲିୟନ ସିପାହି, ସ୍ପେଶାଲ୍ ଟାକ୍ଟିକାଲ ୟୁନିଟ୍ ସହିତ ୮୦୦ ହୋମଗାର୍ଡ ସୁରକ୍ଷା ଦାୟିତ୍ୱରେ ରହିବେ। ଏଥିରେ ଓଏସ୍‌ଏପି, ଏସ୍‌ଓଜି, କ୍ୱିକ ଆକ୍ସନ ଫୋର୍ସ ସାମିଲ ହେବେ। ଏପରିକି ସୁରକ୍ଷା ବ୍ୟବସ୍ଥା ପରିଚାଳନା ପାଇଁ ବିଭିନ୍ନ ଥାନାକୁ ୬ଟି ଜୋନରେ ଭାଗ କରାଯାଇ ୬ଜଣ ଏଡିସିପିଙ୍କୁ ଦାୟିତ୍ୱ ଦିଆଯାଇଛି। କଟକ ଡିସିପି ସମସ୍ତ ସୁରକ୍ଷା ବ୍ୟବସ୍ଥାର ତଦାରଖ କରିବେ। ସେହିପରି ୨୦ଟି ଅତିରିକ୍ତ ପିସିଆର, ୩ଟି ସ୍ପେଶାଲ ମୋବାଇଲ ଭ୍ୟାନ, ୪୦ ବାଇକ ପିସିଆର ପାଟ୍ରୋଲିଂ କରିବ। ଏହାସହ କ୍ୟୁଆରଟି, କ୍ୟୁଏଟି, ବମ୍ ସ୍କ୍ୱାଡ ଓ ସ୍ପେଶାଲ ସ୍କ୍ୱାଡ ଟିମ୍ ମଧ୍ୟ ୨୪ ଘଣ୍ଟା ସଜାଗ ରହିବ। ସେହିଭଳି ଗଣ୍ଡଗୋଳକାରୀଙ୍କ ଉପରେ ନଜର ରଖିବାକୁ ସିଟିସି-୬୦ ସ୍କ୍ୱାଡ ଗଠନ କରାଯିବ ବୋଲି ସୂଚନା ମିଳିଛି।



କାଳୀମେଢ଼ ଭସାଣିକୁ ନେଇ ଦରଘାବଜାର ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରୁଥିବା ପୋଲିସ ଅଧିକାରୀ।


ସିଡିଏଠାରେ ଖୋଲିଥିବା ନୂତନ ଜ୍ୱେଲାରୀ ଶୋ' ରୁମ୍ କଲ୍ୟାଣରେ ଶନିବାର ଧନ୍‌ତେରସ୍ ଅବସରରେ ଅଳଙ୍କାର କିଣୁଥିବା ଗ୍ରାହକଙ୍କ ଭିଡ଼। (ଫଟୋ: ରାଜକିଶୋର ମହାନ୍ତି)

## ବଳାତ୍କାର ମାମଲାରେ ଫେରାର ଅଭିଯୁକ୍ତ କୋର୍ଟ ଚାଲାଣ

ଖୁଣ୍ଟୁଣୀ,୧୮।୧୦(ସଚ୍ଚିଦାନନ୍ଦ ପଣ୍ଡା)

ବଳାତ୍କାର ମାମଲାରେ ୨ବର୍ଷ ଧରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗୁରୁଡ଼ିଝାଟିଆ ପୋଲିସ ଶୁକ୍ରବାର ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଗୁରୁଡ଼ିଝାଟିଆ ଥାନା କୁମାରପୁର ଗ୍ରାମର ଗୋପାଳ ସାମଲ (୪୮)। ଗୋପାଳ ବଳାତ୍କାର ପରଠାରୁ ଫେରାର ଥିଲେ। କୋର୍ଟଙ୍କ ବାରମ୍ବାର ସମନ ସତ୍ତ୍ୱେ ଗୋପାଳ କୋର୍ଟକୁ ଯାଉ ନ ଥିଲେ। ଫଳରେ ତାଙ୍କ ବିରୋଧରେ କୋର୍ଟ ଜାମିନ ବିହୀନ ଗିରଫ ପରୱାନା ଜାରି କରିଥିଲେ। ଶୁକ୍ରବାର ଗୋପାଳ ଘରକୁ ଆସିଥିବାର ଖବର ପାଇ ଗୁରୁଡ଼ିଝାଟିଆ ଥାନା ଅଧିକାରୀ ତପନ କୁମାର ପତି ତାଙ୍କୁ ଗିରଫ କରିଥିଲେ।

**ସେଲ୍ଫି କର୍ନର ଧରିତ୍ରୀ**
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଭୀମ


@ ଧୀରେନ୍


@ ସୁରେଶ୍ୱର


@ ସୁରେନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚୌଦ୍ୱାର ପୌର ପରିଷଦ ବୈଠକ: ପାରିଷଦଙ୍କ ଗୃହ ତ୍ୟାଗ

ଚୌଦ୍ୱାର,୧୮।୧୦(ଆଶୁତୋଷ ଦାସ)

ଚୌଦ୍ୱାର ପୌର ପରିଷଦର ଅକ୍ଟୋବର ମାସର ବୈଠକ ଶନିବାର ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ବିଧାୟକଙ୍କ ପ୍ରତିନିଧି ପ୍ରେମାଚାନ୍ଦ ନାୟକ ଯୋଗଦେଇ ପାରିଷଦମାନଙ୍କ ୱାର୍ଡରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଗତ ୨ ବର୍ଷ ମଧ୍ୟରେ କେଉଁ ୱାର୍ଡରେ କେତେ ଟଙ୍କାର ଉନ୍ନୟନ କାର୍ଯ୍ୟ କରାଯାଇଛି ତାହା ଜଣାଇବା ପାଇଁ ପୌରାଧକ୍ଷା ସାମଲଙ୍କୁ ପ୍ରସ୍ତାବ ଦେଇଥିଲେ। ଚଳିତବର୍ଷ କାର୍ତ୍ତିକ ପୂର୍ଣ୍ଣିମା ତଥା ବିରୂପା ନଦୀ କୂଳରେ ଅନୁଷ୍ଠିତ ହେବାକୁ ଥିବା ବୋଇତ ବନ୍ଦାଣ ଉତ୍ସବକୁ ପୌରପାଳିକା ପକ୍ଷରୁ ଆଡମ୍ବର ସହିତ ପାଳନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ବହୁ ପ୍ରତୀକ୍ଷିତ ମାଗୁରା ବୋଟିଂ କମ୍ପ୍ଲେକ୍ସ ଓ ୨ନଂ ୱାର୍ଡ ଶ୍ମଶାନ କାମର ଅଗ୍ରଗତି ସମ୍ପର୍କରେ ୪ନଂ. ୱାର୍ଡ ପାରିଷଦ ବୈଠକରେ ପ୍ରଶ୍ନ କରିଥିଲେ। ଏହି ପ୍ରଶ୍ନ ପଉରେ ପୌରାଧକ୍ଷାଙ୍କ ଉତ୍ତରରେ ଅସନ୍ତୋଷ ପ୍ରକାଶ କରି ପାରିଷଦ ଅର୍ଜୁନୀ ବେହେରା ବୈଠକରୁ ଉଠି ଚାଲିଯାଇଥିଲେ। ବୈଠକରେ ୨ଜଣ ଯନ୍ତ୍ରୀଙ୍କ ଅନୁପସ୍ଥିତ ହେତୁ ଉନ୍ନୟନ କାର୍ଯ୍ୟ ସଂକ୍ରାନ୍ତରେ କୌଣସି ଆଲୋଚନା ହୋଇପାରି ନ ଥିଲା । ତେଣୁ ବହୁ ପାରିଷଦ ଏଭଳି ପରିସ୍ଥିତକୁ ନାପସନ୍ଦ କରିଥିଲେ । ନିର୍ବାଚିତ ପାରିଷଦ ମଣ୍ଡଳୀକୁ ପୌର କର୍ମଚାରୀ ଖାତିର କରୁ ନ ଥିବାର ଏହା ପ୍ରମାଣ ବୋଲି ପାରିଷଦମାନେ ଯୁକ୍ତି ରଖିଥିଲେ। ପାରିଷଦମାନଙ୍କ ମଧ୍ୟରେ ଗଢାଯାଇଥିବା ବିଭିନ୍ନ କମିଟିକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା କରି ୱାର୍ଡଗୁଡ଼ିକରେ କରାଯାଉଥିବା ଉନ୍ନୟନ କାର୍ଯ୍ୟଗୁଡିକୁ ତ୍ୱରାନ୍ୱିତ ପାଇଁ ପୌର ଉପାଧକ୍ଷ ଶୁଭେନ୍ଦୁ ସାମଲ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ପାରିଷଦ, ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, ପୌରଯନ୍ତ୍ରୀ ପତିତପାବନ ପଟ୍ଟନାୟକ, ଶୁଭଶ୍ରୀ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ପୌର କର୍ମଚାରୀ ଉପସ୍ଥିତ ଥିଲେ।

## ଖ୍ରୀଷ୍ଟ କଲେଜରେ ବିଶ୍ୱ ଖାଦ୍ୟ ଦିବସ ପାଳିତ

କଟକ,୧୮।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଖ୍ରୀଷ୍ଟ କଲେଜରେ ଗୃହ ବିଜ୍ଞାନ ବିଭାଗ ଓ ଆଇକ୍ୟୁଏସିର ମିଳିତ ଉଦ୍ୟମରେ ବିଶ୍ୱ ଖାଦ୍ୟ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ ଖାଦ୍ୟମେଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। କଲେଜର ଅଧ୍ୟକ୍ଷା ମଧୁମିତା ପାତ୍ର କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିଚାଳନା ସମିତି ସଭାପତି ଅନୁପମ ପାତ୍ର ଯୋଗଦେଇ ରୁଚିକର ଖାଦ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବିଚାରକ ଭାବେ ପରିଚାଳନା ସମିତି ସମ୍ପାଦକ ଶୁଭାଶିଷ ସାହୁ, ପ୍ରଶାସନିକ ବର୍ସାର ସୁମନ ରାଏ ଏବଂ ପ୍ରାଧ୍ୟାପକ ଶୋଭନ ପଣ୍ଡା ଖାଦ୍ୟାର ମାନ ନିର୍ଦ୍ଧାରଣ କରିଥିଲେ। ଆଇକ୍ୟୁଏସିର ସଂଯୋଜକ ପ୍ରାଧ୍ୟାପକ ଶୋଭନ ପଣ୍ଡା ବକ୍ତବ୍ୟ ପ୍ରଦାନ କରିଥିଲେ। ଗୃହବିଜ୍ଞାନ ବିଭାଗ ମୁଖ୍ୟ ଡ. ବିନିତା ନନ୍ଦ କାର୍ଯ୍ୟକ୍ରମ ସଂଯୋଜନା ଏବଂ ଅଧ୍ୟାପକ ନର୍ମଦା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗ୍ନି ନିରାପତ୍ତାରେ ଅବ୍ୟବସ୍ଥା: ବାଣ ଦୋକାନରେ ପ୍ରବଳ ଭିଡ଼

କଟକ ସଦର,୧୮।୧୦(ସୁଶାନ୍ତ କୁମାର ଜେନା)

କିଶନନଗର ଥାନା ଅନ୍ତର୍ଗତ ନାନପୁରଠାରେ ଏକ ବାଣ ଦୋକାନରେ ଶନିବାର ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି। କ୍ଷୁଦ୍ର କୋଠରିରେ ବାଣ କିଣିବା ପାଇଁ ଭିଡ଼ ଜମିଥିବାରୁ ଅସହ୍ୟ ଗରମରେ ଲୋକେ ଛଟପଟ ହେଉଥିବା ଲକ୍ଷ୍ୟ କରାଯାଇଥିଲା। ଦୋକାନ ଆଗରେ କେବଳ ୩ଟି ବାଲଟି ଓ ଗୋଟିଏ ଅଗ୍ନି ନିର୍ବାପକ ଯନ୍ତ୍ର ରଖାଯାଇଛି। ଦୋକାନ ପାଖରେ ପର୍ଯ୍ୟାପ୍ତ ପାଣି ମଧ୍ୟ ରଖାଯାଇ ନାହିଁ। କୋଟି କୋଟି ଟଙ୍କାର ବିସ୍ଫୋରକ ବାଣ ବିକ୍ରି ହେଉଥିବାରୁ ଆଗୁଆ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ ପାଇଁ ଦାବି ହେଉଛି। ଏ ସମ୍ପର୍କରେ କିଶନନଗର ତହସିଲଦାର ତଥା ମାଜିଷ୍ଟ୍ରେଟ କ୍ଷୀରୋଦ ଚନ୍ଦ୍ର ଦାଶଙ୍କ ଦୃଷ୍ଟି ଆକର୍ଷଣ କରାଯିବାରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି କି ନାହିଁ ତାର ତଦାରଖ ପାଇଁ କିଶନନଗର ଥାନା ଅଧିକାରୀଙ୍କୁ କହିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।


ନାନପୁର ବାଣ ଦୋକାନ ସମ୍ମୁଖରେ ଦୁର୍ବଳ ଅଗ୍ନି ନିରାପତ୍ତା ବ୍ୟବସ୍ଥା।

# କାନ୍ଧରେ ବୋହି ମା'ଙ୍କୁ ଦିଆଯିବ ମେଲାଣି

କଟକ,୧୮।୧୦(ଶିଳ୍ପା ପ୍ରିୟଦର୍ଶିନୀ)

■ପାଳନ ହେଉଛି ୫ ଶହ ବର୍ଷ ପୁରୁଣା ପରମ୍ପରା
■ପୂଜା ପାଇବେ ବଡ଼କାଳୀ, ସାନ କାଳୀ, ଦକ୍ଷିଣକାଳୀ

ଦିନକ ପରେ କାଳୀପୂଜା। କଟକର ୭୩ଟି ମଣ୍ଡପରେ ମା'କାଳୀଙ୍କ ପୂଜା କରାଯିବ। ତନ୍ମଧ୍ୟରୁ ବିଦ୍ୟାଧରପୁର ଅଞ୍ଚଳର କାଳୀପୂଜା ନିଆରା। ଏଠାରେ ବଡ଼କାଳୀ, ସାନକାଳୀ ଓ ଦକ୍ଷିଣ କାଳୀଙ୍କ ସମେତ ଚୈତନ୍ୟ ମହାପ୍ରଭୁ, କାର୍ତ୍ତିକେଶ୍ୱର, ହରପାର୍ବତୀ, କାଳୀୟଦଳନ ଆଦି ୨୮ଟି ପ୍ରତିମା ପୂଜା କରାଯାଏ। ବିଦ୍ୟାଧରପୁରରେ ଆସନ୍ତା ୨୦ରେ ମା'ଙ୍କ ପୂଜା ଆରମ୍ଭ ହୋଇ ଚାରିଦିନ ଧରି ପୂଜାର୍ଚ୍ଚନା ଚାଲେ। ଚତୁର୍ଥ ଦିନ ଅପରାଜିତା ପୂଜା ପରେ ମା'ଙ୍କ ଘଟ ବିସର୍ଜନ କରାଯିବ। ଅକ୍ଟୋବର ୩୧ ଅଁଳାନବମୀରେ ବଡ଼କାଳୀ, ସାନକାଳୀ ଓ ଦକ୍ଷିଣକାଳୀଙ୍କ ସମେତ ୨୮ଟି ମେଢ଼ ବିଦ୍ୟାଧରପୁର ମେଲଣ ପଡ଼ିଆରେ ଏକତ୍ରିତ ହୋଇ ମେଲଣ ଯାତ୍ରା ଅନୁଷ୍ଠିତ ହେବ। ନଭେମ୍ବର ୧ ତାରିଖ ପ୍ରଥମେ ବଡ଼କାଳୀ, ସାନକାଳୀ ଓ ଦକ୍ଷିଣକାଳୀଙ୍କ ବିସର୍ଜନ ତାଳଦଣ୍ଡା କେନାଲରେ ପୂର୍ବ ରୀତିନୀତି ଅନୁଯାୟୀ କରାଯିବ। ପରେ ଅନ୍ୟାନ୍ୟ ୨୮ ମୂର୍ତ୍ତି କ୍ରମାନ୍ୱୟରେ ଅସ୍ଥାୟୀ କୃତ୍ରିମ ପୋଖରୀରେ ବିସର୍ଜିତ କରାଯିବ। ଲୋକକଥା ଅନୁଯାୟୀ, ଶ୍ରୀଚୈତନ୍ୟଙ୍କ କଟକ ଆଗମନ ସମୟରେ ମା'ଙ୍କ ପୂଜକ ବିଶେଶ୍ୱର ଚାଟାର୍ଜୀ ତାଙ୍କ ସହ ବିଦ୍ୟାଧରପୁର ଆସିଥିଲେ। ସେ ମା'ଙ୍କ ଖଡ୍‌ଗ, ମୂର୍ତ୍ତି ଓ ଘଟକୁ ବିଦ୍ୟାଧରପୁର କାଳୀ ମନ୍ଦିର ନିକଟସ୍ଥ ଏକ ଗଛ ମୂଳରେ ପ୍ରତିଷ୍ଠା କରି ପୂଜା ଆରମ୍ଭ କରିଥିଲେ। ପ୍ରାୟ ୫ ଶହ ବର୍ଷ ହେବ ବିଦ୍ୟାଧରପୁରରେ ଆରମ୍ଭ ହୋଇଥିଲା ମା' କାଳୀଙ୍କ ସ୍ୱତନ୍ତ୍ର ପୂଜାର୍ଚ୍ଚନା।



**ସେମାନେ ଯାହା କୁହନ୍ତି...**

### ମା'ଙ୍କୁ ୪ଦିନ ଧରି ରାତି ଅଧରେ ପୂଜା କରାଯାଏ



"ଅନ୍ୟ ପୂଜା ମଣ୍ଡପଠାରୁ ବିଦ୍ୟାଧରପୁର ଅଞ୍ଚଳରେ ମା' କାଳୀଙ୍କ ପୂଜା ସମ୍ପୂର୍ଣ୍ଣ ଭିନ୍ନ। ମା'ଙ୍କୁ ୪ଦିନ ଧରି ଅଧିଆ ରହି ପୂଜାର୍ଚ୍ଚନା କରାଯାଏ। ବିଶ୍ୱାସ ରହିଛି ମା'ଙ୍କ ପାଖେ ଯେଉଁ ମାନସିକ କରନ୍ତି ତାହା ପୂରଣ ହୋଇଥାଏ। ୩୧ ତାରିଖରେ ମେଲଣ ପଡିଆରେ ସମସ୍ତ ପ୍ରତିମା ଏକଜୁଟ୍ ହେବେ, ପରେ ବିସର୍ଜିତ କରାଯିବ। ଏହାସହ ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା କରାଯିବ।

**ପ୍ରଶାନ୍ତ ମହାରଣା, ସଭାପତି, ବିଦ୍ୟାଧରପୁର ପୂଜା କମିଟି**

### ଭସାଣିରେ ପାରମ୍ପରିକ ବାଦ୍ୟକୁ ଗୁରୁତ୍ୱ



"ପୋଲିସ ପ୍ରଶାସନର ନିୟମକୁ ଦୃଷ୍ଟିରେ ରଖି ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି। ଭସାଣିରେ ପାରମ୍ପରିକ ବାଦ୍ୟକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ପ୍ରମୁଖ ତିନୋଟି ମୂର୍ତ୍ତିକୁ ତାଳଦଣ୍ଡା କେନାଲରେ ବିସର୍ଜନ କରାଯିବ ଏବଂ ଅନ୍ୟ ୨୮ଟି ପ୍ରତିମା କୃତ୍ରିମ ପୋଖରୀରେ ବିସର୍ଜିତ କରାଯିବ।

**ସୁନୀଲ କୁମାର ପଣ୍ଡା, ସମ୍ପାଦକ, ବିଦ୍ୟାଧରପୁର ପୂଜା କମିଟି**

# ସରକାରଙ୍କ ସମ୍ବିଧାନ ବିରୋଧୀ କାର୍ଯ୍ୟର ପ୍ରତିରୋଧ କରିବ ସିପିଆଇ

## ରାଜ୍ୟ ପରିଷଦ ବୈଠକ




ଭୁବନେଶ୍ୱର, ୧୮।୧୦(ବନ୍ଦନା ସେଠୀ)

ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଓଡ଼ିଶା ପକ୍ଷରୁ ପାର୍ଟିର କାର୍ଯ୍ୟାଳୟ ଭଗବତୀ ଭବନଠାରେ ଦୁଇଦିନ ଧରି ଚାଲିଥିବା ରାଜ୍ୟ ପରିଷଦ ବୈଠକ ଶୁକ୍ରବାର ଶେଷ ହୋଇଛି। ଏଥିସହ ପାର୍ଟିର ରାଜ୍ୟ କାର୍ଯ୍ୟକାରୀ କମିଟି ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପାର୍ଟିର ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ସାମ୍ପ୍ରତିକ ରାଜନୈତିକ ସ୍ଥିତି ସମ୍ପର୍କରେ କହିଥିଲେ। ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା ପାର୍ଟିର ଅଧିବେଶନରେ ଗୃହୀତ ବିବରଣୀ ଉପସ୍ଥାପନ କରିଥିଲେ। ସାମ୍ପ୍ରତିକ ରାଜ୍ୟରେ ଘଟୁଥିବା ଆଇନଶୃଙ୍ଖଳା ସ୍ଥିତି, ସାମ୍ପ୍ରଦାୟିକ ବିଦ୍ୱେଷ ସ୍ୱରୂପ କଟକରେ ପ୍ରାୟୋଜିତ ଦଙ୍ଗା ପରିସ୍ଥିତି, ଗଣବଳାତ୍କାର, ନାରୀ ନିର୍ଯାତନା, ପୋଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷାରେ ଦୁର୍ନୀତି, ସଂଘ ପରିବାର ଦ୍ୱାରା ଦଳିତ, ଆଦିବାସୀ, ସଂଖ୍ୟାଲଘୁ ସମ୍ପ୍ରଦାୟ ଉପରେ ବର୍ବରୋଚିତ, ଅମାନବୀୟ ଅତ୍ୟାଚାର ଓ ଆକ୍ରମଣ ଆଦି ଉପରେ ଆଲୋଚନା କରାଯାଇଥିଲା। ଏଥିସହ ରାଜ୍ୟ ଭାଜପା ସରକାରଙ୍କ ସମସ୍ତ ଜନବିରୋଧୀ, ସମ୍ବିଧାନବିରୋଧୀ କାର୍ଯ୍ୟକୁ ଆଗାମୀ ଦିନରେ ଜନସଚେତନତା ଓ ଜନ ଆନ୍ଦୋଳନ ଦ୍ୱାରା ପ୍ରତିରୋଧ କରାଯିବା ପାଇଁ ନିଷ୍ପତ୍ତି କରିଥିଲେ। ବୈଠକରେ ରାଜ୍ୟ ସଙ୍ଗଠନ ପାଇଁ ଦୁଇଜଣ ସହସମ୍ପାଦକ ଭାବେ କ୍ଷୀରୋଦ ସିଂଦେଓ ଓ ଜୟନ୍ତ ଦାସ, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଭାବେ ଆଶିଷ କାନୁନ୍‌ଗୋ, ଅଶୋକ ଦାଶ, ଏନ୍. ନାରାୟଣ ରେଡ୍ଡୀ, ପ୍ରକାଶଚନ୍ଦ୍ର ପାତ୍ର, ବିଜୟ ଜେନା, ଦାମୋଦର ବେହେରା ଓ ରମଣିରଞ୍ଜନ ରାଉତରାୟ ଏବଂ କୋଷାଧ୍ୟକ୍ଷ ଭାବେ ଜୟନ୍ତ ଦାସଙ୍କୁ ନିର୍ବାଚିତ କରାଯାଇଛି।

# କରୁଣା ରହିଲେ ମଣିଷ ଆଗକୁ ବଢ଼ିପାରିବ: ମନ୍ତ୍ରୀ ହରିଚନ୍ଦନ

## ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

ପୁରୀ,୧୮।୧୦(ଅଜିତ୍ କୁମାର ମହାନ୍ତି)



ଶ୍ରୀଅରବିନ୍ଦ ଧାମ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ସମାରୋହର ପ୍ରଥମ ଅଧିବେଶନରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ର ।

ସ୍ୱର୍ଗଦ୍ୱାର ନିକଟସ୍ଥ ଶ୍ରୀଅରବିନ୍ଦ ଧାମ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନରେ ଶ୍ରୀଅରବିନ୍ଦ ଧାମର ପରିଚାଳନା ଟ୍ରଷ୍ଟି ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଧିବେଶନରେ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ଶ୍ରୀଅରବିନ୍ଦ ଶ୍ରୀମାଙ୍କ ଆଦର୍ଶକୁ ନେଇ ଭାରତବର୍ଷର ଶିକ୍ଷାନୀତି ତିଆରି ହେବା ସହିତ ଏହି ବିଦ୍ୟାଳୟ ମଣିଷ ତିଆରି କାରଖାନା ରୂପେ ଉଦ୍ଭାସିତ ହୋଇ ଦେଶ ଗଠନ ପାଇଁ ଉତ୍ତମ ନାଗରିକ ଦେଇପାରିଛି ବୋଲି ମନ୍ତ୍ରୀ ହରିଚନ୍ଦନ କହିଥିଲେ। ମୁଖ୍ୟବକ୍ତା ରୂପେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଧାମର ବରିଷ୍ଠ ସାଧକ ମାତୃ ପ୍ରସାଦ ଜୀ ଏବଂ ସତ୍ୟ ଦୟାନନ୍ଦ, ରିତମ ସିହ୍ନା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଏକାଡେମୀର ଅଧ୍ୟକ୍ଷା ଦୁର୍ଗେଶ ନନ୍ଦିନୀ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ଡାକ୍ତର ବିପିନାନନ୍ଦ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ କଲୋନେଲ ଯୋଗେଶ୍ୱର କର ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ସ୍ଥଳରେ ଶିକ୍ଷା କ୍ଷେତ୍ରରେ ଜୀବନବ୍ୟାପୀ ଉତ୍ସର୍ଗୀକୃତ ଅବଦାନ ପାଇଁ ନଳିନୀ ମହାପାତ୍ର, ସ୍ନିଗ୍ଧା ଭଟ୍ଟାଚାର୍ଯ୍ୟଙ୍କୁ ମନ୍ତ୍ରୀ ସମ୍ମାନିତ କରିବା ସହ ସ୍ମରଣିକା ଉନ୍ମୋଚନ କରିଥିଲେ।

ଅପରାହ୍ନରେ ଦ୍ୱିତୀୟ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହାକୁ ମୁଖ୍ୟ ଅତିଥି ଭାବରେ 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ'ର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସତପଥୀ ତାଙ୍କ ଅଭିଭାଷଣରେ କହିଥିଲେ, ସମସ୍ତ ଦାର୍ଶନିକ ମହାନ୍ ଅଟନ୍ତି। ସେ ବିବେକାନନ୍ଦ ହୁଅନ୍ତୁ କି ଶ୍ରୀଅରବିନ୍ଦ, ସମସ୍ତେ ମହାନ୍ ବ୍ୟକ୍ତି। କିନ୍ତୁ ଆମକୁ ମନେ ରଖିବାକୁ ହେବ ଯେ, ସମସ୍ତେ ଗୋଟିଏ ସମୟ ସୀମା ପାଇଁ ପ୍ରାସଙ୍ଗିକତା ରଖିଥାନ୍ତି। କେହି ଜଣେ ବି ଅସରନ୍ତି ଏବଂ ସବୁ ସମୟ ପାଇଁ ମଣିଷ ନିମନ୍ତେ ପ୍ରାସଙ୍ଗିକ ହେବେ, ତାହା ବହୁ କଷ୍ଟକର କଥା। କିନ୍ତୁ ଶ୍ରୀମା'ଙ୍କ ଯେଉଁ ଅଶେଷ ପ୍ରେମ, ସ୍ନେହ ଏବଂ ଭଲ ପାଇବା ଥିଲା, ସେଥିରେ ଆପଣ ଯେତେ କଠୋର ଏବଂ ଅବିଶ୍ୱାସ ହେଲେ ବି ମହମ ପରି ତରଳିଯିବେ। ୧୯୭୩ରେ ଶ୍ରୀମା'ଙ୍କ ମହାପ୍ରୟାଣ ପରେ ୧୯୭୪ ମସିହାରେ ସେଠାରୁ ବିଦାୟ ନେଇ ଆସିଥିଲି। ସେହିପରି ରାଜନୀତିରେ ମୋତେ ବହୁତ ଲୋକ ସାହାଯ୍ୟ କରିଛନ୍ତି। ରାଜନୀତିରେ ମା' ମଧ ସୁରକ୍ଷା ଦେଇଥିଲେ। ୨୦୧୯ରେ ଯେତେବେଳେ ଦଳ ଶୀର୍ଷରେ ଥିଲା ସେତେବେଳେ ମା'ଙ୍କ ପ୍ରଚ୍ଛଦ ପ୍ରେରଣାରେ ରାଜନୀତିରୁ ବାହାରି ଆସି ଅନ୍ୟ କାର୍ଯ୍ୟରେ ବ୍ରତୀ ରହିଛି। ସେଥିପାଇଁ ଆଜି ଏଭଳି କାର୍ଯ୍ୟକ୍ରମରେ ପହଞ୍ଚିପାରିଛି ବୋଲି ସତପଥୀ କହିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶ୍ରୀମନ୍ଦିର ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର, ବିଦ୍ୟାଳୟର ପରିଚାଳନା କମିଟି ସଭାପତି ପ୍ରଫେସର ଅକ୍ଷୟ କୁମାର ମିଶ୍ର , ରିତମ ସିହ୍ନା , ସ୍ନିଗ୍ଧା ଭଟ୍ଟାଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ।

## ସବୁ ସମୟ ପାଇଁ ପ୍ରାସଙ୍ଗିକ ରହିବା କଷ୍ଟକର: ତଥାଗତ


ସମାରୋହର ଦ୍ୱିତୀୟ ଅଧିବେଶନରେ ମଞ୍ଚାସୀନ ଅତିଥିବୃନ୍ଦ ।

# ସାଲିଆସାହିର ୪୪ ପରିବାରକୁ ମିଳିଲା ସୁଲଭ ଆବାସ ଗୃହ

## ଋଣ ସହାୟତା ପାଇଁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସହ ଏମ୍‌ଓୟୁ

ଭୁବନେଶ୍ୱର, ୧୮।୧୦ (ବନ୍ଦନା ସେଠୀ)

ୱାର୍ଡ ନଂ. ୨୧ ଅନ୍ତର୍ଗତ ସାଲିଆ ସାହି ବାମ ସମାନ୍ତରାଳ ରାସ୍ତା ଅଞ୍ଚଳରେ ରହୁଥିବା ୨୭୪ ପରିବାରଙ୍କୁ ସ୍ଥାନାନ୍ତର କରାଯିବ। ଏହି କ୍ରମରେ ଶନିବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ କାର୍ଯ୍ୟାଳୟଠାରେ ସୁଲଭ ଆବାସ ଯୋଜନାରେ ଲଟେରି ମାଧ୍ୟମରେ ୪୪ ପରିବାରକୁ ଗୃହ ଆବଣ୍ଟନ କରାଯାଇଛି। ଏହି ପରିବାରଗୁଡ଼ିକୁ ଚନ୍ଦ୍ରଶେଖରପୁର ଅନ୍ତର୍ଗତ ବୁଦ୍ଧବିହାର ଆବାସ ପ୍ରକଳ୍ପକୁ ସ୍ଥାନାନ୍ତର କରିବା ପାଇଁ ପଦକ୍ଷେପ ନିଆଯାଇଛି। ଆବଣ୍ଟିତ ଗୋଟିଏ ଗୋଟିଏ ଗୃହର ଦାମ୍ ୬ଲକ୍ଷ ଟଙ୍କା। ମାତ୍ର ହିତାଧିକାରୀମାନେ ୧ଲକ୍ଷ ୫୦ହଜାର ଟଙ୍କା ଦେଇ ଏହି ଗୃହ ନେଇପାରିବେ। ଯେଉଁମାନେ ଦେଢ ଲକ୍ଷ ଟଙ୍କା ଦେବାକୁ ଅସମର୍ଥ ସେମାନେ ମାତ୍ର ୧୫ହଜାର ଟଙ୍କା ଦେଇ ଅବଶିଷ୍ଟ ଟଙ୍କା ବ୍ୟାଙ୍କରୁ ଋଣ କରି ପାରିବେ। ସେଥିପାଇଁ ନିର୍ଦ୍ଦିଷ୍ଟ ବ୍ୟାଙ୍କ ସହିତ ଯୋଗାଯୋଗ କରି ବ୍ୟାଙ୍କ ଋଣ ନିମନ୍ତେ ସମସ୍ତ ପ୍ରକାର ସହାୟତା ଯୋଗାଇଦେବାକୁ ବ୍ୟବସ୍ଥା କରାଯାଇଛି। ଋଣ ସହାୟତା ବ୍ୟବସ୍ଥାକୁ ସହଜ ଓ ସରଳ କରିବା ପାଇଁ ଶନିବାର ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଏବଂ ବିଏମ୍‌ସି ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଏମ୍‌ସି ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର ଚଞ୍ଚଳ ରାଣା, ସ୍ଲମ୍ ସେଟଲମେଣ୍ଟ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମହାମାୟା ସ୍ୱାଇଁ, ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଜୋନାଲ ମୁଖ୍ୟ ଅର୍ଜୁନାନନ୍ଦ ବାଗ ପ୍ରମୁଖ ଉପସ୍ଥିତ ଥିଲେ।


ସୁଲଭ ଆବାସ ଆବଣ୍ଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣାଙ୍କ ସହ ଅନ୍ୟମାନେ।

# ରୌପ୍ୟ ଜୟନ୍ତୀ ପାଳୁଛି ଲୟୋଲା ସ୍କୁଲ

## ମାରାଥନ, ସେବା କାର୍ଯ୍ୟକ୍ରମ



ଭୁବନେଶ୍ୱର,୧୮।୧୦(ଅନୁରାଧା ମହାରଣା): ଲୟୋଲା ସ୍କୁଲ ଏହାର ରୌପ୍ୟ ଜୟନ୍ତୀ ପାଳନ କରୁଥିବାବେଳେ ଏହାର ଏକ ଅଂଶ ଭାବେ ଗଣଦୌଡ଼ ଏବଂ ସାମୂହିକ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେକ୍ଟର ଫାଦର ଅଗଷ୍ଟିନ, ପ୍ରିନ୍ସିପାଲ ଫାଦର ଅମଲାଡୋସ୍, ଭାଇସ ପ୍ରିନ୍ସିପାଲ (ବରିଷ୍ଠ ବିଭାଗ) ନନ୍ଦିତା ପଟ୍ଟନାୟକ, ଭାଇସ ପ୍ରିନ୍ସିପାଲ (କନିଷ୍ଠ ବିଭାଗ) ସିଷ୍ଟର ଏଷ୍ଟରଙ୍କ ଉପସ୍ଥିତିରେ ମୁଖ୍ୟ ଅତିଥି ଭାବେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ଯୋଗଦେଇ ରୌପ୍ୟ ଜୟନ୍ତୀ ମାରାଥନର ଉଦ୍‌ଘାଟନ କରିଥିଲେ। ଲୟୋଲା ପରମ୍ପରା ଅନୁଯାୟୀ ସାମଗ୍ରିକ ଶିକ୍ଷା ଏବଂ ଶାରୀରିକ ସୁସ୍ଥତା ଉପରେ ଗୁରୁତ୍ୱାରୋପ କରି ପ୍ରିନ୍ସିପାଲ ଫାଦର ଅମଲାଡୋସ ଏକ ପ୍ରେରଣାଦାୟକ ବାର୍ତ୍ତା ପ୍ରଦାନ କରିଥିଲେ। ଏହା ବ୍ୟତୀତ ଲୟୋଲା ରୌପ୍ୟ ଜୟନ୍ତୀ ପାଳନର ଏକ ଅଂଶ ଭାବରେ ଅନେକ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଯଥା ଟାଇଟନ ଆଇ ପ୍ଲସ୍ ଦ୍ୱାରା ମାଗଣା ଚକ୍ଷୁ ପରୀକ୍ଷା ଶିବିର, ଜେନେକ୍ସ ଡାଇଗ୍ନୋଷ୍ଟିକ୍ସ ଦ୍ୱାରା ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଭାରତୀୟ ରେଡ୍‌କ୍ରସ୍ ସୋସାଇଟି ସହିତ ମିଳିତ ଭାବରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

# ବେସରକାରୀ ଅଧ୍ୟାପକ, କର୍ମଚାରୀଙ୍କ ଦାବି ନେଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସହ ଆଲୋଚନା

ଭୁବନେଶ୍ୱର,୧୮।୧୦(ସୁଚିସ୍ମିତା ସାହୁ): ଅନୁଦାନପ୍ରାପ୍ତ ଓ ଅଣଅନୁଦାନପ୍ରାପ୍ତ କଲେଜରେ ୨୦୦୮ ଜୁନ୍‌ରୁ ୨୦୧୮ ଜୁନ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଦାବିରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ୭ଜଣିଆ ପ୍ରତିନିଧି ମଣ୍ଡଳୀ ଆଲୋଚନା କରିଛନ୍ତି। ଦାବିଗୁଡ଼ିକ ଉପରେ ଆଲୋଚନା କରି ବିଭାଗୀୟ ସ୍ତରରେ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ସଂଘର ସୂଚନା ଅନୁସାରେ, ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ କରିବା ପାଇଁ ସଂଘ ପକ୍ଷରୁ ଶିକ୍ଷକ ଦାବି ଦିବସ ଅଗଷ୍ଟ ୧୬ରୁ ମହାବିଦ୍ୟାଳୟସ୍ତରରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯିବା ସହ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଥିଲା। ସେପ୍ଟେମ୍ବର ୧୮ରେ ଗାନ୍ଧୀମାର୍ଗରେ କର ବା ମର ସମାବେଶ ଅନୁଷ୍ଠିତ ହୋଇଥିଲା । ସଂଘ ସଭାପତି ବିଶ୍ୱରଞ୍ଜନ ଦାସ ୧୯ ତାରିଖରେ ଆମରଣ ଅନଶନରେ ବସିଥିଲେ। ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ତାଙ୍କ ପ୍ରତିନିଧି ବିଧାୟକଙ୍କ ସହ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଉପସ୍ଥିତିରେ ସଂଘ ସହ ଆଲୋଚନା ହୋଇଥିଲା। ଅକ୍ଟୋବର ୧୦ରୁ ୨୦ ମଧ୍ୟରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସଂଘ ସହ ଆଲୋଚନା ପାଇଁ ସରକାର ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସଂଘ ସାମୟିକଭାବରେ ଆନ୍ଦୋଳନକୁ ସ୍ଥଗିତ ରଖିଥିଲା। ଏବେ ମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ଅନୁସାରେ ସରକାର ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପୂରଣ ନ କଲେ ପୁଣିଥରେ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସଂଘ ସଭାପତି ଦାସ କହିଛନ୍ତି।

**PUBLIC NOTICE : LOSS OF ID CARD**
**PUBLIC NOTICE**

This is to bring to the notice of the general public that one ID Card of Mr Shibani Shankar Pradhan issued by ICICI Bank Ltd. having ID card no. 2525144 has been found missing and/or lost on 15.10.2025. Anyone, who finds the said ID card, is requested to return the said ID card to the Manager, Debt Services & Management Group, ICICI Bank Limited, Bhubaneswar.

Therefore, all the customers of ICICI Bank Limited are hereby notified not to make any payment to any unauthorised person holding the said ID card no. 2525144

Please take further notice that anybody making payment to any person holding the said ID card shall do so at his/her own costs, risk and peril and ICICI Bank shall not be bound and/or responsible for any payment.

Date : 15.10.2025
Place : BHUBANESWAR
Sd./- For ICICI Bank Limited

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-ShellRep-25-26-21
କାର୍ଯ୍ୟର ନାମ : 24 (ଚବିଶି) ମାସ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ICF ଏବଂ LHB କୋଚ୍‌ଗୁଡ଼ିକର ହେଭି ଶେଲ୍ (Heavy Shell) ମରାମତି।
ବିଜ୍ଞାପିତ ମୂଲ୍ୟ : ₹ 3,89,85,092.46, EMD : ₹ 3,44,900/-, ଶେଷ ହେବା ଅବଧି : 24 ମାସ।
ବିଡ୍ ଆରମ୍ଭ ହେବା ତାରିଖ : ତା.21.10.2025ରିଖ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.04.11.2025ରିଖ 1500 ଘଟିକାରେ।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ଡେପୁଟି ଚିଫ୍ ମେକାନିକାଲ ଇଂଜିନିୟର(POH-II), CRW/ମଞ୍ଚେଶ୍ୱର
PR-696/Q/25-26

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIVBBS 2025046, ତା.10.10.2025ରିଖ
କାର୍ଯ୍ୟର ନାମ : କଣ୍ଟାବାଞ୍ଜି ଠାରେ 200 ସଂଖ୍ୟକ କ୍ଷମତା ବିଶିଷ୍ଟ ୱାଗନ POH କାରଖାନାର ସଂସ୍ଥାପନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 23019.30 ଲକ୍ଷ, EMD : ₹ 1,15,10,000/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.10.12.2025ରିଖ 1200 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।
ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।
ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-139/CI/25-26

**कार्यपालक अभियन्ता का कार्यालय, लघु सिंचाई प्रमंडल, राँची**
**कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची– 834001**
ई–मेल – eemidran-cemr-jhr@nic.in, midranchi2018@gmail.com, फोन नं० – 0651–3512781

पत्रांक................../ **शुद्धि–पत्र** राँची, दिनांक ......../......../2025

कार्यपालक अभियंता, लघु सिंचाई प्रमण्डल, राँची का पत्रांक –616 दिनांक–25.09.25 द्वारा PR No.362990 Minor Irrigation (25-26).D दिनांक 27.09.2025 को प्रकाशित निविदा में निम्न प्रकार संशोधन किया जाता है:–

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of e-tender on website | 18.10.2025 up to 2:00 pm | 03.11.2025 up to 2.00 pm |
| 2 | Last date for /time for submission of e-tender BID's | 25.10.2025 up to 5:00pm | 10.11.2025 up to 3:00 pm |
| 3 | Last date for online Submission of tender fee and EMD | 25.10.2025 up to 5:00pm | 10.11.2025 up to 3:00 pm |
| 4 | Date of opening tender | 30.10.2025 at 2:00 Pm | 12.11.2025 at 4:00 pm |

निविदा की शेष सभी शर्ते पूर्वतः बनी रहेगी।

विश्वासभाजन
कार्यपालक अभियन्ता, लघु सिंचाई प्रमंडल, राँची
PR 364512 Minor Irrigation(25-26)#D

**OFFICE OF THE EXECUTIVE ENGINEER**
**National Highway Division, RCD, Deoghar**
**Circular Road, Near D.C. Residence, Deoghar, Jharkhand (814112)**
**E-mail ID : eenhdeoghar@gmail.com**

**Corrigendum**

Tender Ref. No. NH/DEOGHAR /STMC/01/2025-26 Dated. 09.10.2025, which was published in daily newspaper [PR No. 364122 (Deoghar)25-26*D] the following corrigendum has been made.

| Sl. No. | Section | Length (km) | Estimated Cost (Rs. Lakhs) | Bid Security (Rs. Lakhs) | Contract Duration *(months) |
|---|---|---|---|---|---|
| 1. | STMC Work from Km 65.500 to Km 87.475(excluding 84.950 km to 85.785 Km) of NH-114A for the year 2025-26 | 21.14 Km | 388.50 (Excluding GST) | 3.89 | 12 months |

Important Dates.

| | | |
|---|---|---|
| 1. | Date of Issue of Notice Inviting RFP | 09.10.2025 |
| 2. | Period of Sale of Bid Document | From 30.10.2025 12:00 HRS to 20.11.2025 upto 17:00 HRS Through official portal of : [https:// eprocure.gov.in] |
| 3. | Pre Bid meeting | 07.11.2025 (12:30 HRS) |
| 4. | BID Due Date | 20.11.2025 Upto 17:00 HRS Through official portal of : [https:// eprocure.gov.in] |
| 5. | Last date of physical submission of bid security, POA and other documents in original | 21.11.2025, up to 17.00 HRS |
| 6 | Time and Date of Opening Technical Bid (RFP) | 24.11.2025 15:00 HRS Through official portal of : [https:// eprocure.gov.in] |
| 7. | Time and Date Opening Financial Bid | To be notify. Through official portal of : [https:// eprocure.gov.in] |
| 8. | Place of Opening of Bids | Office of the Chief Engineer, NH Wing, Jharkhand, Ranchi Through official portal of: [https:// eprocure.gov.in/] |
| 9. | Bid Validity | 120 Days From the Bid Due Date. |
| 10. | Officer Inviting Bids | Executive Engineer NH Division, Deoghar RCD Jharkhand. |

PR 364528 (Deoghar)25-26*D
Executive Engineer NH Division, Deoghar

**कार्यालय, जिला अभियंता जिला परिषद गिरिडीह**

**अतिअल्पकालीन निविदा आमंत्रण सूचना**

ई0–निविदा संख्या– DE/ZP/GIRIDIH/11/2025-26
ई– निविदा सूचना संख्या – DE/ZP/GIRIDIH/11/2025-26
1. कार्य की विस्तृत विवरणी :– 15वें वित्त आयोग के स्वास्थ्य प्रक्षेत्र योजना मद्।

| क्रं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य अवधि |
|---|---|---|---|---|---|
| 1 | Construction of Primary Health Centre at Udnabad under Block Giridih District Giridih | 1,42,99,800.00 | 2,86,000.00 | 10,000.00 | 12 माह |
| 2 | Construction of Primary Health Centre at Balhara under Block Dhanwar District Giridih | 1,42,99,800.00 | 2,86,000.00 | 10,000.00 | 12 माह |

2. वेबसाइट में निविदा प्रकाशन की तिथि – 25.10.2025
3. ई–निविदा प्राप्ति की तिथि एवं समय दिनांक 25.10.2025 से दिनांक 04.11.2025 को अपराह्न 5:00 बजे तक
4. ई–निविदा खोलने का स्थान– जिला अभियंता, जिला परिषद का कार्यालय, गिरिडीह।
5. ई–निविदा खोलने की तिथि एवं समय– 06.11.2025 अपराह्न 3:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– जिला अभियंता, जिला परिषद, गिरिडीह।
7. ई–निविदा प्रकोष्ठ का दूरभाष संख्या – 7979762672 (संबंधित जिला अभियंता, गिरिडीह का दूरभाष नम्बर)
8. परिमाण विपत्र की राशि घट–बढ़ सकती है। तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही संवेदक की होगी।
11. जिला परिषद, गिरिडीह के समुचित श्रेणी एवं उससे एक उपर के निबंधित संवेदक ही भाग ले सकते है।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

जिला अभियंता,
जिला परिषद, गिरिडीह
PR 364456 Rural Development (25-26)_D

**B.I.T. SINDRI**
**P.O.-SINDRI INSTITUTE**
**DIST; DHANBAD (JHARKHAND) PIN: 828123**

**e-tender Notice - BIT/20/2025-26/Envi/Chem2**
Reference Number: BIT/20/2025-26/Envi/Chem2 Dated :- 17-10-2025
Tender ID: 2025_DHTE_105984_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand - 828123 |
| 2 | Name or work | Supply and installation of Equipment of Environmental Engineering Lab of Chemical Engineering Department BIT Sindri, Dhanbad, Jharkhand. |
| 3 | Document download start date | 21-10-2025 |
| 4 | Document download end date | 11-11-2025 |
| 5 | Bid submission end date | 11-11-2025 |
| 6 | Bid opening date | 12-11-2025 |

Bidders must bid through e-tenders portal.
Further details can be seen on website:- https://jharkhandtenders.gov.in

PR 364508 Higher Education, Technical Education and Skill Development Department (25-26)_D
Sd-/
Director,
B.I.T., Sindri

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

**CSR DEPARTMENT**

**SUB: FINANCIAL ASSISTANCE TO STUDENTS FOR PURSUING PROFESSIONAL STUDIES (AY 2025-26 JOINING)**

ABRIDGED VERSION OF CIRCULAR NO. CSR/2025-26/200 Dtd. 09/10/2025
LAST DATE FOR SUBMISSION OF APPLICATION – 30/11/2025

Applications in the prescribed format are invited for grant of the above financial assistance from the eligible students as per details given below.

**Eligibility criteria for application:**

- The student should belong to Scheduled Caste or Scheduled Tribe/others, and should be a resident of Sundargarh district, Odisha.
- The applicant should have taken admission in academic year 2025-26: **Graduation course in Engineering, Medical or Agriculture (including integrated/dual degree M.Tech. Course) OR Post Graduation course of at least two years duration in Engineering/ Medical/ Agriculture/ Business Administration.**
- Details of professional course, in the academic year 2025-26 in a recognized institution should be as follows,–
  i. For Graduation Courses of at least four years duration (B.Tech./B.Sc(Engg.)/B.Sc(Ag) etc.).
  ii. For Graduation Courses of less than 4-years duration (e.g. Lateral entry in B.Tech./B.Sc(Engg.) after Diploma in Engg.).
  iii. For Graduation courses of more than 4-years duration (e.g. 5 yrs MBBS, 5-yr integrated/dual degree M.Tech.). **OR**
  iv. For Post Graduate course of at least two years duration (e.g. M.Tech./MD/MS M.Sc.(Ag)/MBA etc.)
- The student, whose parents (taken together) are having annual income from all sources **not exceeding Rs.2,50,000/- (Rupees Two Lakhs Fifty Thousand)**, shall be eligible for the financial assistance.

**Basis of Selection:** The best twenty students (10 boys and 10 girls) separately for the graduation courses including 5-yr MBBS/5-yr integrated/dual degree M.Tech.) and best 10 students (5 boys and 5 girls) for Post-graduation courses will be selected from amongst the eligible applicants. In case there is a shortfall in number of selected candidates in either of the categories i.e Boys or Girls for which merit lists are prepared separately, then the applicants from the merit list of the other category may be additionally selected for the scholarship keeping the total number of scholarships as 20 in case of Graduation courses and 10 in case of Post-Graduation courses.

**Financial assistance amount:** The amount of financial amount is Rs.1,20,000/- (Rupees One Lakh Twenty Thousand Only) for the graduation courses of 4-year duration, Rs.90,000/- (Rupees Ninety Thousand only) for the graduation courses of less than 4 years (e.g. lateral entry in B.Tech./B Sc (Engg.) after Diploma in Engg., Rs.1,50,000/- (Rupees One Lakh Fifty Thousand Only) for courses of 5-yr duration and Rs.60,000/- (Rupees Sixty Thousand Only) for the post-graduation courses, per student for entire duration of the course. The amount will be released in equal yearly installments @ Rs. 30.000/- (Rupees Thirty Thousand Only) per Academic Year based on documentary evidence of admission and continuation in the course.

For further details on the basis of selection, financial assistance amount and mode of payment, application format etc., the main circular as referred above may be referred to. The details along with application format are available in the 'News' section of "Career" page at our company's website **www.sail.co.in** or **www.sailcareers.co.in**. The duly completed application along with required documents are to be submitted in a sealed envelope at the office of the **General Manager I/c, CSR Department, IPD Building, Sector-20, Rourkela - 769 005** latest by **30/11/2025 (4.00 PM).**

**General Manager I/c (CSR)**

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

## ମୋ ବୁଥ୍ ସବୁଠୁ ମଜଭୁତ୍ କାର୍ଯ୍ୟକ୍ରମ

ସାଲେପୁର,୧୮।୧୦(ଅରବିନ୍ଦ ଭୂୟାଁ): ଭାଜପା ଟାଙ୍ଗୀ ସାଲେପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାମେଶ୍ୱର ମଣ୍ଡଳର ସଭାରୀ ଶକ୍ତି କେନ୍ଦ୍ରରେ ଶନିବାର ମୋ ବୁଥ ସବୁଠୁ ମଜଭୁତ୍ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାମେଶ୍ୱର ମଣ୍ଡଳ ସଭାପତି ସଙ୍ଗୀତା ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭାଜପା ଜିଲ୍ଲା ତଥା ଆତ୍ମନିର୍ଭର ଭାରତର ସଂଯୋଜକ ବିରଞ୍ଚି ନାରାୟଣ ଦାସ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ମଣ୍ଡଳ ପ୍ରଭାରୀ ତ୍ରିଲୋଚନ ପତ୍ର, ଅବସରପ୍ରାପ୍ତ ସେନା ଅଧିକାରୀ ନବକିଶୋର ମହାନ୍ତି, ଭାଜପା ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୋଦ ଜେନା, ପ୍ରଭାତ ସାହୁ, ଅଭିରାମ ରାଉତରାୟ, ହୃଷୀକେଶ ଭୋଇ, ମାନସ ରଞ୍ଜନ ପତି, ହରିହର ଦାସ, ଗୋବିନ୍ଦ ଚନ୍ଦ୍ର ବେହେରା ପ୍ରମୁଖ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ। ପୂର୍ବତନ ମଣ୍ଡଳ ସଭାପତି ତାପସ ଜେନା ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଡ. ମହତାବ ଥିଲେ ଜଣେ ବିଚକ୍ଷଣ ରାଜନୀତିଜ୍ଞ'

### ସାରଳା ସାହିତ୍ୟ ସଂସଦ ପକ୍ଷରୁ ୧୨୫ତମ ଜନ୍ମବାର୍ଷିକୀ


ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ଜନ୍ମବାର୍ଷିକୀ ସମାରୋହରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକ, ଲେଖକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଅନ୍ୟ ଅତିଥି।

କଟକ,୧୮।୧୦(କାର୍ତ୍ତିକ ସାହୁ): ସାରଳା ସାହିତ୍ୟ ସଂସଦ ପକ୍ଷରୁ ଉତ୍କଳକେଶରୀ ଡ. ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ବାର୍ଷିକୀ ସାରଳା ଭବନଠାରେ ଶନିବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉତ୍ସବ ଉଦ୍‌ଘାଟନ କରି କହିଲେ, ନବ ଓଡ଼ିଶା ନିର୍ମାଣରେ ଡ. ମହତାବଙ୍କ ଅବଦାନ ଅବିସ୍ମରଣୀୟ। ଡ. ମହତାବ ଜଣେ ବିଚକ୍ଷଣ ରାଜନୀତିଜ୍ଞ ଥିଲେ। ସେ ଦେଶର ମୁକ୍ତି ସଂଗ୍ରାମରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ପ୍ରଫେସର ଖାରବେଳ ମହାନ୍ତି କହିଲେ ଭାରତୀୟ ମୁକ୍ତି ସଂଗ୍ରାମରେ ଡକ୍ଟର ମହତାବ [illegible] ଦେଇ ବହୁବାର କାରାବରଣ କରିଛନ୍ତି। ସେ ଜଣେ ବିଶିଷ୍ଟ ଐତିହାସିକ ଥିଲେ। ସମ୍ମାନିତ ଅତିଥି ଏମ୍‌ପି ଭର୍ତ୍ତୃହରି ମହତାବ ପିତାଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସଭାପତି ଡ. ସ୍ୱାଇଁ କହିଲେ ମହତାବ ଜଣେ ସଫଳ ରାଜନେତା ଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ପଦ୍ମଚରଣ ନାୟକ, ବିଶିଷ୍ଟ ଲେଖକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ବିଶିଷ୍ଟ ସାମ୍ବାଦିକ ବାମାପଦ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ମୁଖ୍ୟ ଉପଦେଷ୍ଟା ସହଦେବ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ସଂଜିତ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୋହାଗିନୀ ବେହେରା, ଗୋପା ଦାସ ଓ ସୁଶାନ୍ତ କୁମାର ସେଠୀ ମାନପତ୍ର ପାଠ କରିଥିଲେ। ପ୍ରିୟତମା ସାହୁ, ନିର୍ମଳ ଚନ୍ଦ୍ର ପତି, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ ଓ ବ୍ରଜକିଶୋର ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ପାଦକ ଡାକ୍ତର ନିରଞ୍ଜନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

# 'ସାଇବର ଅପରାଧକୁ ରୋକିପାରିବ ସଚେତନତା'

### ସାଇବର ସୁରକ୍ଷା ସଚେତନତା ଅଭିଯାନ - ୨୦୨୫

ବଡ଼ମ୍ବା,୧୮।୧୦(ମାୟାଧର ମଲ୍ଲିକ): ବଡ଼ମ୍ବା ଥାନା ପରିସରରେ ଶନିବାର ସାଇବର ସୁରକ୍ଷା ସଚେତନତା ଅଭିଯାନ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ସାଇବର ଅପରାଧକୁ ରୋକିପାରିବ ସଚେତନତା। ଏହା ହିଁ ସବୁଠାରୁ ବଡ଼ ଶକ୍ତିଶାଳୀ ଅସ୍ତ୍ର ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ କହିଛନ୍ତି। ସାଇବର ଅପରାଧକୁ କିଭଳି ରୋକାଯାଇ ପାରିବ ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଥାନା ଅଧିକାରୀ ଅନିରୁଦ୍ଧ ମୁଦୁଲିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ଏହି ସଚେତନତା ଅଭିଯାନ ଦୀର୍ଘ ୧ ମାସ ଧରି ଚାଲିବ ବୋଲି ଥାନା ଅଧିକାରୀ ମୁଦୁଲି ସୂଚନା ଦେଇଛନ୍ତି।


ପୋଲିସ ଓ ଜନସାଧାରଣ ଶପଥପାଠ କରୁଛନ୍ତି।

# ଶୋଭାଯାତ୍ରା ଭିଡ଼ରେ ଫସିଲା ଆମ୍ବୁଲାନ୍ସ, ରୋଗୀ ହଟହଟା



ନିଶ୍ଚିନ୍ତକୋଇଲି,୧୮।୧୦(ଅଶୋକ କୁମାର ମହାପାତ୍ର): ନିଶ୍ଚିନ୍ତକୋଇଲି ବଜାରରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। କୁଳିଆଠାରୁ ସୁକରପଡା ପର୍ଯ୍ୟନ୍ତ କଟକ-ଚାନ୍ଦବାଲି ରାସ୍ତାରେ କେନ୍ଦ୍ରାପଡା ଏମ୍‌ପି ବୈଜୟନ୍ତ ପଣ୍ଡା ଓ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଏକ ଶୋଭାଯାତ୍ରାରେ ଆସୁଥିଲେ। ଏହି ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ବସ୍, ମୋଟରସାଇକେଲ ସମେତ ବିଭିନ୍ନ ଯାନବାହନ ଭିଡ ହୋଇଯାଇଥିଲା। ଏପରିକି ଉଭୟ ରାଜନେତାଙ୍କ ସମର୍ଥକମାନେ ବିଭିନ୍ନ ନାରାବାଜି ଦେଇ ଯାଉଥିଲେ। ଏହି ସମୟରେ କେନ୍ଦ୍ରାପଡା ଅଞ୍ଚଳରୁ ଏକ ଆମ୍ବୁଲାନ୍ସ ରୋଗୀନେଇ କଟକ ବଡ ଡାକ୍ତରଖାନା ଅଭିମୁଖେ ଯାଉଥିଲା। ତେବେ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା କାରଣରୁ ଆମ୍ବୁଲାନ୍ସଟି ଜାମ୍ ଭିତରେ ଫସିଯାଇଥିଲା। ଆମ୍ବୁଲାନ୍ସଟି ଦୀର୍ଘ ଅଧଘଣ୍ଟାରୁ ଅଧିକ ସମୟ ଅଟକି ରହିବା ଫଳରେ ରୋଗୀ ଯନ୍ତ୍ରଣାରେ ଛଟପଟ ହୋଇଥିଲେ। ଏହି ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି।

# ଡବଲ ଇଞ୍ଜିନ ସରକାର ଓଡ଼ିଶା ବିକାଶ ପାଇଁ ସଙ୍କଳ୍ପବଦ୍ଧ

### ଏମ୍‌ପି, ବିଧାୟକଙ୍କ ଦ୍ୱାରା ୧୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ରାସ୍ତା ଶିଳାନ୍ୟାସ

ନିଶ୍ଚିନ୍ତକୋଇଲି, ୧୮।୧୦ (ଅଶୋକ କୁମାର ମହାପାତ୍ର): ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଓଡ଼ିଶା ପ୍ରଦେଶର ବିକାଶ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ଡବଲ ଇଞ୍ଜିନ ସରକାର ଆସିବା ପରେ ନୂତନ ବୈପ୍ଳବିକ ଜନକଲ୍ୟାଣ ଯୋଜନା ହାତକୁ ନିଆଯାଇଛି। ବିକଶିତ ଓଡିଶା ଗଠନ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର ବୋଲି କେନ୍ଦ୍ରାପଡା ଏମ୍‌ପି ତଥା ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ମତବ୍ୟକ୍ତ କରିଛନ୍ତି। କଟକ ଜିଲା ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ୨ ରାସ୍ତାର ଶିଳାନ୍ୟାସ ଉତ୍ସବରେ ଏମ୍‌ପି ପଣ୍ଡା ଓ ମାହାଙ୍ଗା ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ମାହାଙ୍ଗାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ମତ ରଖିଥିଲେ। ଏହି ଅବସରରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ପ୍ରାୟ ୧୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ବରାଦରେ ୨ଟି କେନାଲ ବନ୍ଧ ରାସ୍ତାର ଶିଳାନ୍ୟାସ କରାଯାଇଛି। କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପଣ୍ଡା ହେଲିକାପ୍ଟର ଯୋଗେ ଆସି କେନ୍ଦୁପାଟଣା ନିୟନ୍ତ୍ରୀତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଓହ୍ଲାଇଥିଲେ।ଏହି ଅବସରରେ ଏମ୍‌ପି ପଣ୍ଡା ଓ ବିଧାୟକ ପ୍ରଧାନଙ୍କୁ ଏକ ଶୋଭାଯାତ୍ରାରେ ସଭାସ୍ଥଳକୁ ପାଛୋଟି ନିଆଯାଇଥିଲା। କଟକ-ଚାନ୍ଦବାଲି ରାସ୍ତାର କୁଳିଆଠାରୁ ସୁକରପଡା ପର୍ଯ୍ୟନ୍ତ ଦୀର୍ଘ ୧୦କିମିରୁ ଊର୍ଦ୍ଧ୍ୱ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସଭାରେ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୮ନମ୍ବର କେନାଲ ବନ୍ଧର ନିଶ୍ଚିନ୍ତକୋଇଲି ଠାରୁ ବାଲିପଡା ୮.୫କିମି ରାସ୍ତାର ଉନ୍ନତିକରଣ ନିମନ୍ତେ ଶିଳାନ୍ୟାସ କରାଯାଇଛି। ଏନେଇ ସରକାରଙ୍କ ତରଫରୁ ୮୪୮.୭୯ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ସେହିପରି ୯ ନମ୍ବର କେନାଲର ସୁକରପଡା ଠାରୁ କୁରୁଜଙ୍ଗା ପର୍ଯ୍ୟନ୍ତ ୬କିମି କେନାଲ ବନ୍ଧ ରାସ୍ତା ନିର୍ମାଣ ଓ ଉନ୍ନତିକରଣ ନିମନ୍ତେ ୬୦୫.୩୯ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଟେଣ୍ଡର ମାଧ୍ୟମରେ ଏହି ୨ଟି ରାସ୍ତା ନିମନ୍ତେ ଠିକାଦାର ଚୟନ କରାଯାଇଛି। ଏମ୍‌ପି ଓ ବିଧାୟକ ଏହି ୨ଟି ରାସ୍ତାର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସୁଧାକର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟୀ ପଲେଇ, ସହକାରୀ ଯନ୍ତ୍ରୀ ଉର୍ମୀ ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ।

# ବରିଷ୍ଠ କଂଗ୍ରେସ କର୍ମୀଙ୍କ ପରଲୋକ

ଟିଗିରିଆ,୧୮।୧୦(ଜାଫର ଖାଁ): ଟିଗିରିଆ ବ୍ଲକ ଅନ୍ତର୍ଗତ ପୁରୁଣା ଟିଗିରିଆ ଗ୍ରାମର ବରିଷ୍ଠ କଂଗ୍ରେସ କର୍ମୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ଶନିବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। ସ୍ୱର୍ଗତ ଜେନା କିଛିଦିନ ହେବ ବୟସାଧିକ କାରଣରୁ ସ୍ୱାସ୍ଥ୍ୟ ଗତ ସମସ୍ୟାରେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଖବରପାଇ ଆଠଗଡ ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ମନୋରଞ୍ଜନ ପଟ୍ଟନାୟକ, ଯୁବ ନେତା ଶୁଭାଶିଷ ମିଶ୍ର, ସଙ୍ଗଠକ ସାଇରାମ ମହାନ୍ତି, ମନୋଜ ନାୟକଙ୍କ ସମେତ ଅନ୍ୟାନ୍ୟ କଂଗ୍ରେସ କର୍ମୀ ତାଙ୍କ ପୁରୁଣା ଟିଗିରିଆସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ସ୍ୱର୍ଗତ ଜେନାଙ୍କ ମୃତଦେହ ଉପରେ କଂଗ୍ରେସ ପତାକା ଦେଇଥିଲେ। ଗ୍ରାମ ଶ୍ମଶାନରେ ସ୍ୱର୍ଗତ ଜେନାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ବାଣ ବିସ୍ଫୋରଣ: ଗୁରୁତର ୨ ଯୁବକଙ୍କ ମୃତ୍ୟୁ

### କିଛି ଦିନ ପରେ ପାପୁନଙ୍କ ବିବାହ ହୋଇଥାନ୍ତା

ଟିଗିରିଆ,୧୮।୧୦(ଜାଫର ଖାଁ): ଟିଗିରିଆ ଥାନା ଅନ୍ତର୍ଗତ ପୁରୁଣା ଟିଗିରିଆ ଗ୍ରାମରେ ଅକ୍ଟୋବର ୧୪ରେ ବାଣ ତିଆରି ବେଳେ ବିସ୍ଫୋରଣ ହେବାରୁ ପାପୁନ ବେହେରା ଓ ବିପ୍ଳବ ସାହୁ ଗୁରୁତର ହୋଇଥିଲେ। ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ଉଭୟଙ୍କ ମୃତ୍ୟୁ ଘଟିଛି।

ବାଣ ବିସ୍ଫୋରଣରେ ପାପୁନଙ୍କ ଶରୀରର ୯୫ ଭାଗ ଓ ବିପ୍ଳବଙ୍କ ଶରୀରର ମଧ୍ୟ ଅର୍ଦ୍ଧାଧିକ ଅଂଶ ପୋଡିଯାଇଥିଲା। ଉଭୟଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରୁ ଉଭୟଙ୍କୁ କଟକର ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଉଭୟଙ୍କ ମୃତ୍ୟୁ ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ପାପୁନଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବା ବେଳେ ସେ ଘରର ଏକ ରୋଜଗାରିଆ ପୁଅ ଥିଲେ। ତାଙ୍କର ନିର୍ବନ୍ଧ ହୋଇସାରିଥିବା ବେଳେ ଆଉ କିଛିଦିନ ପରେ ବିବାହ ହୋଇଥାନ୍ତା। ତାଙ୍କର ମୃତ୍ୟୁ ପରିବାର ପାଇଁ ଅତ୍ୟନ୍ତ ଦୁଃଖ ଆଣି ଦେଇଛି। ପାପୁନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଅପରାହ୍ନରେ ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ରାତିରେ ବିପ୍ଳବଙ୍କ ମୃତଦେହ ଗ୍ରାମରେ ପହଞ୍ଚିବ ବୋଲି ଜଣାପଡ଼ିଛି।

# ସଫେଇ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଆଠଗଡ଼,୧୮।୧୦(ସତ୍ୟପ୍ରସାଦ ରଥ): ଦରମା ଦେବାରେ ମନମାନି କରାଯାଉଥିବା ଅଭିଯୋଗ କରି ଶନିବାର ଆଠଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରାଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ ସଫେଇ କର୍ମଚାରୀମାନେ ଠିକ ସମୟରେ ସେମାନଙ୍କ ପାରିଶ୍ରମିକ ପାଉନାହାଁନ୍ତି। ସେମାନଙ୍କର ଇପିଏଫ୍ ଆକାଉଣ୍ଟ ମଧ୍ୟ ଠିକ୍ ଭାବରେ ପରିଚାଳିତ ହେଉନାହିଁ। ଏପରିକି ସଫେଇ କର୍ମଚାରୀମାନେ ମଧ୍ୟ ଦୀର୍ଘ ଦିନ ଧରି ପୋଷାକ ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ଯଦି କୌଣସି କର୍ମଚାରୀ ମୁହଁ ଖୋଲନ୍ତି ତେବେ ଠିକା ସଂସ୍ଥା ସେମାନଙ୍କୁ ବାହାର କରି ଦେବାକୁ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ କର୍ମଚାରୀମାନେ ବାରମ୍ବାର ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଏବଂ ଅଧକ୍ଷାଙ୍କୁ ଅଭିଯୋଗ କଲେ ମଧ୍ୟ ଏନେଇ ବିଜ୍ଞାପିତ ଅଞ୍ଚଳ ପରିଷଦ କୌଣସି ପଦକ୍ଷପ ଗ୍ରହଣ କରୁନାହିଁ। ଏନେଇ ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦର ସମସ୍ତ ସଫେଇ କର୍ମଚାରୀମାନେ ଶନିବାର କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ଫଳରେ ସହରର ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡିଥିବା ଦେଖିବାକୁ ମିଳିଛି। ଅପରାହ୍ନରେ ଠିକା ସଂସ୍ଥାର କର୍ମଚାରୀ ଏବଂ ସଫେଇ କର୍ମଚାରୀଙ୍କ ସହ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ଓ ଉପାଧ୍ୟକ୍ଷଙ୍କ ସହ ମିଳିତ ଆଲୋଚନାରେ ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

**PUBLIC NOTICE : LOSS OF ID CARD**

**PUBLIC NOTICE**

This is to bring to the notice of the general public that one ID Card of Mr Shibani Shankar Pradhan issued by ICICI Bank Ltd. having ID card no. 2525144 has been found missing and/or lost on 15.10.2025. Anyone, who finds the said ID card, is requested to return the said ID card to the Manager, Debt Services & Management Group, ICICI Bank Limited, Bhubaneswar.

Therefore, all the customers of ICICI Bank Limited are hereby notified not to make any payment to any unauthorised person holding the said ID card no. 2525144

Please take further notice that anybody making payment to any person holding the said ID card shall do so at his/her own costs, risk and peril and ICICI Bank shall not be bound and/or responsible for any payment.

Date : 15.10.2025
Place : BHUBANESWAR
Sd./- For ICICI Bank Limited

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. MCSW-ShellRep-25-26-21

**କାର୍ଯ୍ୟର ନାମ :** 24 (ଚବିଶି) ମାସ ଅବଧି ନିମନ୍ତେ ରେଳ ଡବା ମରାମତି କାରଖାନା, ମଞ୍ଚେଶ୍ୱର ଠାରେ ICF ଏବଂ LHB କୋଚ୍‌ଗୁଡ଼ିକର ହେଭି ଶେଲ୍ (Heavy Shell) ମରାମତି।

**ବିଜ୍ଞାପିତ ମୂଲ୍ୟ :** ₹ 3,89,85,092.46, EMD : ₹ 3,44,900/-, ଶେଷ ହେବା ଅବଧି : 24 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.21.10.2025ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.04.11.2025ରିଖ 1500 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।

ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର(POH-II), CRW/ମଞ୍ଚେଶ୍ୱର
PR-696/Q/25-26

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. EPC-CECONIVBBS 2025046, ତା.10.10.2025ରିଖ

**କାର୍ଯ୍ୟର ନାମ :** କଣ୍ଟାବାଞ୍ଜି ଠାରେ 200 ସଂଖ୍ୟକ କ୍ଷମତା ବିଶିଷ୍ଟ ୱାଗନ POH କାରଖାନାର ସଂସ୍ଥାପନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 23019.30 ଲକ୍ଷ, EMD : ₹ 1,15,10,000/-, କାର୍ଯ୍ୟ ଶେଷ ହେବା ଅବଧି : 18 (ଅଠର) ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.12.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-139/CI/25-26

**कार्यपालक अभियन्ता का कार्यालय, लघु सिंचाई प्रमंडल, राँची**
**कमरा नं० 302, तृतीय तल्ला, अभियंत्रण भवन, कचहरी चौक, राँची- 834001**
ई-मेल - eemidran-cemr-jhr@nic.in, midranchi2018@gmail.com, फोन नं० - 0651-3512781

पत्रांक................../ **शुद्धि-पत्र** राँची, दिनांक ........./........./2025

कार्यपालक अभियंता, लघु सिंचाई प्रमण्डल, राँची का पत्रांक -616 दिनांक-25.09.25 द्वारा PR No.362990 Minor Irrigation (25-26).D दिनांक 27.09.2025 को प्रकाशित निविदा में निम्न प्रकार संशोधन किया जाता है:-

| क्रमांक | विवरण | पूर्व में अंकित निविदा का तिथि एवं समय | संशोधित निविदा का तिथि एवं समय |
|---|---|---|---|
| 1 | Date of Publication of e-tender on website | 18.10.2025 up to 2:00 pm | 03.11.2025 up to 2.00 pm |
| 2 | Last date for /time for submission of e-tender BID's | 25.10.2025 up to 5:00pm | 10.11.2025 up to 3:00 pm |
| 3 | Last date for online Submission of tender fee and EMD | 25.10.2025 up to 5:00pm | 10.11.2025 up to 3:00 pm |
| 4 | Date of opening tender | 30.10.2025 at 2:00 Pm | 12.11.2025 at 4:00 pm |

निविदा की शेष सभी शर्तें पूर्वतः बनी रहेगी।

विश्वासभाजन
कार्यपालक अभियन्ता, लघु सिंचाई प्रमंडल, राँची
PR 364512 Minor Irrigation(25-26)#D

**OFFICE OF THE EXECUTIVE ENGINEER**
**National Highway Division, RCD, Deoghar**
**Circular Road, Near D.C. Residence, Deoghar, Jharkhand (814112)**
**E-mail ID : eenhdeoghar@gmail.com**

**Corrigendum**

Tender Ref. No. NH/DEOGHAR /STMC/01/2025-26 Dated. 09.10.2025, which was published in daily newspaper [PR No. 364122 (Deoghar)25-26*D] the following corrigendum has been made.

| Sl. No. | Section | Length (km) | Estimated Cost (Rs. Lakhs) | Bid Security (Rs. Lakhs) | Contract Duration *(months) |
|---|---|---|---|---|---|
| 1. | STMC Work from Km 65.500 to Km 87.475(excluding 84.950 km to 85.785 Km) of NH-114A for the year 2025-26 | 21.14 Km | 388.50 (Excluding GST) | 3.89 | 12 months |

Important Dates.

| | | |
|---|---|---|
| 1. | Date of Issue of Notice Inviting RFP | 09.10.2025 |
| 2. | Period of Sale of Bid Document | From 30.10.2025 12:00 HRS to 20.11.2025 upto 17:00 HRS Through official portal of : [https:// eprocure.gov.in] |
| 3. | Pre Bid meeting | 07.11.2025 (12:30 HRS) |
| 4. | BID Due Date | 20.11.2025 Upto 17:00 HRS Through official portal of : [https:// eprocure.gov.in] |
| 5. | Last date of physical submission of bid security, POA and other documents in original | 21.11.2025, up to 17.00 HRS |
| 6 | Time and Date of Opening Technical Bid (RFP) | 24.11.2025 15:00 HRS Through official portal of : [https:// eprocure.gov.in] |
| 7. | Time and Date Opening Financial Bid | To be notify. Through official portal of : [https:// eprocure.gov.in] |
| 8. | Place of Opening of Bids | Office of the Chief Engineer, NH Wing, Jharkhand, Ranchi Through official portal of: [https:// eprocure.gov.in/] |
| 9. | Bid Validity | 120 Days From the Bid Due Date. |
| 10. | Officer Inviting Bids | Executive Engineer NH Division, Deoghar RCD Jharkhand. |

PR 364528 (Deoghar)25-26*D
Executive Engineer NH Division, Deoghar

**कार्यालय, जिला अभियंता जिला परिषद गिरिडीह**

**अतिअल्पकालीन निविदा आमंत्रण सूचना**

ई0-निविदा संख्या- DE/ZP/GIRIDIH/11/2025-26

ई- निविदा सूचना संख्या - DE/ZP/GIRIDIH/11/2025-26

1. कार्य की विस्तृत विवरणी :- 15वें वित्त आयोग के स्वास्थ्य प्रक्षेत्र योजना मद्।

| क्रं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य अवधि |
|---|---|---|---|---|---|
| 1 | Construction of Primary Health Centre at Udnabad under Block Giridih District Giridih | 1,42,99,800.00 | 2,86,000.00 | 10,000.00 | 12 माह |
| 2 | Construction of Primary Health Centre at Balhara under Block Dhanwar District Giridih | 1,42,99,800.00 | 2,86,000.00 | 10,000.00 | 12 माह |

2. वेबसाइट में निविदा प्रकाशन की तिथि - 25.10.2025
3. ई-निविदा प्राप्ति की तिथि एवं समय दिनांक 25.10.2025 से दिनांक 04.11.2025 को अपराह्न 5:00 बजे तक
4. ई-निविदा खोलने का स्थान- जिला अभियंता, जिला परिषद का कार्यालय, गिरिडीह।
5. ई-निविदा खोलने की तिथि एवं समय- 06.11.2025 अपराह्न 3:00 बजे
6. ई-निविदा आमंत्रित करने वाले पदाधिकारी का नाम एवं पता :- जिला अभियंता, जिला परिषद, गिरिडीह।
7. ई-निविदा प्रकोष्ठ का दूरभाष संख्या - 7979762672 (संबंधित जिला अभियंता, गिरिडीह का दूरभाष नम्बर)
8. परिमाण विपत्र की राशि घट-बढ़ सकती है। तद्नुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई-भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही संवेदक की होगी।
11. जिला परिषद, गिरिडीह के समुचित श्रेणी एवं उससे एक उपर के निबंधित संवेदक ही भाग ले सकते है।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

जिला अभियंता,
जिला परिषद, गिरिडीह
PR 364456 Rural Development (25-26)_D

**B.I.T. SINDRI**
**P.O.-SINDRI INSTITUTE**
**DIST; DHANBAD (JHARKHAND) PIN: 828123**

**e-tender Notice - BIT/20/2025-26/Envi/Chem2**
Reference Number: BIT/20/2025-26/Envi/Chem2 Dated :- 17-10-2025
Tender ID: 2025_DHTE_105984_1

| | | |
|---|---|---|
| 1 | Name & address of office Inviting tender | Director, B.I.T., Sindri, P.O. Sindri Institute, Sindri, Dhanbad, Jharkhand - 828123 |
| 2 | Name or work | Supply and installation of Equipment of Environmental Engineering Lab of Chemical Engineering Department BIT Sindri, Dhanbad, Jharkhand. |
| 3 | Document download start date | 21-10-2025 |
| 4 | Document download end date | 11-11-2025 |
| 5 | Bid submission end date | 11-11-2025 |
| 6 | Bid opening date | 12-11-2025 |

Bidders must bid through e-tenders portal.
Further details can be seen on website:- https://jharkhandtenders.gov.in

Sd-/
Director,
B.I.T., Sindri
PR 364508 Higher Education, Technical Education and Skill Development Department (25-26)_D

**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

**CSR DEPARTMENT**

SUB: FINANCIAL ASSISTANCE TO STUDENTS FOR PURSUING PROFESSIONAL STUDIES (AY 2025-26 JOINING)

ABRIDGED VERSION OF CIRCULAR NO. CSR/2025-26/200 Dtd. 09/10/2025

LAST DATE FOR SUBMISSION OF APPLICATION – 30/11/2025

Applications in the prescribed format are invited for grant of the above financial assistance from the eligible students as per details given below.

**Eligibility criteria for application:**

- The student should belong to Scheduled Caste or Scheduled Tribe/others, and should be a resident of Sundargarh district, Odisha.
- The applicant should have taken admission in academic year 2025-26 :
  **Graduation course in Engineering, Medical or Agriculture (including integrated/dual degree M.Tech. Course) OR**
  **Post Graduation course of at least two years duration in Engineering/ Medical/ Agriculture/ Business Administration.**
- Details of professional course, in the academic year 2025-26 in a recognized institution should be as follows,–
  i. For Graduation Courses of at least four years duration (B.Tech./B.Sc(Engg.)/B.Sc(Ag) etc.).
  ii. For Graduation Courses of less than 4-years duration (e.g. Lateral entry in B.Tech./B.Sc(Engg.) after Diploma in Engg.).
  iii. For Graduation courses of more than 4-years duration (e.g. 5 yrs MBBS, 5-yr integrated/dual degree M.Tech.). **OR**
  iv. For Post Graduate course of at least two years duration (e.g. M.Tech./MD/MS M.Sc.(Ag)/MBA etc.)
- The student, whose parents (taken together) are having annual income from all sources **not exceeding Rs.2,50,000/- (Rupees Two Lakhs Fifty Thousand)**, shall be eligible for the financial assistance.

**Basis of Selection:** The best twenty students (10 boys and 10 girls) separately for the graduation courses including 5-yr MBBS/5-yr integrated/dual degree M.Tech.) and best 10 students (5 boys and 5 girls) for Post-graduation courses will be selected from amongst the eligible applicants. In case there is a shortfall in number of selected candidates in either of the categories i.e Boys or Girls for which merit lists are prepared separately, then the applicants from the merit list of the other category may be additionally selected for the scholarship keeping the total number of scholarships as 20 in case of Graduation courses and 10 in case of Post-Graduation courses.

**Financial assistance amount:** The amount of financial amount is Rs.1,20,000/- (Rupees One Lakh Twenty Thousand Only) for the graduation courses of 4-year duration, Rs. 90,000/- (Rupees Ninety Thousand only) for the graduation courses of less than 4 years (e.g. lateral entry in B.Tech./B Sc (Engg.) after Diploma in Engg., Rs.1,50,000/- (Rupees One Lakh Fifty Thousand Only) for courses of 5-yr duration and Rs. 60,000/- (Rupees Sixty Thousand Only) for the post-graduation courses, per student for entire duration of the course. The amount will be released in equal yearly installments @ Rs. 30.000/- (Rupees Thirty Thousand Only) per Academic Year based on documentary evidence of admission and continuation in the course.

For further details on the basis of selection, financial assistance amount and mode of payment, application format etc., the main circular as referred above may be referred to. The details along with application format are available in the 'News' section of "Career" page at our company's website **www.sail.co.in** or **www.sailcareers.co.in**. The duly completed application along with required documents are to be submitted in a sealed envelope at the office of the **General Manager I/c, CSR Department, IPD Building, Sector-20, Rourkela - 769 005** latest by **30/11/2025 (4.00 PM).**

**General Manager I/c (CSR)**

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life

# କରୁଣା ରହିଲେ ମଣିଷ ଆଗକୁ ବଢ଼ିପାରିବ: ମନ୍ତ୍ରୀ ହରିଚନ୍ଦନ

## ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

ପୁରୀ,୧୮।୧୦(ଅଜିତ୍ କୁମାର ମହାନ୍ତି)




ଶ୍ରୀଅରବିନ୍ଦ ଧାମ ପୂର୍ଣ୍ଣାଙ୍ଗ ଶିକ୍ଷା ଏକାଡେମୀର ସୁବର୍ଣ୍ଣ ଜୟନ୍ତୀ ସମାରୋହର ପ୍ରଥମ ଅଧିବେଶନରେ ଉପସ୍ଥିତ ଅତିଥିଙ୍କ ସହ ଛାତ୍ରୀଛାତ୍ର ।

